Vol.-I, Issue No-14
16-30- Sept. 2022
online portal : odishasanket.com
Mail ID : odishasanket@gmail.com
Price : Rs. 5.00, Page -8

# ଓଡ଼ିଶା ସଙ୍କେତ
Odisha Sanket

ସମାଜ ପାଇଁ ଭିନ୍ନ ଏକ ପରିକଳ୍ପନା
R.N.I. Title Code-ODIODI08118



ଆଶା ପାରେଖଙ୍କୁ
'ଦାଦା ସାହେବ ଫାଲକେ' ପୁରସ୍କାର

## ୪୦ ହଜାର କୋଟିର ଦୁର୍ଗାପୂଜା, ୩ ଲକ୍ଷ ନିଯୁକ୍ତି



କୋଲାକତା: ପଶ୍ଚିମବଙ୍ଗରେ ଦୁର୍ଗାପୂଜା କେବଳ ପରମ୍ପରା କିମ୍ବା ମନୋରନ ପାଇଁ ହେଉନି। ବରଂ ଏହାର ପ୍ରଭାବ ଦେଶ ତଥା ରାଜ୍ୟର ଅର୍ଥନୀତି ଉପରେ ମଧ୍ୟ ରହିଛି। ଦୁର୍ଗାପୂଜାର ମେଢ଼ ଠାରୁ ଆରମ୍ଭ କରି ମା'ଙ୍କ ପ୍ରତିମୂର୍ତ୍ତି ଓ ଅନ୍ୟାନ୍ୟ ସାଜସଜ୍ଜା ପାଇଁ ପ୍ରତିବର୍ଷ ୪୦ ହଜାର କୋଟି ଟଙ୍କାର ବ୍ୟବସାୟ ହେଉଛି। ଏହି ଦୁର୍ଗାପୂଜା କାମ ଯୋଗୁ ପ୍ରତିବର୍ଷ ପ୍ରାୟ ୩ ଲକ୍ଷ ନିଯୁକ୍ତି ସୁଯୋଗ ମଧ୍ୟ ମିଳୁଛି। ରାଜ୍ୟରେ ପ୍ରତିବର୍ଷ ୪୦ ହଜାର ପେଣ୍ଡାଲରେ ପୂଜା ହେଉଛି। କେବଳ କୋଲକେତାରେ ଏହି ସଂଖ୍ୟା ୩ ହଜାର ରହିଛି ବୋଲି ଏହି କାର୍ଯ୍ୟ ସହ ଜଡ଼ିତ ଅଂଶୀଦାରମାନେ କହିଛନ୍ତି। ପୂଜା ଯୋଗୁ ରାଜ୍ୟରେ ୩ରୁ ୪ ମାସ ଆର୍ଥିକ କାରବାର ବେଶ ଭଲ ରହିଥାଏ ବୋଲି ମଧ୍ୟ ସେମାନେ ସୂଚନା ଦେଇଛନ୍ତି। ୪୦୦ଟି ପୂଜା କମିଟିକୁ ନେଇ ଗଠିତ ଫୋରମ ଫର ଦୁର୍ଗା ଉତ୍ସବ(ଏଫଏଫଡି)ର ଅଧ୍ୟକ୍ଷ ପାର୍ଥ ଘୋଷ କହିଛନ୍ତି, ନ୍ତପୂଜା କାମର ନେଣଦେଣ ୪୦ ହଜାର କୋଟିରୁ ଆଦୌ କମ ନୁହେଁ।

ପୂଜା ବଜାର ୩ରୁ ୪ ମାସ ତଳକୁ ଆରମ୍ଭ ହୁଏ। ଏହାର ପ୍ରସ୍ତୁତ ଓ କାମରେ ପ୍ରାୟ ଅଢ଼େଇରୁ ୩ ଲକ୍ଷ ଲୋକ ସାମିଲ ହୋଇ ରୋଜଗାର କରିବାକୁ ସକ୍ଷମ ହୁଅନ୍ତି। ପୂଜା କମିଟି ଗୁଡ଼ିକ ଛୋଟଛୋଟ ଉଦ୍ୟୋଗ ଭାବେ କାମ କରିବା ସହ ଅନ୍ୟମାନଙ୍କୁ ନିଯୁକ୍ତି ଦିଅନ୍ତି।

ଶ୍ରୀ ଘୋଷ ଦୀର୍ଘ ୫୨ ବର୍ଷ ହେଲା ଏଫଏଫଡି ସହ ଯୋଡ଼ି ହୋଇ ରହିଛନ୍ତି। ଏଥିସହ ଦକ୍ଷିଣ କୋଲକାତାର ଶିବ ମନ୍ଦିର ସାର୍ବଜନୀନ ଦୁର୍ଗା ପୂଜାର ସେ ଜଣେ ଆୟୋଜକ। ୫ ଦିନ ଧରି ମା'ଙ୍କ ପୂଜା ପାଇଁ ବିଭିନ୍ନ କ୍ଷେତ୍ରରେ ଲୋକମାନେ ସାମିଲ ହୁଅନ୍ତି। ପେଣ୍ଡାଲ ତିଆରି, ମା'ଙ୍କ ପ୍ରତିମୂର୍ତ୍ତି, ଇଲେକ୍ଟ୍ରିସିଆନ, ସିକ୍ୟୁରିଟି ଗାର୍ଡ, ପଣ୍ଡିତ, ପାରମ୍ପରିକ ବାଦ୍ୟଯନ୍ତ୍ର ବଜାଉଥିବା ଲୋକ, ଶ୍ରମିକ, ଭୋଗ ଓ କ୍ୟାଟିନ ଭଳି କାମ ପାଇଁ ଲୋକଙ୍କୁ ନିଯୁକ୍ତି ଦିଆଯାଇଥାଏ।

ଶ୍ରୀ ଘୋଷ କହିଛନ୍ତି, ଆମେ ପରମ୍ପରା ପାଇଁ ଦୁର୍ଗାପୂଜା କରୁଥିବା ବେଳେ ଏହାଦ୍ୱାରା ଅନେକ ଲୋକ ଲାଭ ପାଉଛନ୍ତି। କେବଳ ଯେ ଦୁର୍ଗାପୂଜା ସହ ଜଡ଼ିତ ଲୋକଙ୍କୁ ନିଯୁକ୍ତି ମିଳୁଛି ତାହା ନୁହେଁ, ବରଂ ଫ୍ୟାଶନ, ଟେକ୍ସଟାଇଲ୍ସ, ଜୋତା, ପୋଷାକ, କସମେଟିକ ଓ ବିଭିନ୍ନ ଖୁଚୁରା ବ୍ୟବସାୟ କରୁଥିବା ଲୋକମାନେ ବି ରୋଜଗାର କ୍ଷମ ହେଉଛନ୍ତି। କାରଣ ପୂଜା ବେଳେ ଲୋକମାନେ ଏହି ସବୁ ଜିନିଷ ଅଧିକ ମାତ୍ରାରେ କିଣନ୍ତି। ଏହାବାଦ ବିଭିନ୍ନ ବହି, ବିଜ୍ଞାପନ, ଟୁର ଆଣ୍ଡ ଟ୍ରାଭେଲ, ହୋଟେଲ, ରେଷ୍ଟୁରାଣ୍ଟ, ଫିଲ୍ମ ଓ ଏଣ୍ଟରଟେନମେଣ୍ଟ କ୍ଷେତ୍ର ମଧ୍ୟ ଏହି ୫ ଦିନ ମଧ୍ୟରେ ବହୁତ ଭଲ ରୋଜଗାର କରିବାକୁ ସକ୍ଷମ ହୁଅନ୍ତି ବୋଲି ସେ କହିଛନ୍ତି।

ଏଫଏଫଡି ସଭାପତି କାଜଲ ସରକାର କହିଛନ୍ତି, ଚଳିତ ବର୍ଷ ଦୁର୍ଗାପୂଜା ସହ ଜଡ଼ିତ ଆର୍ଥିକ କାରବାର ପ୍ରାୟ ୫୦ ହଜାର କୋଟି ପାର କରିବ ବୋଲି ଆଶା କରାଯାଉଛି। ଦୁଇ ବର୍ଷ ପରେ ପୂଜା ଭଲ ଭାବେ କରାଯାଉଛି। ଏଥିପାଇଁ ଲୋକଙ୍କ ଭିଡ଼ ଅଧିକ ରହୁଛି। ବିଭିନ୍ନ କର୍ପୋରେଟ୍ସ ମଧ୍ୟ ପ୍ରାୟୋଜକ ସାଜିବାକୁ ଆଗ୍ରହ ଦେଖାଇଛନ୍ତି। ସେମାନେ ରାଜ୍ୟରେ ୫୦୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଲୋକଙ୍କର ମଧ୍ୟ ଚଳିତ ବର୍ଷ ପୂଜା ବୁଲିବା ଓ ଏଠାରୁ ଜିନିଷ କିଣିବାର ଆଗ୍ରହ ଅଧିକ ରହିଥିବା ସେ ସୂଚନା ଦେଇଛନ୍ତି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବେଙ୍ଗଲର ଦୁର୍ଗାପୂଜାକୁ ୟୁନେସ୍କୋ ପକ୍ଷରୁ ସାଂସ୍କୃତି ଐତିହ୍ୟର ମାନ୍ୟତା ମିଳିଛି। ଏହି ମାନ୍ୟତା ସମସ୍ତଙ୍କ ସହଯୋଗ ଯୋଗୁ ମିଳି ପାରିଛି। ତେଣୁ ଆଗାମୀ ଦିନରେ ଏହା ବେଙ୍ଗଲର ଦୁର୍ଗାପୂଜା ପରମ୍ପରାକୁ ଆହୁରି ଆଗକୁ ନେବ ବୋଲି ଆଶା କରାଯାଉଛି। ୨୦୧୩ ବେଳକୁ ଦୁର୍ଗା ପୂଜା ବେଳେ ୨୫ ହଜାର କୋଟିର ଆର୍ଥିକ କାରବାର ହେଉଥିଲା।

ସେତେବେଳେ ଏହି କାରବାର ୩୫% ବୃଦ୍ଧି ପାଇବ ବୋଲି ଆଶା କରାଯାଉଥିଲା। ଯଦି ଏହାକୁ ଆମେ ବିଚାରକୁ ନେବା, ତା'ହେଲେ ଚଳିତ ବର୍ଷ ଦୁର୍ଗା ପୂଜା ବେଳେ ୭୦ ହଜାର କୋଟି ଟଙ୍କାର ଆର୍ଥିକ କାରବାର ହେଉଥିବା କୁହାଯାଇ ପାରେ। ବିଶେଷଜ୍ଞଙ୍କ ମତରେ ଦୁର୍ଗା ପୂଜା ବେଳେ ରାଜ୍ୟର ଅର୍ଥନୀତିକୁ ବେଶ ଫାଇଦା ମିଳିଥାଏ। ବ୍ରାଜିଲ ରିଓ ଡେ ଜାନେଇରୋ ଯେଉଁଭଳି ଭାବେ ଦେଶର ଅର୍ଥନୀତିକୁ ବଳ ଯୋଗାଥାଏ, ତା'ରୁ ଅଧିକ ରାଜସ୍ୱ ଦୁର୍ଗାପୂଜା ବେଳେ ବେଙ୍ଗଲକୁ ମିଳିଥାଏ।

ବ୍ରିଟିଶ କାଉନସିଲ ପକ୍ଷରୁ ଦୁର୍ଗାପୂଜା ବେଳେ ଆର୍ଥିକ ସ୍ଥିତିର ସମୀକ୍ଷା କରାଯାଇଥିଲା। ଏହି ସମୟରେ ଜଣାପଡ଼ିଛି ଯେ ୨୦୧୯ରେ ଦୁର୍ଗାପୂଜା ବେଳେ ହେଉଥିବା ଆର୍ଥିକ କାରବାର ରାଜ୍ୟ ଜିଡିପର ୨.୫୮%। ୨୦୧୯ ଦୁର୍ଗାପୂଜା ବେଳେ ପ୍ରାୟ ୩୩ ହଜାର କୋଟି ବା ୪.୫ ବିଲିୟନର ଡଲାରର କାରବାର ହୋଇଥିଲା। କିନ୍ତୁ କରୋନା ଯୋଗୁ ୨ ବର୍ଷ ସେତେଟା ଲାଭ ମିଳି ନଥିଲା। ଚଳିତ ବର୍ଷ ସ୍ଥିତି ବଦଳିବା ସହ ଦୁର୍ଗାପୂଜା ଶିଳ୍ପର ବିକାଶ ହୋଇଛି।

## ଯବାନଙ୍କ ମହାନତା
### ଅସୁସ୍ଥ ବୃଦ୍ଧଙ୍କୁ ୫ କିମି ବୋହି ମେଡିକାଲ ନେଲେ



ମାଲକାନଗିରି: ମହାନତାର ପରିଚୟ ଦେଲେ ବିଏସଏଫ ଯବାନ। ଜ୍ୱରରେ କମ୍ପୁଥିବା ଜଣେ ବୃଦ୍ଧ ବ୍ୟକ୍ତିଙ୍କୁ ଖଟିଆରେ କାନ୍ଧେଇ କାନ୍ଧେଇ ଜଙ୍ଗଲ ରାସ୍ତା ପାର କରି ମେଡିକାଲ ପଠାଇଲେ। ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକର ଡାବୁଗୁଡ଼ା ଗାଁରେ ଦେଖିବାକୁ ମିଳିଛି ଯବାନଙ୍କ ଏପରି ମାନବିକତାର ଚିତ୍ର।

ଗାଁର ୭୦ ବର୍ଷୀୟ ବୃଦ୍ଧ ଦାମୋଦର ଶିଶାଙ୍କୁ ଜ୍ୱର ହୋଇଥିଲା। ପରିବାର ଲୋକେ ବୃଦ୍ଧ ବ୍ୟକ୍ତିଙ୍କୁ ଚଲାଇ ଚଲାଇ ମେଡିକାଲ ନେଉଥିଲେ। କାହିଁକିନା ଡାବୁଗୁଡ଼ା ଗାଁରୁ ମୁଖ୍ୟରାସ୍ତା କଦମଗୁଡ଼ାକୁ ଆସିବାକୁ ଭଲ ରାସ୍ତାଟିଏ ନାହିଁ। ଜଙ୍ଗଲ ରାସ୍ତା ଦେଇ ୮ କିମି ବାଟ ଚାଲି ଡାବୁଗୁଡ଼ା ଗ୍ରାମବାସୀ କଦମଗୁଡ଼ାକୁ ଆସିଥାନ୍ତି। ସେଠାରୁ ଗାଡ଼ିମଟର ସାହାଯ୍ୟରେ ଖଇରପୁଟ ଯାଇଥାନ୍ତି। ଗତକାଲି ଦାମୋଦରଙ୍କୁ ପରିବାର ଲୋକେ ଡାକ୍ତର ଦେଖାଇବା ପାଇଁ ଚଲାଇ ଚଲାଇ କଦମଗୁଡ଼ା ଆଣୁଥିଲେ। ସେଠାରୁ ଗାଡ଼ି ଦ୍ୱାରା ଖଇରପୁଟ ମେଡିକାଲକୁ ଯାଇଥାନ୍ତେ। ଦାମୋଦର ଜ୍ୱରରେ ପୀଡିତ ଥିବାରୁ ଠିକ୍‌ରେ ଚାଲିପାରୁ ନଥିଲେ।

ଏହି ସମୟରେ ଖଇରପୁଟର ୧୫୧ ବିଏସଏଫ ବାଟାଲିୟନର କିଛି ଯବାନ ଜଙ୍ଗଲକୁ କମ୍ବିଂ ଅପରେସନରେ ଯାଇଥିଲେ। ବୃଦ୍ଧଙ୍କ ଦୟନୀୟ ଅବସ୍ଥା ଦେଖି ସେମାନେ ନିଜକୁ ରୋକି ପାରିନଥିଲେ। ପରେ ଯବାନମାନେ ନିକଟ ଗାଁରୁ ଖଟିଆ ଯୋଗାଡ଼ କରି ଦାମୋଦରଙ୍କୁ ୫ କିଲୋମିଟର ପାହାଡ଼ିଆ ରାସ୍ତାରେ କାନ୍ଧରେ ବୋହି କଦମଗୁଡ଼ା ନେଇଥିଲେ। ପରେ ସେଠାରୁ ଗାଡ଼ି ଦ୍ୱାରା ଖଇରପୁଟ ମେଡିକାଲ ନିଆଯାଇଥିଲା।

ଯବାନଙ୍କ ଏଭଳି ମାନବିକତା ଯୋଗୁ ସବୁ ମହଲରେ ସେମାନଙ୍କୁ ପ୍ରଶଂସା କରାଯାଉଛି। ପରିବାର ଲୋକେ ମଧ୍ୟ ସେମାନଙ୍କର ଏଭଳି କାର୍ଯ୍ୟକୁ ପ୍ରଶଂସା କରିବା ସହ ଧନ୍ୟବାଦ ଜଣାଇଛନ୍ତି ।

## ସବୁ ଜିଲ୍ଲାରେ ହେବ ଫିଜିଓଥେରାପି ସେଣ୍ଟର



ଭୁବନେଶ୍ୱର: ବରିଷ୍ଠ ନାଗରିକମାନଙ୍କ ପାଇଁ ରାଜ୍ୟର ସବୁ ଜିଲ୍ଲାରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ୟୁନିଟ୍ ସୁବିଧା ସହ ଫିଜିଓଥେରାପି ସେଂଟର କାର୍ଯ୍ୟକ୍ଷମ କରାଯିବ ବୋଲି ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି । ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଅବସରରେ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରୀ ପଣ୍ଡା କହିଛନ୍ତି ଯେ, ରାଜ୍ୟରେ ସାମାଜିକ ସୁରକ୍ଷା ଭତ୍ତା ହିତାଧିକାରୀଙ୍କ ମଧ୍ୟରେ ପ୍ରାୟ ୩୦ଲକ୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ରହିଛନ୍ତି। ବରିଷ୍ଠ ନାଗରିକଙ୍କ ସେବାଯତ୍ନ ନିମନ୍ତେ ଅଧିକ ତାଲିମପ୍ରାପ୍ତ ମାନବସମ୍ବଳ ସୃଷ୍ଟି କରାଯିବା ଉପରେ ଗୁରୁତ୍ୱ ଦିଆଯାଇ ଖୁବଶୀଘ୍ର ସେବାକାରୀଙ୍କ ପାଇଁ ଏକ ତାଲିମ ପ୍ରତିଷ୍ଠାନ ଆରମ୍ଭ ହେବ । ଫାଇଭ-ଟି ଅନ୍ତର୍ଗତ ବୟସ୍କ ନାଗରିକମାନଙ୍କ ସମସ୍ୟାଗୁଡ଼ିକର ପିକରଣ ଓ ସମାଧାନ ପାଇଁ ଅନଲାଇନ୍ ସୁବିଧା ଉପଲବ୍ଧ ହୋଇଛି । ରାଜ୍ୟ ସରକାର ପ୍ରତି ଜିଲ୍ଲାରେ ସମନ୍ୱିତ ଭିତ୍ତିଭୂମି କେନ୍ଦ୍ରଗୁଡ଼ିକରେ ବରିଷ୍ଠ ନାଗରିକମାନଙ୍କ ପାଇଁ ବିଶେଷ ସୁବିଧାସୁଯୋଗର ବ୍ୟବସ୍ଥା କରୁଛନ୍ତି । ପ୍ରଥମ ପର୍ଯ୍ୟାୟରେ ୧୦ଟି ଜିଲ୍ଲାରେ ଏ ସଂକ୍ରାନ୍ତ କାର୍ଯ୍ୟ ଆଗେଇ ଚାଲିଥିବାବେଳେ ଜଟଣୀ ଓ ସମ୍ବଲପୁର କେନ୍ଦ୍ରର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ବିଭାଗୀୟ ସଚିବ ଭାସ୍କର ଜ୍ୟୋତି ଶର୍ମା ଓ ବରିଷ୍ଠ ଅଧିକାରୀମାନଙ୍କ ସମେତ ବରିଷ୍ଠ ନାଗରିକଙ୍କ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ପ୍ରକାଶ ପାଇଲା ଓଏଏସ୍ ପରୀକ୍ଷା ଫଳ, ତେଜସ୍ୱିନୀ ଟପର




ଭୁବନେଶ୍ୱର : ପ୍ରକାଶ ପାଇଲା ଓଡ଼ିଶା ସିଭିଲ୍ ସର୍ଭିସ୍-୨୦୨୦ ପରୀକ୍ଷା ଫଳ। ଉତ୍ତୀର୍ଣ୍ଣ ହେଲେ ମୋଟ ୩୯୨ ପରୀକ୍ଷାର୍ଥୀ। ସେଥି ମଧ୍ୟରୁ ୧୪୮ ଜଣ ଛାତ୍ରୀ ଅଛନ୍ତି। ତେଜସ୍ୱିନୀ ବେହେରା ହୋଇଛନ୍ତି OAS ଟପର।

ପ୍ରକାଶ ପାଇଥିବା ଓଏଏସ୍ ପରୀକ୍ଷା ଫଳ। ଏଥିରେ ପ୍ରଥମ ୩ଟି ସ୍ଥାନ ଅଧିକାର କରିଛନ୍ତି ଛାତ୍ରୀ। ତେଜସ୍ୱିନୀ ବେହେରା OAS ଟପର ହୋଇଥିବା ବେଳେ ଶୁଭଙ୍କରୀ ସୁଦେଷ୍ଣା ଦାଶ ଦ୍ୱିତୀୟ ଓ ଅନନ୍ୟା ସୃଷ୍ଟି ଶତପଥୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଚତୁର୍ଥରେ ଦେବବ୍ରତ କର, ପଞ୍ଚମରେ ଦେବବ୍ରତ ମହାରଣା, ଷଷ୍ଠରେ ଅଭିସ୍ମିତା ତିୱାରୀ, ସପ୍ତମରେ ଶୁଭଶ୍ରୀ ରଥ, ଅଷ୍ଟମରେ ଶ୍ରୀତପା ମିଶ୍ର, ନବମରେ ବିବେକାନନ୍ଦ ଷଡ଼ଙ୍ଗୀ, ଦଶମରେ ତପତି ରାଜ, ଏକାଦଶରେ ପଙ୍କଜ କୁମାର ମହାନ୍ତ, ଦ୍ୱାଦଶରେ ତନ୍ମିତା କର ଓ ୧୩ ନମ୍ବରରେ ଅଭିଜିତ ଷଡ଼ଙ୍ଗୀ ରହିଛନ୍ତି।

ସେହିପରି ୧୪ ନମ୍ବର ସ୍ଥାନରେ କସ୍ତୁରୀ ପଣ୍ଡା, ୧୫ ନମ୍ବରରେ ବିଭୂପ୍ରସାଦ ସିଂହ, ୧୬ ନମ୍ବରରେ ବିଶ୍ୱଜିତ ପଣ୍ଡା, ୧୭ ନମ୍ବରରେ ହରପ୍ରିୟା ପୃଷ୍ଟି, ୧୮ ନମ୍ବରରେ ରାମକୃଷ୍ଣ ସତ୍ୟରାଜ ଗୁରୁ, ୧୯ ନମ୍ବର ଅଣାକାର ନାୟକ, ୨୦ ନମ୍ବରରଆ ଲିତୁସ୍ମିତା ମିଶ୍ର ଅଛନ୍ତି। ପ୍ରଥମ ଆଟେମ୍ପ୍ଟରେ ଟପର ହୋଇଥିବା ତେଜସ୍ୱିନୀ ବେହେରା କହିଛନ୍ତି, ପ୍ରଥମ ହେବି ବୋଲି ଭାବି ନଥିଲି। କିନ୍ତୁ ଲିଷ୍ଟରେ ନାଁ ରହିବ ନିଶ୍ଚିତ ଥିଲି। ଅର୍ଥନୀତି ଏବଂ ଗୃହ ବିଜ୍ଞାନ ଅପ୍ସନାଲ ରଖିଥିଲି। ଔଘଟରେ ଅର୍ଥନୀତିରେ ପିଜି କରିବା ଦିନରୁ ପ୍ରସ୍ତୁତି ଚଳାଇଥିଲି। ପ୍ରସ୍ତୁତି କରିବା ପାଇଁ ଔଘଟ ଭଲ ପରିବେଶ ଦେଇଥିଲା। ସାକ୍ଷାତକାର ପରୀକ୍ଷା ମାତ୍ର ୧୫ ମିନିଟ ଥିବାରୁ ଟିକେ ଆଶଙ୍କା ଥିଲା। ସାକ୍ଷାତକାରରେ ଅର୍ଥନୀତି ଓ ରାଜନୀତି ବିଷୟରେ ପ୍ରଶ୍ନ ଥିଲା ବୋଲି ତେଜସ୍ୱିନୀ କହିଛନ୍ତି। ଓଏଏସ୍ ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଶୁଭଙ୍କରୀ ସୁଦେଷ୍ଣା ଦାଶ କହିଛନ୍ତି, ନ୍ତଦ୍ୱିତୀୟ ଆଟେମ୍ପ୍ଟରେ ସଫଳତା ପାଇଛି। ୨୦୧୯ ମସିହାରେ ପ୍ରଥମେ OAS ଦେଇଥିଲି। କିନ୍ତୁ ପ୍ରିଲିମ୍‌ରୁ କଟିଥିଲି। ପ୍ରାଣୀ ଚିକିତ୍ସକ ଭାବେ ଚାକିରି କରୁଥିଲି। OAS ପାଇଁ ଚାକିରି ଛାଡ଼ିଥିଲି। ଜୁଲୋଜି ଓ ଭେଟେରିନାରୀ ଅପ୍ସନାଲ ରଖିଥିଲି। ୨ୟ ଥର ବେଳକୁ କୋଚିଂ ନେଲି। ଜଣେ ଭଲ ମେଣ୍ଟର ମଧ୍ୟ ମିଳିଲେ। ପ୍ରାଣୀ ଚିକିତ୍ସକ ଭାବେ ଚାକିରି କରୁଥିଲି। ପରୀକ୍ଷା ପାଇଁ ଚାକିରି ଛାଡ଼ିଥିଲି।

ଓଏଏସ୍ ପରୀକ୍ଷାରେ ତୃତୀୟ ଟପର ଅନନ୍ୟା ସୃଷ୍ଟି ଶତପଥୀ କହିଛନ୍ତି, ରେଜଲ୍ଟ ଭଲ ହେବ ନିଶ୍ଚିତ ଥିଲି। ୩ୟ ହେବି ବୋଲି ଭାବି ନଥିଲି। ଏହା ମୋର ପ୍ରଥମ ଆଟେମ୍ପ୍ଟ ଥିଲା। ସମାଜ ବିଜ୍ଞାନ, ଗୃହ ବିଜ୍ଞାନ ଅପ୍ସନାଲ ଥିଲା। ବୁର୍ଲାରୁ ଇଂଜିନିୟରିଂ ପରେ ଏବେ ମୁଁ Ph.D କରୁଛି। ସୋଶାଲ୍ ମିଡିଆରୁ ଯଥେଷ୍ଟ ଦୂରରେ ରହୁଥିଲି। ଫେସବୁକ୍ ନଥିଲା। ରିଲାକ୍ସ ପାଇଁ ଗଜଲ ଶୁଣେ।

୨୦୨୦-୨୧ ବର୍ଷ ପାଇଁ ଅନୁଷ୍ଠିତ ଓସିଏସ୍ ପରୀକ୍ଷାରେ ପ୍ରିଲିମ୍ ପାଇଁ ପ୍ରାୟ ୬୦ ହଜାର ପିଲା ପରୀକ୍ଷା ଦେଇଥିଲେ। ସେ ଭିତରୁ ମେନ ପାଇଁ ୪ ହଜାର ୭ ଶହ ୪ ଜଣ ସିଲେକ୍ଟ ହୋଇଥିଲେ। ତେବେ ଶେଷ ପର୍ଯ୍ୟାୟ ସାକ୍ଷାତକାର ପରୀକ୍ଷା ପାଇଁ ମୋଟ୍ ୭୮୪ ପରୀକ୍ଷାର୍ଥୀ ମନୋନୀତ ହୋଇଥିଲା ବେଳେ କୃତକାର୍ଯ୍ୟ ହୋଇଛନ୍ତି ମୋଟ୍ ୩୯୨। ଉତ୍ତୀର୍ଣ୍ଣଙ୍କ ଭିତରୁ ପୁରୁଷଙ୍କ ସଂଖ୍ୟା ୨୪୪ ଥିଲା ବେଳେ ମହିଳାଙ୍କ ସଂଖ୍ୟା ହେଉଛି ୧୪୮। ୨୦୧୯ରେ ୧୯୮ଟି ପଦବୀ ପାଇଁ ପରୀକ୍ଷା ହୋଇଥିଲା ବେଳେ ଏଥର ସର୍ବାଧିକ ୩୯୨ ପଦବୀ ପାଇଁ ପରୀକ୍ଷା ହୋଇଛି।

### ସୁପ୍ରିମକୋର୍ଟଙ୍କ ଐତହାସିକ ରାୟ
## ସବୁ ମହିଳାଙ୍କର ଅଛି ଗର୍ଭପାତର ଅଧିକାର




ନୂଆଦିଲ୍ଲୀ: ମହିଳା ଅଧିକାରକୁ ନେଇ ସୁପ୍ରିମକୋର୍ଟ ଐତିହାସିକ ରାୟ ଦେଇଛନ୍ତି। ଦେଶରେ ରହୁଥିବା ସମସ୍ତ ମହିଳାଙ୍କର ସୁରକ୍ଷିତ ଓ ଆଇଗତ ଉପାୟରେ ଗର୍ଭପାତ କରିବାର ଅଧିକାର ରହିଛି। ବିବାହିତ ଓ ଅବିବାହିତ ମହିଳାଙ୍କ ମଧ୍ୟରେ ପାର୍ଥକ୍ୟ ସୃଷ୍ଟି କରିବା ଅସାମ୍ବିଧାନିକ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

ସୁପ୍ରିମକୋର୍ଟ ମେଡିକାଲ ଟର୍ମିନେସନ ଅଫ ପ୍ରେଗେନ୍ସି(ଏମଟିପି) ବା ଗର୍ଭପାତ ଅଧିକାର ଉପରେ ଶୁଣାଣି କରିଛନ୍ତି। ଏହି ସମୟରେ କୋର୍ଟ କହିଛନ୍ତି, ଏମଟିପି ଆକ୍ଟ ଅଧୀନରେ ଅବିବାହିତ ମହିଳାଙ୍କର ଗର୍ଭପାତ କରିବାର ଅଧିକାର ରହିଛି। ବିବାହିତ ଓ ଅବିବାହିତ ମହିଳାଙ୍କ ମଧ୍ୟରେ କୌଣସି ପ୍ରକାରର ପାତରଅନ୍ତର କରାଯାଇ ପାରିବ ନାହିଁ। ଭାରତରେ ପ୍ରଚଳିତ ଗର୍ଭପାତ ଆଇନରେ ମଧ୍ୟ ବିବାହିତ ଓ ଅବିବାହିତ ମହିଳାଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ।

ଗର୍ଭପାତ ପାଇଁ ବୈବାହିକ ଦୁଷ୍କର୍ମକୁ ଦୁର୍ଷ୍କର୍ମ ମଧ୍ୟରେ ଗଣାଯାଇ ପାରିବ ବୋଲି କୋର୍ଟ କହିଛନ୍ତି। ଏହାର ଅର୍ଥ ବିବାହିତ ମହିଳା ବୈବାହିକ ଦୁଷ୍କର୍ମର ଶିକାର ହେଲେ ଗର୍ଭପାତ କରାଇ ପାରିବେ।

କୋର୍ଟ ଆହୁରି କହିଛନ୍ତି, 'ଏକକ କିମ୍ବା ଅବିବାହିତ ମହିଳାଙ୍କୁ ୨୦ରୁ ୨୪ ସପ୍ତାହ ମଧ୍ୟରେ ଗର୍ଭପାତ ପାଇଁ ବାରଣ କରିବା ଓ ବିବାହିତ ମହିଳାଙ୍କୁ ଏଥିପାଇଁ ଅନୁମତି ଦେବା ଧାରା ୧୪ ବା ମୌଳିକ ଅଧିକାରର ମୂଳ ଭାବନାକୁ କ୍ଷତି ପହଞ୍ଚାଇବା ସହ ସମାନ। ଗର୍ଭପାତପାଇଁ ମହିଳାଙ୍କ ବୈବାହିକ ସ୍ଥିତିକୁ ବିଚାର କରାଯିବ ନାହିଁ। ଇଚ୍ଛା ନଥିବା ଗର୍ଭକୁ ଜଣେ ଅବିବାହିତ ମହିଳା ଚାହିଁଲେ ନଷ୍ଟ କରିପାରିବେ। ଏକକ ଓ ଅବିବାହିତ ମହିଳାମାନେ ଏମଟିପି ଆଇନ ଓ ନିୟମ ଅନୁସାରେ ୨୪ ସପ୍ତାହ ମଧ୍ୟରେ ଗର୍ଭପାତ କରିପାରିବେ।

ବାହାଘର ଜଣେ ବ୍ୟକ୍ତିଙ୍କର ଅଧିକାର ପାଇଁ ଏକ ପ୍ରାକ୍ ସର୍ତ୍ତ ବୋଲି ପୂର୍ବରୁ ଥିବା ବିଚାରବୋଧକୁ ଆଧୁନିକ ଆଇନ ବଦଳାଇ ସାରିଛି। ଏମଟିପି ଆଇନ ଆଜିର ବାସ୍ତବତାକୁ ବୁଝିବା ଦରକାର ଓ ପୁରୁଣା ନିୟମରେ ଏହା ବାନ୍ଧି ହୋଇ ରହିବା ଅନୁଚିତ। ଆଇନ କେବେ ହେଲେ ସ୍ଥିର ହୋଇ ରହିବା କଥା ନୁହେଁ ଓ ସାମାଜିକ ବାସ୍ତବତାକୁ ନଜରେ ରଖି ଏହା ପରିବର୍ତ୍ତନଶୀଳ ହେବା ଉଚିତ।

ଅସୁରକ୍ଷିତ ଗର୍ଭପାତ ଉପରେ ଚିନ୍ତା ପ୍ରକଟ କରି ସୁପ୍ରିମକୋର୍ଟ କହିଛନ୍ତି, 'ଅସୁରକ୍ଷିତ ଗର୍ଭପାତ ଏବେ ବି ମାତୃ ମୃତ୍ୟୁହାରର ତୃତୀୟ ସର୍ବାଧିକ କାରଣ ସାଜିଛି। ଭାରତରେ ୬୦% ଗର୍ଭପାତ ଅସୁରକ୍ଷିତ ଉପାୟରେ କରାଯାଉଛି। ସୁରକ୍ଷିତ ଗର୍ଭପାତ ସେବା ଯୋଗାଇ ଦେବାକୁ ମନା କରିବା ଓ କଟକଣା ଯୁକ୍ତ ଗର୍ଭପାତ କରିବା ଅସୁରକ୍ଷିତ ଗର୍ଭପାତ ବଢ଼ିବାର ମୁଖ୍ୟକାରଣ।

ବିବାହିତ ମହିଳାମାନେ ମଧ୍ୟ ଯୌନ ନିର୍ଯାତନା କିମ୍ବା ଦୁଷ୍କର୍ମ ବର୍ଗର ପୀଡ଼ିତାଙ୍କ ଅଂଶବିଶେଷ। ଇଚ୍ଛା ନଥାଇ ମଧ୍ୟ ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ସହ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ ହେଉଛନ୍ତି। ତେଣୁ ଯଦି ଜଣେ ବିବାହିତ ମହିଳା କିମ୍ବା ଅବିବାହିତ ମହିଳା ଗର୍ଭପାତ କରିବାକୁ ଚାହୁଁଛନ୍ତି, ତା'ହେଲେ ବିନା ଦୁଷ୍କର୍ମ ମାମଲା ରୁଜୁ କରି ଏହା କରାଯାଇ ପାରିବ। ଯଦି ଜଣେ ମହିଳା ନିଜର ସ୍ୱାମୀ କିମ୍ବା ଅନ୍ୟ ଯେକୌଣସି ବ୍ୟକ୍ତିଙ୍କ ଦ୍ୱାରା ଦୁଷ୍କର୍ମର ଶିକାର ହୋଇଥିବା ଦାବି କରୁଛନ୍ତି, ତା'ହେଲେ ବିନା ଏଫଆଇଆରରେ ସୁରକ୍ଷିତ ଗର୍ଭପାତ କରାଯାଇ ପାରିବ ବୋଲି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି।

କୋର୍ଟ ଆହୁରି କହିଛନ୍ତି, ପୋକ୍ସୋ ଆକ୍ଟ ଅଧୀନରେ ଯଦି ଜଣେ ନାବାଳିକା ଗର୍ଭପାତ କରାଇବାକୁ ଚାହୁଁଛନ୍ତି, ତା'ହେଲେ ମେଡିକାଲ କର୍ମଚାରୀ ତାଙ୍କ ପରିଚୟ ସାର୍ବଜନୀନ କରିବାର ଆବଶ୍ୟକ ନାହିଁ।



# ଶ୍ରୀକ୍ଷେତ୍ରର ଗୋସାଣୀଯାତ ଓ ନାଗା ଉପାସନାର ପରମ୍ପରା

ଆଦ୍ୟକଥନିକା:
ପୁରଷୋତ୍ତମ-କ୍ଷେତ୍ର ଶାକ୍ତପରମ୍ପରାର ଏକ ପ୍ରଧାନ ପୀଠ। ଏହି ପୀଠରେ ଶାକ୍ତ ଧାରାର ବହୁଦିଗ ପରୀକ୍ଷାନିରୀକ୍ଷା ଦେଇ ବିକାଶ ଲାଭ କରିଛି। ସେହି ପରୀକ୍ଷା ବେଳେ ଯେଉଁ ସିଦ୍ଧାନ୍ତ-ବିନ୍ଦୁ ନିର୍ଦ୍ଦିଷ୍ଟ ହୋଇଛି ସେଗୁଡ଼ିକ ତନ୍ତ୍ର-ଦର୍ଶନର ଅମୂଲ୍ୟ ଗ୍ରନ୍ଥଗୁଡ଼ିକରେ ସନ୍ନିବେଶିତ। ତାହା ନିଜେ ସମସ୍ତ ପୂର୍ବ ଭାରତକୁ ଆଚ୍ଛାଦିତ କରି ରଖିଥିଲା। ତାହାର ଯେତେବେଳେ ପରିବ୍ୟାପ୍ତ ଦିଗ ଅଖଣ୍ଡ ଭାରତକୁ ସ୍ପର୍ଶ କଲା ସେତେବେଳେ ଆଦିଶଙ୍କରଙ୍କ ଚେତନାକୁ ଚହଲେଇ ଦେଇଥିଲା। ନଚେତ୍ ମା'ବିମଳାଙ୍କୁ କ୍ଷେତ୍ରର କ୍ଷେତ୍ରେଶ୍ୱରୀ ରୂପେ ଉଦ୍‌ଘୋଷଣା କରି ନ ଥାଆନ୍ତେ।
ଜଗନ୍ନାଥୋ ଦେବତାତ୍ର କ୍ଷେତ୍ରଂ ତୁ ପୁରୁଷୋତ୍ତମମ୍।
ଦେବୀ ତୁ ବିମଳାଦେବୀ ତୀର୍ଥଂଚୈବ ମହୋଦଧିଃ।।
(ଶକ୍ତି ସଂଗମତନ୍ତ୍ର ୪।୮/୭୬-୭୭)
ଆଦିଶଙ୍କରଙ୍କର ଲିଖିତ ଏହି ଶ୍ଳୋକରୁ ଆମେ ଅବଗତ ହେଉଛେ ଶ୍ରୀକ୍ଷେତ୍ରର ଐତିହ୍ୟ ଓ ପରମ୍ପରାରେ ଶାକ୍ତଧାରା କିପରି ଜୀବନର ଏକ ମୁଖ୍ୟ ବିକାଶଧାରା ରୂପେ ପଲ୍ଲବିତ ହୋଇଥିଲା। ସେହି ଧାରାର ଲୁକ୍କାୟିତ ବିଭାଗଗୁଡ଼ିକର ଯେଉଁ ବାହ୍ୟରୂପଗୁଡ଼ିକ ସ୍ମୃତିଚିହ୍ନ ରୂପେ ଆମ୍ଭମାନଙ୍କ ପାଖରେ ରହିଛି ତାହା ଆମେ ଦେଖୁଛେ। ସେଗୁଡ଼ିକ ଲୋକ ସଂସ୍କୃତିରେ ଆଜି ଆମମାନଙ୍କ ପାଖରେ ଉଦ୍‌ଜୀବିତ ହୋଇ ରହିଛି।

**ଗୋସାଣୀ ଯାତ:-**
ଶ୍ରୀକ୍ଷେତ୍ରରେ ଶାକ୍ତ ଉପାସନାର ପ୍ରାଚୀନତା ସମ୍ବନ୍ଧରେ ଆମେ ଖୁବ୍ ଅବଗତ ଅଛେ। ଏହି ଉପାସନାର ମୁଖ୍ୟ ଦିଗ ଶାରଦୀୟ ଦୁର୍ଗୋତ୍ସବ। କଳିଙ୍ଗର ସାଧବ ପୁଅଠାରୁ ଓଡ୍ରର ପାଇକବାହିନୀ ତଥା ଉତ୍କଳର ଶିଳ୍ପୀ ପର୍ଯ୍ୟନ୍ତ ସମସ୍ତେ ଏହି ପର୍ଯ୍ୟାୟରେ ସାମିଲ୍ ଅଛନ୍ତି। ଏହି ଉତ୍ସବ ଆଶ୍ୱିନ ମାସ କୃଷ୍ଣପକ୍ଷ ମହାଷ୍ଟମୀଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ଷୋଳଦିନ ବ୍ୟାପୀ ପାରମ୍ପରିକ ରୀତିରେ ପାଳିତ ହୋଇଥାଏ। ଶ୍ରୀକ୍ଷେତ୍ରରେ ଏହି ଉତ୍ସବ ଆଉ ପାଦେ ଆଗେଇ ଯାଇ ଏହାକୁ 'ଗୋସାଣୀ ଯାତ' ରୂପେ ଆଖ୍ୟା ଦେଇ ସମାଜର ନିମ୍ନସ୍ତରଠାରୁ ଉପରସ୍ତର ପର୍ଯ୍ୟନ୍ତ ଗଣାଭିମୁଖୀ କରାଇପାରିଛି।
ଦେବୀ ପୂଜାର ସାମାନ୍ୟ ପରିବର୍ତ୍ତିତ ଏଇ ଯେଉଁ ପାରମ୍ପରିକ ରୀତି ଶ୍ରୀକ୍ଷେତ୍ରରେ ଅନୁସୃତ ହୋଇଆସୁଛି ତାହାର ଐତିହ୍ୟ ଏବଂ ଶାସ୍ତ୍ରୀୟ ଦିଗ ସ୍ପଷ୍ଟ ପ୍ରତିଭାତ। ଅବଶ୍ୟ ପୂଜାକାଳରେ ଦେବୀମାନଙ୍କୁ ଗୋସାଣୀ ସମ୍ବୋଧିତ କରିବାର ପରମ୍ପରା ପ୍ରାଚୀନ ନୁହେଁ। ଷୋଳପୂଜା ବା ତିନିପୂଜା ପରେ ଦଶହରା ପରଦିନ ଏକାଦଶୀ ତିଥିରେ ସିଂହଦ୍ୱାର ସାମ୍ନାରେ ଦେବୀମାନଙ୍କର ଯେଉଁ ମେଳଣ ହୁଏ, ଉକ୍ତ ଯାତକୁ ଗୋସାଣୀ ଯାତ କୁହାଯାଏ। ସେଠାକୁ ଆସୁଥିବା ଦେବୀମାନଙ୍କୁ ବାରବାଟୀ ଗୋସାଣୀ ବା ଜହ୍ନିଖାଇ ଗୋସାଣୀ ଇତ୍ୟାଦି ନାମରେ ଅଭିହିତ କରାଯାଏ। ସେଥିପାଇଁ ପରବର୍ତ୍ତୀ କାଳରେ ପୂଜିତ ହେଉଥିବା ଦେବୀଙ୍କୁ ମଧ୍ୟ ଗୋସାଣୀ କୁହାଯାଉଛି। କିନ୍ତୁ ତାହା ବାସ୍ତବ ନୁହେଁ।
ବାସ୍ତବ ହେଉଛି ପୀଠରୁ ମୃଣ୍ମୟୀ ମୂର୍ତ୍ତି ମେଳଣ ଉଦ୍ଦେଶ୍ୟରେ ବାହାରିବା ପୂର୍ବରୁ ବିସର୍ଜନ କରାଯାଇ ସାରିଥାଏ। ତେଣୁ ମନ୍ତ୍ରଦ୍ୱାରା ବିସର୍ଜିତ ମୂର୍ତ୍ତି ମେଳଣକୁ ଆସିଥିବାରୁ ସେମାନଙ୍କୁ ଗୋସାଣୀ ସମ୍ବୋଧିତ କରିବା ଯଥାର୍ଥ। ସେହି ଯାତକୁ ସେଥିପାଇଁ ଗୋସାଣୀ ଯାତ ମଧ୍ୟ କୁହାଯାଏ।



**ଗୋସାଣୀର ପରିଭାଷା:-**
ଗୋସାଣୀ ଶବ୍ଦ ଏକ ପାରିଭାଷିକ ତାନ୍ତ୍ରିକ ଶବ୍ଦ ନୁହେଁ। ଏହା ସମ୍ପୂର୍ଣ୍ଣ ଏକ ଅପଭ୍ରଂଶ ନିମ୍ନସ୍ତରୀୟ ଶାବରତନ୍ତ୍ରର ଲୋକାଚାର ଶବ୍ଦ ବା ଅଶରୀରୀ ପର୍ଯ୍ୟାୟର। ଲୋକାକାରରେ ଯେପରି ଘଟରୁ ଜୀବ ଚାଲିଯିବା ପରେ ସେହି ବ୍ୟକ୍ତି 'ମରି ଗୋସାଣୀ ହେଲାଣି' ବୋଲି ଲୋକୋକ୍ତି ରହିଛି, ସେହିପରି ମୃଣ୍ମୟୀ ଦେବୀ ବିଗ୍ରହରେ ଦୈବୀଶକ୍ତିଙ୍କୁ ଆବାହନ କରି ମନ୍ତ୍ର ମାଧ୍ୟମରେ ଶକ୍ତିକୁ ବିସର୍ଜନ କରି ଦେବା ପରେ ଉକ୍ତ ବିଗ୍ରହକୁ ଗୋସାଣୀ କୁହାଯାଏ। ଏହା ସମ୍ପୂର୍ଣ୍ଣ ଓଡ଼ିଆର ଏକ ଲୋକୋକ୍ତି। ଏହି ଲୋକୋକ୍ତି ଶ୍ରୀକ୍ଷେତ୍ରର ସଂସ୍କୃତିରେ ସ୍ଥାନ ପାଇ ଏକ ଚମତ୍କାର ଲୁକ୍କାୟିତ ଦାର୍ଶନିକ ଭାବଧାରାକୁ ପ୍ରତିନିଧିତ୍ୱ କରୁଛି ମାତ୍ର।
ବାସ୍ତବରେ ତିନିଦିନ ଧରି ପୁରୀର ପୀଠମାନଙ୍କରେ ପୂଜିତ ହେଉଥିବା ମୃଣ୍ମୟୀ ଦେବୀ ବିଗ୍ରହ ପୂଜା ପାଉଥିବା ପୀଠରୁ ହିଁ ବିସର୍ଜିତ ହୋଇ ମେଳଣକୁ ଯିବା ପୂର୍ବରୁ ଗୋସାଣୀ ହୋଇସାରିଥାଆନ୍ତି। ଉତ୍କଳଦୀପିକାରୁ ଜଣାଯାଏ ପୂର୍ବେ ଏହି ଗୋସାଣୀମାନଙ୍କର ମେଳଣ ଶ୍ରୀକ୍ଷେତ୍ରର 'ନନ୍ଦିଗ୍ରାମ'ଠାରେ ଅନୁଷ୍ଠିତ ହେଉଥିଲା। ଏହି ନନ୍ଦିଗ୍ରାମ ବଡ଼ଦାଣ୍ଡରେ ଥିବା ଜଗନ୍ନାଥବଲ୍ଲଭ ମଠର ପୂର୍ବପାର୍ଶ୍ୱ ଅଞ୍ଚଳକୁ କୁହାଯାଉଥିଲା। ଯେଉଁଠାରେ ଏବେ କ୍ୟାବିନ୍ ପଡ଼ି ଏକ ବଜାର ସୃଷ୍ଟି କରାଯାଇଛି। ସେଠାରୁ ଗୋସାଣୀ ମେଳଣ କେବେ ସିଂହଦ୍ୱାରକୁ ସ୍ଥାନାନ୍ତରିତ ହେଲା ତାହା ଜଣାପଡ଼ି ନାହିଁ। କିନ୍ତୁ ନନ୍ଦିଗ୍ରାମରେ ଏହି ମେଳଣ ପଞ୍ଚଦଶ ଶତାବ୍ଦୀରେ ଗୌଡ଼ୀୟ-ବୈଷ୍ଣବମାନଙ୍କର ଆଧିପତ୍ୟ ବୃଦ୍ଧି ପାଇବା ପରେ ହୋଇଥିବାର ଅନୁଭବ କରିହୁଏ। କାରଣ ନନ୍ଦିଗ୍ରାମ ଏକ ଗୌଡ଼ୀୟ ବୈଷ୍ଣବ ଧାରାର ପାରିଭାଷିକ ଶବ୍ଦ। ସେମାନେ ହୁଏତ ଏହି ଗୋସାଣୀମାନଙ୍କୁ ରାଧା ଏବଂ ଅନ୍ୟାନ୍ୟ ଗୋପୀମାନଙ୍କର ଅଂଶଭୂତା ବୋଲି ଗ୍ରହଣ କରିନେଇ ଶାକ୍ତ ପରମ୍ପରାର ଏହି ଗୋସାଣୀଯାତକୁ ସ୍ୱୀକାର କରି ନେଇଥିଲେ। ତାହା ପୂର୍ବରୁ ଏହି ମେଳଣ କେଉଁଠି ହେଉଥିଲା ତାହାର ଇତିହାସ ଜଣାପଡ଼ି ନାହିଁ।

**ଗୋସାଣୀଯାତର ଐତିହ୍ୟ:-**
ଇତିହାସ ଦୃଷ୍ଟିରୁ ବିଚାର କଲେ ଯାଗାଘର ଓ ଆଖେଡ଼ା ଘର ସୃଷ୍ଟି ବେଳଠାରୁ ଏହି ଯାତ ସୃଷ୍ଟି ହୋଇଛି ବୋଲି କହି ହେବ ନାହିଁ, କାରଣ ଗଙ୍ଗବଂଶୀୟ ସମ୍ରାଟ ଅନନ୍ତ ବର୍ମା ଚୋଡ଼ଗଙ୍ଗ ଦେବ (ଖ୍ରୀଷ୍ଟ ୧୦୭୬-୧୧୪୭)ଙ୍କ ଦ୍ୱାରା ଜାଗାଘରଗୁଡ଼ିକର ସୃଷ୍ଟି ହୋଇଥିଲା ବୋଲି କୁହାଯାଏ। ଅନ୍ୟ କେତେକଙ୍କ ମତରେ ଅଯୋଧ୍ୟା ଆଖେଡ଼ାର ପ୍ରତିଷ୍ଠାତା ସୀତାରାମ ଦାସ ଖ୍ରୀ ୧୦୮୭ରେ ପୁରୀରେ ଆଖେଡା ସୃଷ୍ଟି କଲେ। ବାସ୍ତବରେ ସେ ମୂଳ ଆଖେଡ଼ାର ପ୍ରତିଷ୍ଠାତା ନୁହଁନ୍ତି। ମାତ୍ର ଦୁଇଟି ଆଖେଡ଼ାର ପରବର୍ତ୍ତୀ କାଳର ପ୍ରତିଷ୍ଠାତା। ସେହିପରି ରାଜଗୁରୁ ନୀଳକଣ୍ଠ ବାଜପେୟୀ ମଧ୍ୟ ଯାଗାଘରଗୁଡ଼ିକ ସୃଷ୍ଟି କରି ନ ଥିଲେ। ସୃଷ୍ଟି ହୋଇଥିବା ଯାଗା ସହିତ ଆଉ ଗୋଟିଏ ଦୁଇଟି ଯାଗା ଯୋଡ଼ି ଦେଇଥିଲେ। ଯାଗା ଘରର ସୃଷ୍ଟିକର୍ତ୍ତା ହେଉଛନ୍ତି ଅନଙ୍ଗ ଭୀମଦେବ (୧୧୯୦-୧୧୯୮)। ସେ ମୁସଲମାନ ଆକ୍ରମଣକାରୀଙ୍କୁ ପ୍ରତିହତ କରିବା ପାଇଁ, ଶ୍ରୀକ୍ଷେତ୍ରକୁ ରକ୍ଷା କରିବା ପାଇଁ ସାରା ଓଡ଼ିଶାରେ ଯେଉଁଭଳି ୩୮ଟି ଗଡ଼ଜାତର ବଳୟ ସୃଷ୍ଟି କରିଥିଲେ ସେହିପରି ପୁରୀରେ ବାସିନ୍ଦାମାନଙ୍କୁ ସଙ୍ଘବଦ୍ଧ କରିବା ପାଇଁ ଯାଗା ଓ ଆଖେଡ଼ାର ମୂଳଦୁଆ ପକାଇଥିଲେ। ଏହା ଫଳରେ ଶ୍ରୀକ୍ଷେତ୍ର ଏକ ସୁସଂହତ ଓ ସୁସମୃଦ୍ଧ କ୍ଷେତ୍ରରେ ପରିଣତ ହେବାକୁ ଆରମ୍ଭ କରିଥିଲା। ତାହାହିଁ ଥିଲା ଶ୍ରୀକ୍ଷେତ୍ରରେ ସାମାଜିକ ସ୍ଥିରତା ଓ ସୁଖ ସମୃଦ୍ଧିର ଚାବିକାଠି। ଏହା ଆରମ୍ଭ ହୋଇଥିଲା ଦ୍ୱାଦଶ ଶତାବ୍ଦୀର ଅନ୍ତିମ ଦଶକରୁ।
ତେଣୁ ସେତିକିବେଳୁ ପୁରୀକୁ ପ୍ରବେଶ କରିବାର ଯେଉଁ ଦୁଇଟି ଘାଟଥିଲା ସେ ଘାଟଗୁଡ଼ିକ ନିକଟରେ ଗଢ଼ି ଉଠିଥିଲା ହାତୀ ଆଖେଡ଼ା, ବାଘ ଆଖେଡ଼ା, ନିର୍ବାଣୀ ଆଖେଡ଼ା ଓ ନିର୍ମୋହୀ ଆଖେଡ଼ା। ଏହି ଚାରୋଟି ଯାକ ଆଖେଡ଼ା ଶ୍ରୀକ୍ଷେତ୍ରର ଉତ୍ତର ଓ ପୂର୍ବ ଦିଗରୁ ଆକ୍ରମଣ କରିବାକୁ ଆସୁଥିବା ବାହ୍ୟଶତ୍ରୁଙ୍କୁ ପ୍ରତିହତ କରିବା ପାଇଁ ଯଥେଷ୍ଟ ଥିଲା। ଶ୍ରୀକ୍ଷେତ୍ରର ପଶ୍ଚିମ ଦିଗରୁ ମୁସଲମାନଙ୍କୁ ପ୍ରତିରୋଧ କରିବା ପାଇଁ ଲୋକନାଥଘାଟ ପୂର୍ବରୁ ପ୍ରତିଷ୍ଠା ହୋଇଥିଲା 'ନାଗାମଠ'। ପରବର୍ତ୍ତୀ କାଳରେ 'ମଙ୍ଗଳାଘାଟ' ସୃଷ୍ଟି ହେବାରୁ ଆଖେଡ଼ାର ପ୍ରାୟୋଜନ ଅପେକ୍ଷା ସ୍ଥାନୀୟ ଲୋକଙ୍କୁ ସଂଘବଦ୍ଧ କରିବାର ଉଦ୍ଦେଶ୍ୟ ନେଇ ଯାଗାଘରମାନ ସୃଷ୍ଟି ହେଲା। ବାସ୍ତବରେ ଶ୍ରୀମନ୍ଦିରର ଦକ୍ଷିଣ ପଶ୍ଚିମ ଦିଗରେ ସବୁଠାରୁ ବେଶୀ ଯାଗାଘରମାନ ପ୍ରତିଷ୍ଠା ହୋଇଛି।
ପୁରୀର ଗୋସାଣୀଯାତ ଏ ସମସ୍ତ ଯାଗା-ଆଖେଡ଼ାର ସଂଘବଦ୍ଧ ଐତିହ୍ୟର ଜ୍ୱଳନ୍ତ ନିଦର୍ଶନ। ସେଥିପାଇଁ ପୁରୀର ଗୋସାଣୀଯାତରେ କେବଳ ଦେବୀମୂର୍ତ୍ତି ନ ରହି ଭିନ୍ନ ଭିନ୍ନ ବିଗ୍ରହମାନଙ୍କର ପୂଜାର୍ଚ୍ଚନା କରାଯାଏ। ପୁରୀର ପ୍ରମୁଖ ଗୋସାଣୀମାନଙ୍କ ମଧ୍ୟରେ ବାରବାଟୀ, ଜହ୍ନିଖାଇ, ହାଡ଼ବାଇ, ପଣାପ୍ରିୟା, ଗେଲବାଇ, ବନଦୁର୍ଗା, ଶୂନ୍ୟଗୋସାଣୀ, ନାଗା, ସମ୍ପାତି, ରାବଣ, ମାଲ, ବୁଢ଼ାବୁଢ଼ୀ, ଗଣେଶ ମଧ୍ୟ ସମ୍ପୃକ୍ତ। ନାଗାମାନଙ୍କର ପୂଜା ଉପାସନା ଯଠି ବନଦୁର୍ଗାମନ୍ତ୍ରରେ ସମ୍ପନ୍ନ କରାଯାଏ।

**ନାଗା ଉପାସନା:-**
ଆଦିଶଙ୍କରଙ୍କ ସୃଷ୍ଟ ଦଶନାମୀ-ସମ୍ପ୍ରଦାୟର ନାଗା ସମ୍ପ୍ରଦାୟ ଏକ ଅବିଚ୍ଛେଦ୍ୟ ଅଙ୍ଗ। ଏହି ସମ୍ପ୍ରଦାୟ ତତ୍କାଳୀନ ହିନ୍ଦୁମଠ, ମନ୍ଦିର ଓ ପୃଷ୍ଠପୋଷକଙ୍କର ରକ୍ଷା ପାଇଁ ସୃଷ୍ଟ। ସେମାନେ ସମଗ୍ର ଭାରତରେ ପ୍ରଥମେ ବୌଦ୍ଧ ଧର୍ମାବଲମ୍ବୀମାନଙ୍କୁ ପ୍ରତିହତ କରୁଥିଲେ। ପରେ ମୁସଲମାନ ଓ ମୋଗଲମାନଙ୍କୁ ମଧ୍ୟ ପ୍ରତିହତ କଲେ। ସେଥିପାଇଁ ମୁଖ୍ୟ ତୀର୍ଥକ୍ଷେତ୍ରମାନଙ୍କରେ ଆଖେଡ଼ାମାନ ପ୍ରତିଷ୍ଠା ହୋଇ ନାଗାମାନଙ୍କୁ 'ନାଗାସାଧୁ' ରୂପେ ଆଖ୍ୟା ଦେଇ ରକ୍ଷଣାବେକ୍ଷଣ କରାଯାଇଥିଲା। ବାସ୍ତବରେ ନାଗାମାନେ ଅଘୋଷିତ ଭାବରେ ନିଜ ନିଜ ଭିତରେ ଦୁଇ ଭାଗରେ ବିଭକ୍ତ। ଗୋଟିଏ ଗୋଷ୍ଠୀ ଖାଦ୍ୟ ସଂଗ୍ରହ କରିବା, ପରିବ୍ରାଜକ ବୃତ୍ତିରେ ସଂହତି ରକ୍ଷା କରିବା, ଖାଦ୍ୟ ରାନ୍ଧିବା ତଥା ପରିବେଷଣ କରିବା ଓ ଆଖେଡ଼ାମାନଙ୍କର ରକ୍ଷଣାବେକ୍ଷଣ କରିବା ଦାୟିତ୍ୱରେ ରହିଥାନ୍ତି। ଅନ୍ୟ ଗୋଷ୍ଠୀର ନାଗାମାନେ କୁସ୍ତି କସରତ କରିବା ସହିତ ମଲ୍ଲବିଦ୍ୟାରେ ଧୁରନ୍ଧର ହୋଇ ବିଭିନ୍ନ ଅସ୍ତ୍ରଚାଳନା ଶିକ୍ଷା କରି ପୁଷ୍ଟିକର ନିରାମିଷ ଖାଦ୍ୟ ଗ୍ରହଣ କରି ବୀରତ୍ୱର ଉପାସନା କରି ସଂରକ୍ଷିତ ଥା'ନ୍ତି। ସେମାନଙ୍କୁ କୁହାଯାଏ 'ନାଗା ବାଗା' ସାଧୁ। ନାଁ ଆଗକୁ କେହି ହିଁ, ନାଁ ପଛକୁ। ମାରିବୁ ନ ହେଲେ ମରିବୁ, ଧର୍ମ ରକ୍ଷା କରିବୁ। ଏଇ ଚେତନାରେ ସେମାନେ ଏକପାଖିଆ।



କିନ୍ତୁ ସେଇ ବୀରତ୍ୱର ପ୍ରତୀକ ନାଗାମାନଙ୍କର ପୂଜା ବିଧି କେବେ ଶ୍ରୀକ୍ଷେତ୍ରରେ ପ୍ରଚଳିତ ହେଲା ତାହାର ବିଧିବଦ୍ଧ ଇତିହାସ ମିଳୁ ନାହିଁ। ଉକ୍ତ ନାଗାମାନଙ୍କୁ 'ବନଦୁର୍ଗା' ମନ୍ତ୍ରରେ ପୂଜା କରାଯାଏ। ଏହା ମଧ୍ୟ ପର୍ଯ୍ୟାଲୋଚନାର ଅପେକ୍ଷା ରଖୁଛି। ଆମ୍ଭର ମନେହୁଏ ୧୬୪୭ ଖ୍ରୀଷ୍ଟାବ୍ଦ ପରେ ଏହି ନାଗା ଉପାସନାର ପ୍ରଚଳନ ଶ୍ରୀକ୍ଷେତ୍ରରେ ହୋଇଥିଲା। ସେତିକିବେଳେ ଅମୀର ନବାବ ଫତେ ଖାଁ ପୁରୀର ଖାଲିସାହିସ୍ଥିତ ଶ୍ରୀନଅର ଉପରେ ଆକ୍ରମଣ କରି ନରସିଂହ ଦେବଙ୍କୁ ହତ୍ୟା କରିଥିଲା। ଫତେ ଖାଁକୁ ସାହାଯ୍ୟ କରିଥିଲେ ଅନ୍ଧାରୀ ଜମିଦାର ଅନିରୁଦ୍ଧ ରାୟପିତାମ୍' ଓ ନରସିଂହ ଦେବଙ୍କ ପୁତୁରା ଗଙ୍ଗାଧର ରାୟ। ଫତେ ଖାଁ ଏକ କୋକୁଆ ଭୟ ସୃଷ୍ଟି କରିଥିଲେ ଶ୍ରୀକ୍ଷେତ୍ରରେ। ତାଙ୍କୁ ସେତେବେଳେ ପୁରୀର ନାଗାସାଧୁମାନେ ପ୍ରତିରୋଧ କରି ପ୍ରାଣପାତ କରିଥିଲେ। ଏପରିକି ଶ୍ରୀମନ୍ଦିର ଲୁଣ୍ଠନ ପାଇଁ ଫତେ ଖାଁକୁ ସିଂହଦ୍ୱାର ବାଟେ ଶ୍ରୀମନ୍ଦିରରେ ପ୍ରବେଶ କରାଇ ଦେଇ ନ ଥିଲେ। ଫତେ ଖାଁ ଦକ୍ଷିଣ ଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରି ଧନରତ୍ନ ଲୁଣ୍ଠନ କରି କଟକ ଫେରି ଯାଇଥିଲା। ନାଗାମାନଙ୍କର ପ୍ରବଳ ପ୍ରତିରୋଧ, ରକ୍ତାକ୍ତ ଲଢ଼େଇ ଏବଂ ମର୍ମନ୍ତୁଦ ମୃତ୍ୟୁ ସେତେ ଶ୍ରୀକ୍ଷେତ୍ରବାସୀଙ୍କୁ ପ୍ରଭାବିତ କରି ନ ଥିଲା। ତତୋଽଧିକ ପ୍ରଭାବିତ କରିଥିଲା ଫତେ ଖାଁର ଅର୍ଦ୍ଧାଧିକ ସୈନିକଙ୍କୁ ହତ୍ୟା କରିବା। ବଡ଼ଦାଣ୍ଡରେ ଗୋଡେଇ ଗୋଡ଼େଇ ନାଗାମାନେ ଫତେ ଖାଁର ସୈନ୍ୟମାନଙ୍କୁ ଲୁଚିଛପି ହତ୍ୟା କରିବା ଜନମାନସରେ ଗଭୀର ରେଖାପାତ କରିଥିଲା।
ସ୍ମୃତି ତୋଳି ଧରିବାରେ ଶ୍ରୀକ୍ଷେତ୍ରବାସୀ କୁଣ୍ଠିତ ନୁହଁନ୍ତି। ନାଗାମାନଙ୍କର ବୀରତ୍ୱର ସହ ପ୍ରାଣପାତ କରିବାର ବିବରଣୀ 'ଆଇ ମା'କାହାଣୀ' ହେବା ପୂର୍ବରୁ ବୀରତ୍ୱର ଉପାସକ ପୁରୀର ହରଚଣ୍ଡୀ ସାହିର ଯାଗା ଆଖେଡ଼ା ଓ ବାଲିସାହିର ଯାଗା ଆଖେଡାର ପୃଷ୍ଠପୋଷକମାନେ ଜାଗାମୂର୍ତ୍ତି ଗଡ଼ପୂଜାର ପ୍ରଚଳନ କରାଇ ଦେଇଥିଲେ। ଏଇ ଯେଉଁ ନାଗା ବିଗ୍ରହ ସେମାନେ ପୂଜା କଲେ ସେମାନଙ୍କୁ ବୀରତ୍ୱର ପ୍ରତିମୂର୍ତ୍ତି କଲେ। ସାଧୁର ପ୍ରତିମୂର୍ତ୍ତି ନୁହେଁ। ବୀରତ୍ୱର ବିଗ୍ରହ ଆମ ସଂସ୍କୃତିର ମହିଷାମର୍ଦ୍ଦିନୀ ଦୁର୍ଗା। ତେଣୁ ବୀର ନାଗା ବିଗ୍ରହରେ ଦୁର୍ଗାଦେବୀଙ୍କର ଆବାହନ କରି 'ବନଦୁର୍ଗା ମନ୍ତ୍ରରେ' ପୂଜାର୍ଚ୍ଚନା କଲେ। ହରଚଣ୍ଡୀ ସାହି ଓ ବାଲିସାହିରେ ଯେ ଦୁର୍ଗାବିଗ୍ରହ ଉପାସିତ ହେଲେ ନାହିଁ ତାହା ନୁହେଁ। ଦୁର୍ଗା ବିଗ୍ରହର ଉପାସନା ସହିତ ନାଗା ବିଗ୍ରହରେ ମଧ୍ୟ ସେମାନେ ଦୁର୍ଗାଙ୍କର ସେଇ ବୀର ସ୍ୱରୂପକୁ ଦେଖି ପାରିଥିଲେ। ସେଥିପାଇଁ ମା'ଦୁର୍ଗାଙ୍କର ବୀରତ୍ୱର ମୂର୍ତ୍ତିମନ୍ତ ପ୍ରତୀକ ରୂପେ 'ନାଗା' ପୂଜାକୁ ଦୁର୍ଗାପୂଜାରେ ସାମିଲ କରି ଦେଇଥିଲେ। ତାହାହିଁ ଆଜି ଶ୍ରୀକ୍ଷେତ୍ରର ଗୋସାଣୀଯାତର ଅବିଚ୍ଛେଦ୍ୟ ଅଙ୍ଗ ହୋଇଯାଇଛି।
ଏହା କାହିଁ କେଉଁ କାଳୁ ଓଡ଼ିଶାର ସଂସ୍କୃତିରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରିସାରିଛି। ଓଡ଼ିଶାର ଅଖ୍ୟାତ ପୁରପଲ୍ଲୀରେ ବି ଆଜି ନାଗା-ମେଢ଼ର ପଟୁଆର ହୃଦୟକୁ ଚହଲେଇ ଦିଏ, ଓଡ଼ିଆଙ୍କ ରକ୍ତକୁ ଉଷୁମେଇ ଦିଏ। 'ମେଢ଼' ପରମ୍ପରା ଅବଶ୍ୟ ପରବର୍ତ୍ତୀ ସମୟରେ ସଂଯୋଜିତ ହୋଇଛି। ତାହା ଆଉ ଏକ ଲୁକ୍କାୟିତ ଦର୍ଶନର ଧାରା। ଆଲୋଚନା ପାଇଁ ଏକ ସ୍ୱତନ୍ତ୍ର ପ୍ରବନ୍ଧର ଅପେକ୍ଷା ରଖେ। ନାଗାମେଢ଼ର ସଂସ୍କୃତି ସମଗ୍ର, ବିଶ୍ୱ ଦରବାରରେ ଆଜି ଓଡ଼ିଶାର ପ୍ରତିନିଧିତ୍ୱ କରୁଛି।

ଶେଷକଥା:-
ଦେବୀଙ୍କ ବ୍ୟତୀତ ଗୋସାଣୀଯାତରେ ଅନ୍ୟ ଯେଉଁମାନେ ଆଜି ସାମିଲ ଅଛନ୍ତି ସମ୍ପାତି ଚଢ଼େଇଠାରୁ ବୁଢ଼ାବୁଢ଼ୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପଛରେ ଏକ ବଳିଷ୍ଠ ଐତିହ୍ୟ ଲୁକ୍କାୟିତ ହୋଇ ରହିଥିବାର ମୁଁ ଅନୁଭବ କରୁଛି। ସେଇ ଐତିହ୍ୟକୁ ଲୋକଲୋଚନକୁ ଆଣିବାର ସମୟ ଆମକୁ ଆହ୍ୱାନ କରୁଛି। ଆମେ ଆମର ବଳିଷ୍ଠ ଐତିହ୍ୟକୁ ଯା ଦ୍ୱାରା ଜାଣିବା ଓ ଜଣାଇବା। ସମସ୍ତ ପ୍ରାଚୀନ ଆଖେଡ଼ା ଏବଂ ନାଗା ମଠକୁ ଜାତୀୟ ସ୍ମାରକୀ ରୂପେ ଘୋଷଣା କରି ତାହାକୁ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କଲେ ଆମେ ଆମର ଏକ ମହନୀୟ ଐତିହ୍ୟକୁ ଜାତୀୟସ୍ତରରେ ପ୍ରତିଷ୍ଠିତ କରିପାରିବା। ମହାମାନବୀୟ ଜାତୀୟ ସ୍ରୋତରେ ଶ୍ରୀକ୍ଷେତ୍ର କିପରି ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ତାହା ଆଉ ଅନ୍ଧକାରରେ ରହିବ ନାହିଁ।

# ଐତିହ୍ୟ ପୀଠରେ ଦେବୀ ନାରାୟଣୀଙ୍କ ଶାରଦୀୟ ପୂଜା

## ନାରାୟଣୀ ବନ୍ତରେ ନାରାୟଣୀଙ୍କ ଷୋଡ଼ଶ ଦିନାତ୍ମକ ପୂଜା

## ଆକ୍ରମଣରେ ଧ୍ୱଂସ ହୋଇଯାଇଥିଲା ନାରାୟଣୀ ପୀଠ

ପୁରୀରୁ କୋଣାର୍କ ଆଡ଼କୁ ଗଲେ ୧୫ କିମି ପରେ ରାସ୍ତାର ଦକ୍ଷିଣ ପାର୍ଶ୍ୱରେ ରହିଛି ନାରାୟଣୀ ବନ୍ତ। ଜଙ୍ଗଲମୟ ପରିବେଶରେ ପ୍ରାଚୀନ କାଳରୁ ଦେବୀ ନାରାୟଣୀ ପୂଜା ପାଉଥିଲେ। ୧୫୬୭ ମସିହାରେ କଳାପାହାଡ଼ କୋଣାର୍କ ମନ୍ଦିର ଆକ୍ରମଣ କରିବା ପରେ ପୁରୀକୁ ଅଭିଯାନ ଆରମ୍ଭ କରିଥିଲା। ଐତିହ୍ୟ ଅଛି ପୁରୀ ପ୍ରବେଶ ପଥରେ ବେଲଦଳ, ସମଗରା, ନାଗାପାଟଣା, ଗୋପାଳପୁର, ବେଲେଶ୍ୱର ପାଟଣା, ରେଣ୍ଟୁଅ, ରାମେଶ୍ୱରପାଟଣା, ବାଲିପାଟଣା ଓ ବାଲିଗୁଆଳିର ଲଢୁଆ ବୀର ପାଇକମାନେ କଳାପାହାଡ଼ ସେନା ଉପରେ ଅତର୍କିତ ଆକ୍ରମଣ କରିଥିଲେ। ସେତିକିବେଳେ ପାଇକ ବାହିନୀର ଘାଟଦେବୀ ଶ୍ରୀନାରାୟଣୀଙ୍କ ପ୍ରାଚୀନ ମନ୍ଦିରକୁ ଭାଙ୍ଗି ଦେଇଥିଲା କଳାପାହାଡ଼। ଭଗ୍ନ ମନ୍ଦିରର ପଥର ଖଣ୍ଡ ସବୁ ବାଲିବନ୍ତ ଉପରେ ଏବେ ବି ପଡ଼ି ରହିଛି।
ଐତିହ୍ୟ ବିଶାରଦ ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ସେବେଠାରୁ ଦେବୀଙ୍କ ବିଗ୍ରହ ବାଲିତଳେ ପୋତି ହୋଇ ରହିଥିଲେ। ୯ ଖଣ୍ଡ ମୌଜାର ବୁଢ଼ାବୁଢ଼ା ଆଗ୍ରହ ପ୍ରକାଶ କରିବା ପରେ ବିଗ୍ରହକୁ ବାଲିତଳୁ ଉଦ୍ଧାର କରାଯାଇଥିଲା। ବନ୍ତ ଉପରେ ଥିବା ବିରାଟ ବଟ ବୃକ୍ଷ ତଳେ ଏକ ପିଣ୍ଡି ଉପରେ ଦେବୀଙ୍କୁ ପ୍ରତିଷ୍ଠା କରାଯାଇ ପୂଜା ଆରମ୍ଭ ହୋଇଥିଲା। ପରେ ଶ୍ରୀନାରାୟଣୀ ଫାଉଣ୍ଡେସନ ଗଢ଼ାଯାଇ ପୀଠର ଉନ୍ନତି କରାହୋଇଛି। ଗଧିଆ ବିଲୁଆଙ୍କ ଚରାଭୂଇଁ ଥିବା ବାଲିବନ୍ତ ଆଜି ବିଜୁଳି ଆଲୋକରେ ଆଲୋକିତ ବନ୍ତକୁ ରାସ୍ତା ନିର୍ମାଣ ହେବା ପରେ ପର୍ଯ୍ୟଟକ ଓ ଭକ୍ତମାନଙ୍କ ଆଗମନ ବୃଦ୍ଧି ପାଇଛି।
ଦେବୀ ନାରାୟଣୀ ଦଶଭୂଜା ମହିଷାମର୍ଦ୍ଦିନୀ। କିନ୍ତୁ ପରମ ବୈଷ୍ଣବୀ, ଆମିଷ ଏଠାରେ ନିଷେଧ। ଦେବୀଙ୍କର ଷୋଳପୂଜା ଶାସ୍ତ୍ର ଅନୁସାରେ ପାଳିତ ହେଉଛି। ଷୋଳଦିନ ମଧ୍ୟରେ ମା'ଙ୍କ ବିଭିନ୍ନ ବେଶ ଅନୁଷ୍ଠିତ ହେଉଅଛି। ତିନିଧୂପ ବିଧିବିଧାନ ଅନୁଯାୟୀ ଅନୁଷ୍ଠିତ ହୋଇଅଛି। ନଅ ମୌଜାର ବିଶିଷ୍ଟ ଭକ୍ତମାନେ ଗୋଟିଏ ଗୋଟିଏ ଦିନର ପାଳି ଅନୁଯାୟୀ ଦେବୀଙ୍କ ପାଖରେ ଭୋଗରାଗ କରୁଛନ୍ତି। ଶ୍ରୀମନ୍ଦିରଠାରୁ ବ୍ରହ୍ମଗିରି ଦିଗରେ ଥିବା ଦେବୀ ହରଚଣ୍ଡୀ ବନ୍ତ ଓ କୋଣାର୍କ ଦିଗରେ ଥିବା ଦେବୀ ନାରାୟଣୀ ବନ୍ତ ସମାନ ଦୂରରେ ଅଛି। ଜନଶ୍ରୁତି ଅଛି ପୂର୍ବେ ଶ୍ରୀମନ୍ଦିର ସହିତ ଦେବୀ ହରଚଣ୍ଡୀଙ୍କ ପରି ଦେବୀ ନାରାୟଣୀ ମଧ୍ୟ ସାମିଲ ଥିଲେ। ଏବେ ତାହା କିପରି ପୁଣି ପ୍ରଚଳିତ ହେବ ତାହା ଫାଉଣ୍ଡେସନ ଚେଷ୍ଟା କରିଛି।

ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ବୟାନ

# ପତ୍ନୀ ଓ ପିଲାଙ୍କୁ ପୋଷିବାକୁ ସ୍ୱାମୀ ବାଧ




ନୂଆଦିଲ୍ଲୀ: ପତ୍ନୀ ଓ ପିଲାଙ୍କ ପ୍ରତି ଜଣେ ପୁରୁଷର କର୍ତ୍ତବ୍ୟ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଛନ୍ତି ସୁପ୍ରିମକୋର୍ଟ। ନିଜର ପତ୍ନୀ ଓ ଛୋଟ ପିଲାଙ୍କୁ ଆର୍ଥିକ ସହଯୋଗ କରିବାକୁ ଜଣେ ପୁରୁଷ ବା ସ୍ୱାମୀ ବାଧ। ପତ୍ନୀ ଓ ପିଲାଙ୍କୁ ପୋଷିବା ପାଇଁ ସ୍ୱାମୀ ଟଙ୍କା ରୋଜଗାର କରିବା ଦରକାର। ଏଥିପାଇଁ ସ୍ୱାମୀ ଦରକାର ପଡ଼ିଲେ ଶାରୀରିକ ପରିଶ୍ରମ ମଧ୍ୟ କରିବେ। ସେ କେବେ ହେଲେ ନିଜ କର୍ତ୍ତବ୍ୟ କିମ୍ବା ଦାୟିତ୍ୱକୁ ଅଣଦେଖା କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଜଷ୍ଟିସ ଦିନେଶ ମାହେଶ୍ୱରୀ ଓ ଜଷ୍ଟିସ ବେଲା ଏମ ତ୍ରିବେଦୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୋଟିଏ ପାରିବାରିକ ଭରଣପୋଷଣ ମାମାଲାର ଶୁଣାଣି କରି ଏପରି କହିଛନ୍ତି। ଖଣ୍ଡପୀଠ କହିଛନ୍ତି, ଅଲଗା ହୋଇ ସାରିଥିବା ପତ୍ନୀ ଓ ୧୮ ବର୍ଷରୁ କମ ପିଲାଙ୍କୁ ମଧ୍ୟ ଶାରୀରିକ ପରିଶ୍ରମ କରି ଆର୍ଥିକ ସହାୟତା ପ୍ରଦାନ କରିବା ସ୍ୱାମୀର କର୍ତ୍ତବ୍ୟ। ସେ ନିଜ ଦାୟିତ୍ୱରୁ ଓହରି ପାଇପାରିବେ ନାହିଁ। ଯଦି ସେ ଶାରୀରିକ ଭାବରେ କାମ କରିବାକୁ ସକ୍ଷମ ନୁହନ୍ତି, ତେବେ ସ୍ୱାମୀଙ୍କୁ ଆଇନଗତ ସୁରକ୍ଷା ଦିଆଯାଇ ପାରିବ। CrPCର ଧାରା ୧୨୫ ଅନୁଯାୟୀ ଭରଣପୋଷଣର ପ୍ରାବଧାନ ସାମାଜିକ ନ୍ୟାୟର ଏକ ମାପଦଣ୍ଡ, ଯାହା ମହିଳା ଓ ଶିଶୁଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି। ଜଣେ ବ୍ୟକ୍ତି ନିଜ ପିଲା ଓ ଅଲଗା ହୋଇ ସାରିଥିବା ପତ୍ନୀଙ୍କ ଭରଣପୋଷଣ କରିବାକୁ ଅକ୍ଷମତା ପ୍ରକାଶ କରି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ପାଖରେ ରୋଜଗାରର କୌଣସି ଉତ୍ସ ନଥିବାରୁ ସେ ନିଜ ଦାୟିତ୍ୱରୁ ସୁରକ୍ଷା ପାଇଁ ଆବେଦନ କରିଥିଲେ। କିନ୍ତୁ କୋର୍ଟ ଏହାକୁ ଅଗ୍ରାହ୍ୟ କରି ଦେଇଛନ୍ତି।

ଖଣ୍ଡପୀଠ କହିଛନ୍ତି, ଆବେଦନକାରୀ (ସ୍ୱାମୀ) ଶାରୀରିକ ଭାବେ ଦକ୍ଷ। ତେଣୁ ଆଇନ ଅନୁଯାୟୀ ଯେ ସେ ରୋଜଗାର କରିବାକୁ ଓ ତାଙ୍କ ପତ୍ନୀ ଏବଂ ନାବାଳକ ପିଲାଙ୍କ ଭରଣପୋଷଣ କରିବାକୁ ବାଧ। ଫ୍ୟାମିଲି କୋର୍ଟରେ ଆବେଦନକାରୀ ପତ୍ନୀ ପ୍ରମାଣ ଉପସ୍ଥାପନ କରିଛନ୍ତି ଯେ ତାଙ୍କ ସ୍ୱାମୀଙ୍କର ରୋଜଗାରର ଉତ୍ସ ରହିଛି। ସେ ରୋଜଗାର କ୍ଷମ ଥାଇ ମଧ୍ୟ ନିଜ ଦାୟିତ୍ୱ ସଂପାଦନ କରିନାହାନ୍ତି। ତେଣୁ ବ୍ୟକ୍ତି ଜଣଙ୍କ ନିଜ ଦାୟିତ୍ୱରୁ ଓହରି ପାରିବେ ନାହିଁ। ସୁପ୍ରିମକୋର୍ଟ ଉକ୍ତ ବ୍ୟକ୍ତି ପତ୍ନୀଙ୍କୁ ମାସିକ ୧୦,୦୦୦ ଟଙ୍କା ଓ ନାବାଳକ ପୁଅକୁ ମାସିକ ୬ ହଜାର ଟଙ୍କା ଭରଣପୋଷଣ ପାଇଁ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପୀଠ ଆହୁରି କହିଛନ୍ତି, ସିଆରପିସିର ଧାରା ୧୨୫ରେ ସ୍ୱାମୀଙ୍କ ଘର ଛାଡ଼ିବାକୁ ବାଧ ହେଉଥିବା ଜଣେ ମହିଳାଙ୍କ ଦୁଃଖ, ଯନ୍ତ୍ରଣା ଓ ଆର୍ଥିକ ସହାୟତାକୁ ନିଶ୍ଚିତ କରିବାକୁ ବ୍ୟବସ୍ଥା କରାଯାଇଛି। ତେଣୁ ସେପରି ମହିଳା ଓ ତାଙ୍କ ପିଲାମାନଙ୍କ ସୁରକ୍ଷା ପାଇଁ ଉପଯୁକ୍ତ ବ୍ୟବସ୍ଥା ହେବା ଜରୁରୀ। ପତ୍ନୀ ଓ ପିଲାଙ୍କୁ ଆର୍ଥିକ ସହାୟତା କରିବା ସ୍ୱାମୀଙ୍କ କର୍ତ୍ତବ୍ୟ। ଯଦି କୌଣସି ଆୟର ଉତ୍ସ ନାହିଁ, ତା'ହେଲେ ସ୍ୱାମୀ ଶାରୀରିକ ପରିଶ୍ରମ କରି ମଧ୍ୟ ରୋଜଗାର କରିପାରିବେ। ଆଇନରେ ଥିବା କିଛି ବ୍ୟବସ୍ଥାକୁ ବାଦ ଦେବା ପରେ ସ୍ୱାମୀ କେବେ ହେଲେ ନିଜ ଦାୟିତ୍ୱରୁ ଖସି ପାରିବେ ନାହିଁ। ପଞ୍ଜାବ-ହରିଆଣା ହାଇକୋର୍ଟ ସ୍ୱାମୀ ସପକ୍ଷରେ ଦେଇଥିବା ରାୟକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ୨୦୧୦ ମସିହାରେ ମହିଳା ଜଣଙ୍କ ତାଙ୍କ ସ୍ୱାମୀଙ୍କ ଘର ଛାଡ଼ି ପିଲାମାନଙ୍କ ସହିତ ଅଲଗା ରହୁଥିଲେ। ସେ ଚଳିବାରେ ସମସ୍ୟା ହେବାରୁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଦୀର୍ଘ ଗୋଟିଏ ଦଶନ୍ଧିର ଆଇନଗତ ଯୁଦ୍ଧ ପରେ ମହିଳାଙ୍କ ବିଜୟ ହୋଇଛି।

# ନିର୍ବାଚନ ବିଗୁଲ ଫୁଙ୍କିଲେ ପ୍ରଧାନମନ୍ତ୍ରୀ ମୋଦି !



ଶିମଲା: ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ଆଜି ପ୍ରଧାନମନ୍ତ୍ରୀ ବିଧିବଦ୍ଧ ଭାବେ ବିଗୁଲ ଫୁଙ୍କିଛନ୍ତି। ୨୦୨୩ ଜାନୁଆରୀ ୮ରେ ହିମାଚଳ ବିଧାନସଭାର କାର୍ଯ୍ୟକାଳ ଶେଷ ହେବ। ତେଣୁ ନଭେମ୍ବର ପ୍ରଥମ କିମ୍ବା ଶେଷ ଭାଗରେ ଏଠାରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଜେପିର ପ୍ରଚାର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା କୁହାଯାଉଛି।

ନିର୍ବାଚନ ବିଗୁଲ ଫୁଙ୍କି ମୋଦି କହିଛନ୍ତି ଯେ 'ବିଜେପି ସରକାର କେବଳ ଶିଳାନ୍ୟାସ କରେନାହିଁ। ବିଜେପି ସରକାର ବିକାଶ ପ୍ରକଳ୍ପର ଉଦଘାଟନ ମଧ୍ୟ କରେ।' ବିଳାସପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦି ଗୋଟିଏ 'ରାନି ସିଂହା' ବଜାଇଛନ୍ତି। ରାନି ସିଂହ ହେଉଛି ହିମାଚଳ ପ୍ରଦେଶର ପାରମ୍ପରିକ ବାଦ୍ୟଯନ୍ତ୍ର। ସେ ଏହାକୁ ଷ୍ଟେଜ୍ ଉପରେ ବଜାଇଥିବାରୁ ରାଜନୀତିକ ସମୀକକ୍ଷମାନେ ମୋଦି ନିର୍ବାଚନ ବିଗୁଲ ବଜାଇ ଥିବା କହିଛନ୍ତି।

ମୋଦି ଷ୍ଟେଜ ଉପରେ ବିଗୁଲ ବଜାଇବା ବେଳେ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ, କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ବିଗୁଲ ବଜାଇବା ପରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ନ୍ତଏହା ପ୍ରତିଟି ଭବିଷ୍ୟତ ବିଜୟର ସଙ୍କେତ।' ପ୍ରଧାନମନ୍ତ୍ରୀ ପୂର୍ବରୁ ରାଜ୍ୟରେ କ୍ଷମତାରେ ଥିବା କଂଗ୍ରେସକୁ ସମାଲୋଚନା କରିବା ପାଇଁ ପଛାଇ ନାହାନ୍ତି। ସେ କହିଛନ୍ତି, ପୂର୍ବତନ କଂଗ୍ରେସ ସରକାର କେବଳ ଶିଳାନ୍ୟାସ କରୁଥିଲେ। ସେମାନେ ପ୍ରକୃତ ବିକାଶ ମୂଳକ ପ୍ରକଳ୍ପକୁ ନିର୍ବାଚନ ସରିବା ସହ ଭୁଲି ଯାଉଥିଲେ। ହେଲେ ବିଜେପି ସରକାର କେବଳ ଶିଳାନ୍ୟାସ କରେନାହିଁ। ବିଜେପି ସରକାର ବିକାଶ ପ୍ରକଳ୍ପର ଉଦଘାଟନ ମଧ୍ୟ କରେ ବୋଲି ମୋଦି କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଳାସପୁରରେ ଏମ୍ସ ଓ ଲୁହନୁ ଗ୍ରାଉଣ୍ଡରେ ଗୋଟିଏ ହାଇଡ୍ରୋ ଇନିୟରିଂ କଲେଜର ଉଦଘାଟନ କରିଛନ୍ତି। ୨୦୧୭ରେ ଏହି ଦୁଇ ପ୍ରକଳ୍ପର ଭିତ୍ତିପ୍ରସ୍ତର ପ୍ରଧାନମନ୍ତ୍ରୀ ମୋଦି ହିଁ ସ୍ଥାପନ କରିଥିଲେ।ଏହି ଅବସରରେ ମୋଦି କହିଛନ୍ତି, 'ହିମାଚଳ ପ୍ରଦେଶକୁ ପୂର୍ବରୁ ସାରା ଦେଶରେ ଭାରତର ପ୍ରତିରକ୍ଷା ହିରୋ ଭାବେ ସମସ୍ତେ ଜାଣିଥିଲେ। ଏବେ ଏହି ରାଜ୍ୟ ଏମ୍ସ ଉଦଘାଟନ ପରେ ସ୍ୱାସ୍ଥ୍ୟସେବାରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ୨୦୧୪ ବେଳକୁ ହିମାଚଳ ପ୍ରଦେଶରେ ମାତ୍ର ୩ଟି ମେଡିକାଲ କଲେଜ ରହିଥିଲା।ହେଲେ ୮ ବର୍ଷ ମଧ୍ୟରେ ଆଉ ୮ଟି ମେଡିକାଲ କଲେଜ ଓ ଏମ୍ସ ପ୍ରତିଷ୍ଠା ହୋଇପାରିଛି। ଏହି ଉଦଘାଟନ କାର୍ଯ୍ୟକ୍ରମ ପରେ ପ୍ରଧାନମନ୍ତ୍ରୀ କୁଲ୍ଲୁ ଠାରେ ଆୟୋଜିତ ଦଶହରା ରଥଯାତ୍ରାରେ ସାମିଲ ହେବାକୁ ଯାଇଥିଲେ।

## ରୁଷ ଅଧିକୃତ ଅଞ୍ଚଳ କବ୍‌ଜା କଲା ୟୁକ୍ରେନ୍ ସେନା

କିବ୍: ରୁଷ ଅଧିକୃତ ଅଞ୍ଚଳ ଭିତରେ ପସିଲା ୟୁକ୍ରେନ୍ ସେନା। ଏହି ଦୁଇ ଦେଶ ଭିତରେ ଆରମ୍ଭ ହୋଇଥିବା ଯୁଦ୍ଧର ପରବର୍ତ୍ତି ସମୟରେ ୟୁକ୍ରେନ୍‌କୁ ଏଭଳି ବଡ଼ ସଫଳତା ମିଳିଥିବା କୁହାଯାଉଛି। ଏହାକୁ ରୁଷ ସେନା ମଧ୍ୟ ସ୍ୱୀକାର କରିଛି। ରୁଷ ସେନା ପକ୍ଷରୁ କୁହାଯାଇଛି, ୟୁକ୍ରେନ୍‌ର ଏକ



ଟ୍ୟାଙ୍କ ସେନା ସହ ପସି ଆସି ନୀପ୍ରୋ ନଦୀର ପଶ୍ଚିମ କୂଳବର୍ତ୍ତି ବହୁ ଗାଁଗୁଡ଼ିକୁ କବ୍‌ଜା କରିଛି। ତେବେ ଏହି ଘଟଣାରେ କ'ଣ ଲାଭ ମିଳିଛି ସେନେଇ ୟୁକ୍ରେନ୍ ପକ୍ଷରୁ କିଛି ବି ସ୍ପଷ୍ଟ କରାଯାଇନି।

ଏନେଇ ରୁଷ ପକ୍ଷରୁ ଏହି ଅଞ୍ଚଳରେ ଅବସ୍ଥାପିତ ନେତା ଭ୍ଲାଦିମିର ସାଲଦି କହିଛନ୍ତି, ୟୁକ୍ରେନ୍ ସେନା ଡୁଡଚାନେ ସହର ସହିତ ନୀପ୍ରୋ ନଦୀର ପଶ୍ଚିମ କୂଳରେ ଅବସ୍ଥିତ ଅନେକ ଗାଁ ଅଧିକାର କରି ନେଇଛି। ଏହି ଅଞ୍ଚଳ ଦୁଇ ଦେଶକୁ ବିଭକ୍ତ କରିଥାଏ। ଯାହା ୟୁକ୍ରେନର ଖେରସନ୍ ଅଞ୍ଚଳ ଭିତରେ ଯାଉଛି।

ସୂଚନା ଥାଉକି, ମସ୍କୋ ପକ୍ଷରୁ ଆଣବିକ ଆକ୍ରମଣ ଧମକ୍ ସତ୍ତ୍ୱେ ଏହାକୁ ଖାତିର ନ କରି ୟୁକ୍ରେନ୍ ସେନା ନିଜର ପୂର୍ବ ଅଞ୍ଚଳ ଫେରି ପାଇବାକୁ ଗୋଡ଼ ବଢ଼ାଇଛି। ରୁଷ ଦଖଲ କରି ନେଇଥିବା ଅଞ୍ଚଳକୁ ୟୁକ୍ରେନ୍ ପୁନଃ ନିଜ କବ୍‌ଜାକୁ ଆଣି ବିକାଶ କାର୍ଯ୍ୟ କରିବ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନସ୍କି ଭରସା ଦେଇଚାଲିଛନ୍ତି। ଯାହାର ଭିଡ଼ିଓ ଦେଖିବାକୁ ମିଳିଛି।

# ଶାନ୍ତି ପାଇଁ ନୋବେଲ ପୁରସ୍କାର ଘୋଷଣା




ନୂଆଦିଲ୍ଲୀ: ଶାନ୍ତି ପାଇଁ ନୋବେଲ ପୁରସ୍କାର ଘୋଷଣା କରାଯାଇଛି। ଜଣେ ବ୍ୟକ୍ତି ଓ ଦୁଇ ସଂଗଠନକୁ ମିଳିତ ଭାବେ ନୋବେଲ ଶାନ୍ତି ପୁରସ୍କାର ଘୋଷଣା କରାଯାଇଛି। ବେଲାରୁଷର ଆଲେସ୍ ବାଲିଆସ୍କି ଏବଂ ରୁଷର ମାନବାଧିକାର ସଂଗଠନ ମେମୋରିଆଲ ଏବଂ ୟୁକ୍ରେନର ମାନବାଧିକାର ସଙ୍ଗଠନ ସିଭିଲ ରାଇଟ୍ ଲିବର୍ଟିଜ ଏହି ମର୍ଯାଦାଜନକ ପୁରସ୍କାର ପାଇବେ। ସାଧାରଣ ନାଗରିକଙ୍କ ମାନବିକ ଅଧିକାର ସୁରକ୍ଷା ଲାଗି ଏମାନଙ୍କ ଲଢ଼େଇ ବେଶ ଅତୁଳନୀୟ ବୋଲି କୁହାଯାଇଛି। ବହୁ ବର୍ଷ ଧରି ବେଲାରୁଷର ଆଲେସ୍ ବାଲିଆସ୍କି ଏବଂ ଦୁଇ ସଙ୍ଗଠନ ସମାଜର ନିଷ୍ପେସିତ ବର୍ଗଙ୍କ ଅଧିକାର ପାଇଁ ସ୍ୱର ପାଲଟି ଆସିଛନ୍ତି।

ମାନିବିକ ଅଧିକାରର ଅସଦବ୍ୟବହାର, ଯୁଦ୍ଧଗ୍ରସ୍ତ ଲୋକଙ୍କ ଦୁର୍ଦ୍ଦଶା ଏବଂ ସାଧାରଣ ଲୋକଙ୍କର ମୌଳି ଅଧିକାରକୁ କେମିତି ଦଳି ମକଚି ଦିଆଯାଉଛି ଏମାନେ ଶ୍ରେଷ୍ଠ ପ୍ରାମାଣିକ ଚଳିଚ୍ଚିତ୍ର ମାଧ୍ୟମରେ ଦର୍ଶାଇଛନ୍ତି।

ଏମାନେ ମିଳିତ ଭାବେ ସମାଜର ନିର୍ଯାତିତ ବର୍ଗଙ୍କ ପାଇଁ କାମ କରିଛନ୍ତି। ୧୯୮୦ରେ ବେଲାରୁଷର ଗଣତନ୍ତ୍ର ଆନ୍ଦୋଳନରେ ବେଶ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ଆଲେସ୍ ବାଲିଆସ୍କି। ସେ ସମୟରେ ଦେଶର ନାଗରିକଙ୍କ ଅଧିକାର ଓ ଶାନ୍ତି ପାଇଁ ନିଜ ଜୀବନକୁ ବାଲିଆସ୍କି ବାଜି ଲଗାଇଦେଇଥିଲେ। ସେହିପରି ରୁଷରେ ମାନବିକ ଅଧିକାରକୁ ସଙ୍କୁଚିତ କରିବା ପ୍ରତିବାଦରେ ରୁଷର ମାନବାଧିକାର ସଂଗଠନ କାମ କରିଆସୁଛନ୍ତି। ୟୁକ୍ରେନ୍‌ର ମଧ୍ୟ ସମାନ ଭାବେ ସେଠିକାର ସଙ୍ଗଠନ କାମ କାରି ଆସୁଛି।

# ନୂଆ ସିଡିଏସ୍‌ଙ୍କୁ ମିଳିଲା ଜେଡ୍ ପ୍ଲସ ସୁରକ୍ଷା



ନୂଆଦିଲ୍ଲୀ: ଦେଶର ନୂଆ ସିଡିଏସ୍ ଜେନେରାଲ ଅନୀଲ ଚୌହାନଙ୍କୁ କେନ୍ଦ୍ର ସରକାର ଜେଡ୍ ପ୍ଲସ ସୁରକ୍ଷା ଯୋଗାଇ ଦେଇଛନ୍ତି। ଦିଲ୍ଲୀ ପୁଲିସ୍ ପକ୍ଷରୁ ତାଙ୍କୁ ଏହି ସୁରକ୍ଷା ଯୋଗାଇ ଦିଆଯିବ। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦିଲ୍ଲୀ ପୁଲିସ୍‌କୁ ନିର୍ଦ୍ଦେଶ ଦେଇଛନ୍ତି।

ଜେନେରାଲ ଚୌହାନ ଦେଶର ଦ୍ୱିତୀୟ ସିଡିଏସ୍ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏବେ ତାଙ୍କୁ ଜେଡ ପ୍ଲସ ସୁରକ୍ଷା ମିଳିଛି। ଜେନେରାଲ ଚୌହାନଙ୍କୁ ଏଣିକି ଦିଲ୍ଲୀ ପୁଲିସ୍‌ର ୩୩ ଜଣ ସଶସ୍ତ୍ର କର୍ମଚାରୀ ସୁରକ୍ଷା ଯୋଗାଇ ଦେବେ। ବାସଭବନ ସମେତ ସବୁ ସମୟରେ ତାଙ୍କୁ ଏହି ସୁରକ୍ଷା ମିଳିବ। ସିଡିଏସ୍ ଜେନେରାଲ ଚୌହାନ ହେଉଛନ୍ତି ୩ ସେନାର ମୁଖ୍ୟ। ଏଥିସହ ପ୍ରତିରକ୍ଷା ବ୍ୟାପାରର ମୁଖ୍ୟ ଓ ସିଓଏସ୍‌ସିର ସ୍ଥାୟୀ ଅଧ୍ୟକ୍ଷ ଭାବେ ମଧ୍ୟ ସେ ଦାୟିତ୍ୱ ପାଇଛନ୍ତି।

ସିଡିଏ ଜେନେରାଲ ଚୌହାନ ଗତବର୍ଷ ମେ' ୩୧ରେ ସେନା ବାହିନୀରୁ ଅବସର ନେଇଥିଲେ। ଅବସର ସମୟରେ ସେ ଇଷ୍ଟର୍ଣ୍ଣ ଆର୍ମିର କମାଣ୍ଡର ରହିଥିଲେ। ଅବସର ପରେ ସେ ଏନଏସ୍‌ସିଏସ୍‌ରେ ମିଲିଟାରୀ ପରାମର୍ଶଦାତା ଭାବେ ଯୋଗ ଦେଇଥିଲେ। ଏହାର ମୁଖ୍ୟ ହେଉଛନ୍ତି ଏନଏସ୍ଏ ଅଜିତ ଡୋଭାଲ।

୧୯୬୧ ମସିହା ମେ' ୧୮ରେ ଜନ୍ମ ଗ୍ରହଣ କରିଥିବା ଜେନେରାଲ ଚୌହାନ ୧୯୮୧ରେ ଭାରତୀୟ ସେନାର ୧୧ ଗୋର୍ଖା ରାଇଫଲ୍ସରେ ଯୋଗଦେଇଥିଲେ। ଏହାପରେ ସେ ଏକାଧିକ ପଦପଦବୀରେ ରହି ଦେଶର ସେବା କରିଛନ୍ତି। ୨୦୧୯ ବାଲାକୋଟ ଏୟାରଷ୍ଟ୍ରାଇକ ସମୟରେ ସେ ଆର୍ମିର ଡିଜିଏମଓ ଭାବେ ଦାୟିତ୍ୱ ସଂପାଦନ କରିଥିଲେ। ଜେନେରାଲ ଚୌହାନ ପ୍ରଥମ ଅବସରପ୍ରାପ୍ତ ୩ ଷ୍ଟାର ଅଫିସର ଯିଏ ସେନା ବାହିନୀକୁ ୪ଷ୍ଟାର ଅଧିକାରୀ ଭାବେ କମବ୍ୟାକ କରିଛନ୍ତି।

## ହିମସ୍ଖଳନ, ୨୦ ପର୍ବତାରୋହୀ ମୃତ

ଡେରାଡୁନ୍: ଉତ୍ତରାଖଣ୍ଡରେ ଅଘଟଣ। ଦୌପ୍ରଦୀର ଦାଣ୍ଡା-୨ ପର୍ବତରେ ଭୟଙ୍କର ହିମସ୍ଖଳନ ଯୋଗୁ ୨୦ ପର୍ବତାରୋହୀଙ୍କ ମୃତ୍ୟୁ ହୋଇଛି। ଏକ ପ୍ରତିଷ୍ଠାନର ୨୦ ଟ୍ରେନି ପର୍ବତାରୋହୀ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଏଥିସହ ଅନେକ ଏବେବି ବରଫ ତଳେ ଫଶି ରହିଛନ୍ତି। ଉଦ୍ଧାର ପାଇଁ ଘଟଣାସ୍ଥଳକୁ ସେନା, ଆଇଟିବିପି ଯବାନମାନେ ଯାଇଛନ୍ତି। ଉତ୍ତରକାଶୀର ଭୁକ୍କି ନିକଟରେ ଏନ୍ଆଇଏମ୍ ଆଡଭାନ୍ସ କ୍ୟାମ୍ପ ନିକଟରେ ଏହି ହିମସ୍ଖଳନ ହୋଇଛି। ୨୮ ଜଣ ଟ୍ରେନି ଓ ଟ୍ରେନର ଫସି ରହିଥିବା ଆଶଙ୍କା କରାଯାଉଛି ବୋଲି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁସ୍କର ସିଂହ ଧାମି ସୂଚନା ଦେଇଛନ୍ତି। ଏହି ପର୍ବତାରୋହଣ ଅଭିଯାନରେ ୩୩ ଜଣ ଟ୍ରେନି ଓ ୭ ଜଣ ଟ୍ରେନ୍‌ଙ୍କ ସମେତ ୪୦ ଜଣ ସାମିଲ ଥିଲେ। ବର୍ତ୍ତମାନ ସୁଦ୍ଧା ୩ ଟ୍ରେନି ଓ ୭ ଟ୍ରେନରଙ୍କ ସମେତ ୧୦ ଜଣଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଉଦ୍ଧାର କାର୍ଯ୍ୟରେ ବାୟୁସେନାର ଦୁଇଟି ଚିତା ହେଲିକପ୍ଟର ନିୟୋଜିତ ଅଛନ୍ତି। ଆଉ କିଛି ହେଲିକପ୍ଟରକୁ ଷ୍ଟାଣ୍ଡ ବାଏ ମୋଡରେ ରଖାଯାଇଥିବା ସେନା କହିଛି।

## ବିନା ପରୀକ୍ଷାରେ ରେଲ୍‌ୱେରେ ଚାକିରି ସୁଯୋଗ

ନୂଆଦିଲ୍ଲୀ: ରେଳ ମନ୍ତ୍ରଣାଳୟ ପକ୍ଷରୁ ୩ ହଜାରରୁ ଅଧିକ ପଦବୀ ବିନା ପରୀକ୍ଷାରେ ପୂରଣ କରାଯିବ। ୧୫ରୁ ୨୪ ବର୍ଷ ବୟସ୍କ ଯୁବକ ଏହି ପଦବୀ ନିମନ୍ତେ ଅବେଦନ କରିପାରିବେ। ବୟସ ସୀମାରେ ଓବିସି ବର୍ଗଙ୍କ ନିମନ୍ତେ ୩ ବର୍ଷ, ଏସ୍‌ସି/ଏସ୍‌ଟି ବର୍ଗ ନିମନ୍ତେ ୫ ବର୍ଷ ଓ ଦିବ୍ୟାଙ୍ଗ ବ୍ୟକ୍ତି ମାନଙ୍କ ପାଇଁ ୧୦ ବର୍ଷର ଛାଡ଼ ଦିଆଯାଇଛି। ଆବେଦନର ଚୂଡାନ୍ତ ସମୟ ଚଳିତ ମାସ ୩୧ ତାରିଖ ରହିଛି। ଇଚ୍ଛୁକ ବ୍ୟକ୍ତି sr.indianrailways.gov.inକୁ ଯାଇ ଆବେଦନ କରିପାରିବେ। ରେଲୱେ ରିକ୍ରୁଟ୍‌ମେଣ୍ଟ ସେଲ୍ ପକ୍ଷରୁ ଦକ୍ଷିଣ ରେଲୱେର handyman ପଦବୀ ନିମନ୍ତେ ଏହି ନିଯୁକ୍ତି କରାଯାଉଛି। ମୋଟ ୩୧୫୦ ପଦବୀ ପୂରଣ ବିଜ୍ଞପ୍ତି ବାହାରିଛି। ୩ଟି ପର୍ଯ୍ୟାୟରେ ଏହି ନିଯୁକ୍ତି ପ୍ରକ୍ରିୟା କରାଯିବ। ଯାହା ଭିତରେ ଫିଟର, ବେଲ୍ଡର, କାରପେଣ୍ଟର, ପେଣ୍ଟର, ଟର୍ନର, ଇଲେକ୍ଟ୍ରିସିଆନ ସମେତ ବିଭିନ୍ନ ଟ୍ରେଡ୍ ରହିଛି।

ଭାରତୀୟ ଔଷଧ କମ୍ପାନୀଙ୍କ ଜାଲିଆତି

# ବିଦେଶରେ ୬୦ରୁ ଅଧିକ ଶିଶୁଙ୍କ ମୃତ୍ୟୁ ପରେ ତଦନ୍ତ ନିର୍ଦ୍ଦେଶ



ନୂଆଦିଲ୍ଲୀ: ଆଫ୍ରିକୀୟ ଦେଶ ଗାମ୍ବିଆରେ ୬୦ରୁ ଅଧିକ ଶିଶୁଙ୍କ ମୃତ୍ୟୁକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ସତର୍କ କରାଯିବା ପରେ ଏହାକୁ ଗୁରୁତର ସହ ନେଇଛନ୍ତି କେନ୍ଦ୍ର ସରକାର। ସେଣ୍ଟ୍ରାଲ ଡ୍ରଗସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେସନ ପକ୍ଷରୁ ଘଟଣାର ତୁରନ୍ତ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଭାରତୀୟ ଡ୍ରଗସ କମ୍ପାନୀ ଦ୍ୱାରା ନିର୍ମିତ ଥଣ୍ଡା ଓ କାଶ ସିରପ୍ ସେବନ ପରେ ଗାମ୍ବିଆରେ କିଛି ଶିଶୁ ଗୁରୁତର ହେବା ସହ ୬୬ ଜଣଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଇଛି।

ଔଷଧ ସେବନପରେ ଶିଶୁମାନଙ୍କ ଠାରେ କିଡନୀ ସମସ୍ୟା ଦେଖାଯିବା ପରେ ସେମାନଙ୍କର ମୃତ୍ୟୁ ହୋଇଥିଲା। ଏଭଳି ସମ୍ବେଦନଶୀଳ ଘଟଣାକୁ ଅତ୍ୟନ୍ତ ଗୁରୁତର ସହ ନେଇଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ। ଶିଶୁମାନଙ୍କ ମୃତ୍ୟୁ ସେମାନଙ୍କ ପରିବାର ପାଇଁ ଅତ୍ୟନ୍ତ ହୃଦୟ ବିଦାରକ ବୋଲି ସଂଗଠନ କହିଛି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଭାରତୀୟ ଔଷଧ ନିର୍ମାତା ଓ ଡ୍ରଗ୍ସ ନିୟାମକ ସହ ମିଶି ମିଳିତ ଭାବେ ଆହୁରି ତଦନ୍ତ କରାଯାଉଛି। ଔଷଧ ନମୁନାରେ ଡାଇ ଇଥାଇଲିନ୍ ଗ୍ଲାଇକଲ ଓ ଏଥିଲିନ୍ ଗ୍ଲାଇକଲ୍ ଥିବା ସୂଚନା ମିଳିଛି। ଏଗୁଡିକ ଅତ୍ୟନ୍ତ ବିଷାକ୍ତ ଓ ମନୁଷ୍ୟ ପାଇଁ ଘାତକ। ଏହାଦ୍ୱାରା ପେଟରେ ଯନ୍ତ୍ରଣା, ବାନ୍ତି, ଝାଡା, ପରିସ୍ରାରେ ସମସ୍ୟା, ମୁଣ୍ଡ ବିନ୍ଧା, ମାନସିକ ଅବସ୍ଥାରେ ପରିବର୍ତ୍ତନ ସହ ଗୁରୁତର କିଡନି ସମସ୍ୟା ଦେଖା ଦେଇଥାଏ। ଏଥିଯୋଗୁଁ ରୋଗୀର ମୃତ୍ୟୁ ହୋଇଥାଏ ବୋଲି ସୂଚନା ମିଳିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସୂଚନା ଅନୁଯାୟୀ, ପଶ୍ଚିମ ଆଫ୍ରିକୀୟ ଦେଶ ଗାମ୍ବିଆରେ ଏକ ଭାରତୀୟ ଫାର୍ମାସ୍ୟୁଟିକାଲ୍ କମ୍ପାନୀ ଦ୍ୱାରା ଏକ କଫ ସିରପ ପ୍ରସ୍ତୁତ କରାଯାଇଥିଲା। ଯାହାକୁ ପିଲା ମାନେ ସେବନ କରିବା ଦ୍ୱାରା ସେମାନଙ୍କର ମୃତ୍ୟୁ ହୋଇଛି। ଆଗକୁ ଏହି କଫ ସିରପ ବ୍ୟବହାର ନକରିବାକୁ ଡବ୍ଲୁଏଚଓ ଚେତାବନୀ ଦେଇଛି। ବୁଧବାର ପ୍ରକାଶ ପାଇଥିବା ରିପୋର୍ଟ ଅନୁଯାୟୀ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି ଯେ, ପ୍ରସ୍ତୁତ ହୋଇଥିବା ଡାଏଥାଇଲନ୍ ଗ୍ଲାଇକଲ୍ ଏବଂ ଇଥିଲିନ୍ ଗ୍ଲାଇକଲ୍ କାଶ ଔଷଧ ମଣିଷ ପାଇଁ ବିଷ ସଦୃଶ। ଏହାକୁ ନେଇ ଡବ୍ଲୁଏଚ୍ଓ ମହାନିର୍ଦ୍ଦେଶକ ଟେଡ୍ରୋସ୍ ଆଡାନୋମ୍ ଗେବ୍ରେଏସସ୍ ମଧ୍ୟ ତାଙ୍କର ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଏହି ସିରପ ଖାଇବା ଦ୍ୱାରା ପିଲାମାନଙ୍କ କିଡନୀ ନଷ୍ଟ ହୋଇଯାଇଥିଲା। ଏ ସମ୍ପର୍କରେ ଅନୁସନ୍ଧାନ କରାଯାଉଛି। ପିଲାମାନଙ୍କର ମୃତ୍ୟୁର କାରଣ କାଶ ଔଷଧ ବୋଲି ଜଣାପଡ଼ିଛି। ଅନ୍ୟ ଦେଶ ମାନଙ୍କୁ ମଧ୍ୟ ଏନେଇ ଚେତାବନୀ ଦିଆଯାଇଛି।

କଫ୍ ସିରପ୍‌କୁ ବଜାରରୁ ହଟାଇବାକୁ ଚେତାବନୀ ଦେଇଛି ଡବ୍ଲୁଏଚ୍ଓ। ତାହା ସହ କେନ୍ଦ୍ରୀୟ ଡଗ୍ସ ମାନକ ନିୟନ୍ତ୍ରଣ ସଂଗଠନକୁ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଜାରି କରାଯାଇଥିବା ଡବ୍ଲୁଏଚଓ କହିଛି।

# ମେଡିସିନ୍‌ରେ ସାନ୍ତେ ପାବୋଙ୍କୁ ନୋବେଲ୍

ନୂଆଦିଲ୍ଲୀ: ଚଳିତ ବର୍ଷ ମେଡିସିନ୍ ପାଇଁ ଘୋଷଣା ହୋଇଛି ନୋବେଲ ପୁରସ୍କାର। ସ୍ୱିଡେନ୍‌ର ସାନ୍ତେ ପାବୋଙ୍କୁ ଫିଜିଓଲଜି ତଥା ମେଡିସିନ୍‌ରେ ନୋବଲ୍ ପୁରସ୍କାର ପ୍ରଦାନ କରାଯିବ। ମାନବ ବିବର୍ତ୍ତନ ସଂପର୍କିତ ଗବେଷଣା ପାଇଁ ତାଙ୍କୁ ଏହି ପୁରସ୍କାରେ ସମ୍ମାନୀତ କରାଯାଇଛି।

ପାବୋ ପେଲିଓଜେନେଟିକ୍ସର ଅନ୍ୟତମ ପ୍ରତିଷ୍ଠାତା ଅଟନ୍ତି, ସେ ନିଏଣ୍ଡରଥାଲ୍ ଜିନୋମ ଉପରେ ମୁଖ୍ୟ ରୂପୋ କାମ କରିଥିଲେ। ସେ ଜର୍ମାନୀର ଲିପିଜିଙ୍ଗରେ ଥିବା ମ୍ୟାକ୍ସ ପ୍ଲାଙ୍କ ଇନଷ୍ଟିଚ୍ୟୁଟ୍ ଫର ଇଭୋଲ୍ୟୁସନାରୀ ଆନଟ୍ରୋପୋଲୋଜିରେ ମେନେନେଟିକ୍ସ ବିଭାଗର ନିର୍ଦ୍ଦେଶକ ମଧ୍ୟ ଥିଲେ। ପାବୋଙ୍କୁ ଏକ ସ୍ୱର୍ଣ୍ଣ ମୁଦ୍ରା ଓ ୧୦ ନିୟୁତ ସ୍ୱିଡିସ୍ କ୍ରୋନୋର ବା ୧.୧୪ ନିୟୁତ ଡଲାର ପୁରସ୍କାର ରାଶି ମିଳିବ।

ପୁରସ୍କାର ଘୋଷଣା କରି ନୋବେଲ ପୁରସ୍କାର କମିଟି କହିଛନ୍ତି, ଅଗ୍ରଗାମୀ ଅନୁସନ୍ଧାନ ମାଧ୍ୟମରେ ସାନ୍ତେ ପାବୋ ଏପରି କିଛି କାର୍ଯ୍ୟ କରିଛନ୍ତି ଯାହା ଅସମ୍ଭବ ମନେହୁଏ। ବର୍ତ୍ତମାନର ମଣିଷର ବିଲୁପ୍ତ ସମ୍ପର୍କୀୟ ନିଏଣ୍ଡରଥାଲଙ୍କ ଜିନୋମକୁ ଆବିଷ୍କାର କରିବା ଏକ ବଡ ସଫଳତା। ଏହାପୂର୍ବରୁ ମଧ୍ୟ ସେ ଅଜଣା ଥିବା ଏକ ହୋମିନିନ୍ ( ବିବର୍ତ୍ତନ ଅନୁସାରେ ମାନବର ପୂର୍ବ ରୂପ) ଡୋନିସୋଭାର ଆବିଷ୍କାର କରିଥିଲେ।

ପ୍ରାୟ ୭୦ ହଜାର ବର୍ଷ ପୂର୍ବେ ହୋମିନିନମାନେ ଆଫ୍ରିକାରୁ ବିଶ୍ୱର ଅନ୍ୟସ୍ଥାନକୁ ଯାଇଥିଲେ। ଏମାନଙ୍କ ଆଦିମାନବ ହୋମୋ ସାପିଏନ୍ସକୁ ଜିନ ଟ୍ରାନ୍ସଫର ହୋଇଥିଲା। ପ୍ରାକ୍ ମାନବ ହୋମିନିନରୁ ହୋମୋ ସାପିଏନ୍ସ ଓ ଆଧୁନିକ ମାନବ ଶରୀରକୁ ଯାଇଥିବା ଏହି ଜିନ୍ ଏବେ ବି କାଏମ ରହିଛି । ଏହି ଜିନ ଟ୍ରାନ୍ସଫର ଯୋଗୁଁ ହୋମିନିନମାନଙ୍କ ରୋଗପ୍ରତିରୋଧକ ଶକ୍ତି ଆଧୁନିକ ମାନବ ଶରୀରକୁ ଆସିଥିବା ପୋବା ଆବିଷ୍କାର କରିଥିଲେ ବୋଲି ନୋବେଲ କମିଟି କହିଛି।



୧୯୦୧ରୁ ୨୦୨୧ ମଧ୍ୟରେ ୧୧୨ ଜଣ ଚିକିତ୍ସା ଶାସ୍ତ୍ରରେ ନୋବେଲ ପୁରସ୍କାର ପାଇସାରିଲେଣି । ସେମାନଙ୍କ ମଧ୍ୟରୁ ୧୨ ଜଣ ମହିଳା ଅଛନ୍ତି।

## ସଂ ପା ଦ କୀ ୟ

# ଯା ଦେବୀ ସର୍ବ ଭୂତେଷୁ

ଆଉ କିଛିଦିନ ପରେ ଆସିବ ପବିତ୍ର ଦୁର୍ଗା ପୂଜା। ଅନେକ ଆଶା ଓ ସମ୍ଭାରର ପସରା ନେଇ ମା' ଆସିବେ ଧରାପୃଷ୍ଠକୁ। ଧୀରେ ଧୀରେ ସାଧାରଣ ଜନଜୀବନ ଚଳଚଞ୍ଚଳ ହେଉଛି ମା'ଙ୍କ ଆଗମନ ପାଇଁ। ଅତୀତରୁ କର୍ମମୟ ଜୀବନକୁ ସରସ ସୁନ୍ଦର କରି ସାମାଜିକ ସମ୍ପର୍କକୁ ଦୃଢ଼ରୁ ଦୃଢ଼ତର କରିବା ପାଇଁ ବିଭିନ୍ନ ପ୍ରକାର ପର୍ବପର୍ବାଣୀର ସୃଷ୍ଟି ହୋଇ ଏଯାବତ ଚାଲିଆସିଛି। ଏବେ ଆଗରେ ମା'ଙ୍କ ପୂଜା ଦୁର୍ଗାପୂଜା ବିଷୟରେ ମୋର ଛୋଟ ବିଚାରରେ ଯାହା ମୋର ଅନୁଭୂତି ଓ ଭାବନା ତାର ଏକ ଛୋଟ ଅବତାରଣା ଏଠାରେ।

ଆମର ସମାଜ ଏକ କୃଷିପ୍ରଧାନ ସମାଜ। କୃଷିକୁ ନେଇ ବା କୃଷି କର୍ମ ସହ ଜଡ଼ିତ ଆମର କର୍ମମୟ ଜୀବନକୁ ନେଇ ସବୁ ପର୍ବପର୍ବାଣୀର ସୃଷ୍ଟି ହୋଇଥିବା, ମୋର ସାମାଜିକ ମତ। ବିଶେଷ କରି ଆମର ଦୁର୍ଗାପୂଜା ଚାଷ ଅମଳ ସମୟର ପର୍ବ ବୋଲି ଅଭିହିତ ଅଛି। ଚାଷକର୍ମରେ ଜଡ଼ିତ ଥିବା ସବୁ ଲୋକ ଅକ୍ଷୟ ତୃତୀୟାରେ ଧରିତ୍ରୀ ମା'ର ପୂଜାକରି ବିହନ ଅନୁକୂଳ ଠାରୁ ନିରନ୍ତର ଭାବେ ବିଲରେ ନିଜେ ଏବଂ ତା'ର ପରିବାର ଓତଃପ୍ରୋତଃ ଭାବେ ଜଡ଼ିତ ରହିଥାଏ। ପୂଜା ପୂର୍ବରୁ ତା'ର ସବୁ କାମ ସରି ଯାଇଥାଏ ଏବଂ ଭଲ ଅମଳ ଅପେକ୍ଷାରେ ମା'ଙ୍କର ଆଶୀର୍ବାଦ ପାଇଁ ଦୁର୍ଗାପୂଜାର ମହତ୍ତ୍ୱ ଅନେକ।

ଧର୍ମାନୁସାରେ ଯେତେବେଳେ ଆସୁରିକ ଶକ୍ତିର ପ୍ରଭାବରେ ସମାଜର ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ଠିକ୍ ସେତିକିବେଳେ ଭଗବାନ ବିଭିନ୍ନ ରୂପରେ ଆସିଥାନ୍ତି ଏବଂ ଆସୁରିକ ଶକ୍ତିକୁ ପରାହତ କରି ଧର୍ମ ଏବଂ ସଦ୍‌ଭାବନା ପ୍ରତିଷ୍ଠା କରିଥାନ୍ତି। ଅଳ୍ପରେ କହିଲେ ଭୁଲ (ଖରାପ) ଉପରେ ଠିକ୍ (ସତ୍ୟ)ର ବିଜୟ ବୋଲି ମଧ୍ୟ କୁହାଯାଇପାରିବ।

ସାମାଜିକ ଭାବରେ ଏହାର ମହତ୍ତ୍ୱ ଏବଂ ବିଶ୍ଳେଷଣ ବିଶେଷ ମହତ୍ତ୍ୱ ରଖେ ସମାଜ ପାଇଁ। ପ୍ରଥମତଃ ବ୍ୟସ୍ତବହୁଳ ଜୀବନ ଭିତରେ ସମୟ କାଢ଼ି ସାମାଜିକ ବନ୍ଧନକୁ ସୁଦୃଢ଼ କରିବା ଏବଂ ବ୍ୟସ୍ତତାରୁ ଟିକିଏ ଆଶ୍ୱସ୍ତି ଆମ ଜୀବନରେ ପୁଣି କାମ କରିବାର ଉର୍ଜା ଭରିଦିଏ। ଏଥିରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଉତ୍ସବମୁଖର ହେଉଥିବାରୁ ବ୍ୟବସାୟକୁ ମଧ୍ୟ ଏହା ଚଳଚଞ୍ଚଳ କରାଇଥାଏ। ପୂଜାର କିଛିଦିନ ପୂର୍ବରୁ ଭସାଣି ପର୍ଯ୍ୟନ୍ତ ସବୁବର୍ଗର ଲୋକ ନିଜଭିତରେ ଥିବା ଭେଦଭାବକୁ ଭୁଲି ପର୍ବ ପାଳିବାର ନିଶାରେ, ନିଜ ଭିତରେ ଥିବା ହିଂସା ଓ ଦ୍ୱେଷର ହତ୍ୟା କରିଥାନ୍ତି। ଏହି ଦୁର୍ଗାପୂଜା ସତରେ ସମସ୍ତଙ୍କ ମନରେ ଅନେକ ଅନେକ ଆଶାର ସମ୍ଭାର ଆଣିଦେଉ ଏବଂ ଆମ ନିଜ ଭିତରେ ଥିବା ସବୁ ଆସୁରିକ ପ୍ରବୃତ୍ତିର ବିନାଶ ଘଟୁ ଆଉ ଆମ ମନରେ ମା' ସ୍ନେହ, ପ୍ରେମ ଭରିଦିଅନ୍ତୁ। ଏହାହିଁ ଆଗାମୀ ପୂଜା ପାଇଁ ଜଗତ୍‌ଜନନୀଙ୍କ ନିକଟରେ ପ୍ରାର୍ଥନା।

# ଶିକ୍ଷା ୪.୦ ଉଚ୍ଚଶିକ୍ଷାର ପରିଦୃଶ୍ୟକୁ ପରିବର୍ତ୍ତନ କରିଦେବ

ସ୍ୱାଧୀନତା ପରଠୁ ଭାରତବର୍ଷ ନିଜ ଉଚ୍ଚଶିକ୍ଷାର ପରିଦୃଶ୍ୟରେ ସଂଗଠିତ ହୋଇଥିବା ଅସାଧାରଣ ଅଭିବୃଦ୍ଧିକୁ ଅବଲୋକନ କରିଛି । ୧୯୫୦ ମସିହାରେ ଦେଶରେ ପ୍ରାୟ ୨୦ ବିଶ୍ୱବିଦ୍ୟାଳୟ ଥିଲା। ଏବେ ଦେଶରେ ପ୍ରାୟ ୧୦୪୦ ବିଶ୍ୱବିଦ୍ୟାଳୟ ରହିଛି । ତନ୍ମଧ୍ୟରୁ ୧୩୫ ଅନୁଷ୍ଠାନକୁ 'ଇନ୍‌ଷ୍ଟିଚ୍ୟୁଟସନ୍ ଅଫ୍ ନ୍ୟାସନାଲ ଇମ୍ପୋଟାନ୍ସ' (ଆଇଏନ୍‌ଆଇ) ବା ରାଷ୍ଟ୍ରୀୟ ମହତ୍ତ୍ୱପୂର୍ଣ୍ଣ ସଂସ୍ଥା ଭାବେ ଅଭିହିତ କରାଯାଇଛି । ଦେଶରେ ଥିବା ବିଭିନ୍ନ ଏକାଡେମିକ୍ ଇନ୍‌ଷ୍ଟିଚ୍ୟୁସନ୍‌ମାନଙ୍କରେ ସଂପ୍ରତି ପ୍ରାୟ ୩୯ ନିୟୁତ ଛାତ୍ରଛାତ୍ରୀ ନାମାଙ୍କନ କରକରିଛନ୍ତି। ଭାରତବର୍ଷର ମୋଟ ନାମାଙ୍କନ ଅନୁପାତ ୨୭.୧ ପ୍ରତିଶତ। ଯଦିଓ ଉଚ୍ଚଶିକ୍ଷା ବ୍ୟବସ୍ଥାରେ ଅଭିବୃଦ୍ଧି ଘଟିଛି ହେଲେ ଛାତ୍ରଛାତ୍ରୀମାନଙ୍କ ପାଇଁ ଆମେ ପ୍ରଦାନ କରୁଥିବା ଶିକ୍ଷାର ଗୁଣାତ୍ମକ ମାନ ଓ ଏହାର ପ୍ରାସଙ୍ଗିକତାକୁ ନେଇ ପ୍ରାୟ ବିଭିନ୍ନ କ୍ଷେତ୍ରରୁ ବାରମ୍ବାର ଚିନ୍ତା ପ୍ରକଟ କରାଯାଉଛି ।

### ବିବିଧ ବିଷୟର ପ୍ରାଧାନ୍ୟ

ଗତ ୨୦୦ ବର୍ଷ ମଧ୍ୟରେ ଉଚ୍ଚଶିକ୍ଷା ବ୍ୟବସ୍ଥା ବେଶ୍ ବିକଶିତ ହୋଇଅଛି ଏବଂ ଏହି ବିକାଶର ଧାରାକୁ ଶିଳ୍ପ ବିକାଶ ସହ ତୁଳନା କରାଯାଇପାରେ । ଏଥିପାଇଁ ନୂଆ ନୂଆ ପ୍ରଯୁକ୍ତିବିଦ୍ୟାର ଆଗମନକୁ ଆମେ ହୃଦୟରୁ ଧନ୍ୟବାଦ ଅର୍ପଣ କରିବା ଯାହାର ଆଶୀର୍ବାଦରେ ଶିକ୍ଷା କ୍ଷେତ୍ରରେ ଅଭିନବ ପରିବର୍ତ୍ତନ ଆଜି ସମ୍ଭବପର ହୋଇପାରିଛି । 'ଶିଳ୍ପ ୧.୦' ଯନ୍ତ୍ରୀକରଣ ଓ ବାଷ୍ପୀୟଶକ୍ତି ଭିତ୍ତିକ ଥିଲା ବେଳେ ପରବର୍ତ୍ତୀ ପିଢ଼ି କ୍ରମାନ୍ୱୟରେ ଇଲେକ୍‌ଟ୍ରିସିଟି, କମ୍ପ୍ୟୁଟର ଏବଂ ଇଣ୍ଟରନେଟ୍‌ର ଆବିଷ୍କାର ଦ୍ୱାରା ବହୁଳ ଭାବେ ସକ୍ଷମ ହୋଇପାରିଲେ । ଶିଳ୍ପ ୪.୦ ଉତ୍ପାଦକତା, ଗୁଣବତ୍ତା ଓ ଅର୍ଥ ସଂଚୟକୁ ଅନୁକୂଳିତ କରିଥାଏ । ଠିକ୍ ସେହିପରି ବିଦ୍ୟୁତ୍‌ଶକ୍ତିର ଆଗମନ ପୂର୍ବରୁ ଶିକ୍ଷା ୧.୦ କେବଳ ଶିକ୍ଷକଙ୍କଠାରୁ ଶିକ୍ଷା ଲାଭ କରିବାରେ ସୀମିତ ଥିଲା । ଏହି ଶିକ୍ଷା ପ୍ରଣାଳୀରେ ଶିକ୍ଷକ ଶିକ୍ଷାର କେନ୍ଦ୍ରୀୟ ଭୂମିକା ନିର୍ବାହ କରୁଥିଲା ବେଳେ ଛାତ୍ରଛାତ୍ରୀମାନେ ଜ୍ଞାନର ଗ୍ରହୀତା ଭାବେ ଯୋଗଦାନ ଦେଉଥିଲେ । ବିଦ୍ୟୁତ୍‌ଶକ୍ତି, କମ୍ପ୍ୟୁଟର ଏବଂ ଇଣ୍ଟରନେଟ୍‌ର ଆବିର୍ଭାବ ଫଳରେ ଆମେ ଏବେ ଶିକ୍ଷା ୪.୦ ସ୍ତରରେ ପହଞ୍ଚିପାରିଛୁ ଏବଂ ଶିକ୍ଷା ଯେକୌଣସି ସମୟରେ, ଯେକୌଣସି ସ୍ଥାନରେ ଏବଂ ଅଗ୍ରାଧିକାର ଓ ଦାବୀ ଭିତ୍ତିରେ ଉପଲବ୍ଧ ହୋଇପାରୁଛି। ଶିକ୍ଷକର ଭୂମିକା ଜଣେ ପ୍ରଶିକ୍ଷକରୁ ପରିବର୍ତ୍ତିତ ହୋଇ ଏବେ ଜଣେ ପଥପ୍ରଦର୍ଶକ, ଟ୍ୟୁଟର ଓ ସହଯୋଗୀ ସ୍ତରରେ ପହଞ୍ଚିଯାଇଛି। ଶିକ୍ଷା ୪.୦ ର କାର୍ଯ୍ୟକାରୀତା ପାଇଁ ଆବଶ୍ୟକ ପରିବର୍ତ୍ତନ ପାଠ୍ୟକ୍ରମ ସ୍ତରରୁ ହିଁ ଆରମ୍ଭ ହୋଇଥାଏ । ପାଠ୍ୟକ୍ରମରେ ବୈଷୟିକ ଜ୍ଞାନ କୌଶଳ, ସାମାଜିକ ବିଜ୍ଞାନ, ମୂଲ୍ୟବୋଧ, ନେତୃତ୍ୱ, ଦକ୍ଷତା, ଡିଜାଇନ୍ ସମ୍ବନ୍ଧୀୟ ତଥ୍ୟ ଆଦିର ସଠିକ୍ ମିଶ୍ରଣ ଆବଶ୍ୟକ ହୋଇଥାଏ। ଏହା ମଧ୍ୟ ଶ୍ରେଣୀ କୋଠରୀ ବାହାରେ ଶିକ୍ଷାଦାନ ବ୍ୟବସ୍ଥାର ସୁଦୃଢ଼ ସମନ୍ୱିତ ଦୃଷ୍ଟିକୋଣ ପୋଷଣ କରାଯିବା ଦରକାର । ଏ ସବୁର ଫଳପ୍ରଦ ରୂପାୟନ ପାଇଁ ନମନୀୟତା ହେଲା ଅସଲ ଚାବକାଠି ଏବଂ ଗୁରୁତ୍ୱ ଫାକଲ୍‌ଟି ପାଖକୁ ପରିବର୍ତ୍ତନ ହେବାର ଏକାନ୍ତ ଆବଶ୍ୟକତା ରହିଛି। ଏ କ୍ଷେତ୍ରରେ ଆଇଆଇଟିଗୁଡ଼ିକ ଗୁଣବତ୍ତା ସୁଧାର କାର୍ଯ୍ୟକ୍ରମ ମାଧ୍ୟମରେ ଏକ ମହତ୍ତର ଭୂମିକା ସଂପାଦିତ କରିପାରିବେ।

ଯୁଗ୍ମ ମ୍ୟାନେଜିଂ ଟ୍ରଷ୍ଟି, କଳିଙ୍ଗ ଫାଉଣ୍ଡେସନ୍ ଟ୍ରଷ୍ଟ,
**କଳିଙ୍ଗ ଭବନ, ଏ/୬୨/୧, ନୟାପଲ୍ଲୀ, ଭୁବନେଶ୍ୱର**
**ନବପ୍ରବର୍ତ୍ତନ ଏବଂ କଳ୍ପନାର କାରଖାନା**

**ସଂପାଦକୀୟ ପୃଷ୍ଠା ପାଇଁ ଲେଖା ଦେବାକୁ ଚାହୁଁଥିଲେ ଆମ ଠିକଣାରେ**
Sector-1/163 HIG Dupled, Niladri Vihar,
Po- Sailashree Vihar, Bhubaneswar - 751021
E-mail: odishasanket@gmail.com

# ଶ୍ରୀମନ୍ଦିରରେ ଶାରଦୀୟ ପୂଜା ଉତ୍ସବ

**ଡକ୍ଟର ଭାସ୍କର ମିଶ୍ର**

**"ଶାରଦୀୟ ପୂଜା ଅବସରରେ ଆଶ୍ୱିନ ଶୁକ୍ଳ ଦଶମୀରେ ରାମ, କୃଷ୍ଣ, ମଦନମୋହନ, ଶ୍ରୀ ଦୁର୍ଗା ମାଧବଙ୍କ ଆଜ୍ଞାମାଳ ପ୍ରାପ୍ତ ହୋଇ ପାଲିଙ୍କି, ବିମାନ ଓ ରଥାକାର ବିମାନରେ ବଡ଼ଦାଣ୍ଡସ୍ଥିତ ଜଗନ୍ନାଥବଲ୍ଲଭ ମଠକୁ ବିଜେ ହୋଇଥାନ୍ତି। ସେଠାରେ ପ୍ରସାଦ ଲାଗି, ଶୀତଳ ଭୋଗ ଓ ବନ୍ଦାପନା ନୀତି ଅନୁଷ୍ଠିତ ହେବା ପରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ ହୋଇଥାଏ। ଅତୀତରେ ଦଶହରା ବା ବିଜୟା ଦଶମୀ ଦିନ ଉତ୍କଳର ଗଜପତି ମହାରାଜା ନିଜ ପାତ୍ର ମନ୍ତ୍ରୀଙ୍କ ସହ ସମର କୌଶଳ ପ୍ରଦର୍ଶନ ପାଇଁ ଅସ୍ତ୍ରଶସ୍ତ୍ର ପୂଜା କରୁଥିଲେ।**

ଓଡ଼ିଶାର ଶାକ୍ତ ପରମ୍ପରାରେ ଶ୍ରୀକ୍ଷେତ୍ରର ଅଧିଶ୍ୱରୀ ମା' ବିମଳାଙ୍କୁ ଏକ ମୁଖ୍ୟ ଶକ୍ତି ରୂପେ ଗ୍ରହଣ କରାଯାଏ। ଶାକ୍ତପୀଠ ମାନଙ୍କ ମଧ୍ୟରେ ଶ୍ରୀକ୍ଷେତ୍ରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ମା'ବିମଳା ପାଦ ପୀଠେଶ୍ୱରୀ ନାମରେ ସୁପ୍ରସିଦ୍ଧା। ଦେବୀ ଭାଗବତ, କାଳିକା ପୁରାଣ ଓ ଅନ୍ୟାନ୍ୟ ଶାକ୍ତ ଗ୍ରନ୍ଥ ଅନୁଯାୟୀ ଏହି ପାଦପୀଠ ଏକାନ୍ତ ଗୋପନୀୟ ସିଦ୍ଧ ତନ୍ତ୍ର ପୀଠ। ଗବେଷକମାନଙ୍କ ଉଲ୍ଲେଖ ପ୍ରକାରେ ପ୍ରାୟ ତ୍ରୟୋଦଶ ଶତାବ୍ଦୀ ବେଳକୁ ମା' ବିମଳା ଓ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଦୁର୍ଗା ମାଧବ ଉପାସନାର ଅୟଆରମ୍ଭ ହୋଇଥିଲା। ଶାରଦା ତିଳକ, ତନ୍ତ୍ର ସାର, ଗୋପାଳାର୍ଚ୍ଚନ ପଦ୍ଧତିର ଅନୁକରଣରେ ବୈଷ୍ଣବ ତନ୍ତ୍ର ମତରେ ଉପାସନା ଧାରା ପ୍ରବର୍ତ୍ତିତ ହେଲା। ଏହା ଫଳରେ ମା' ବିମଳା ଓ ଶ୍ରୀଜଗନ୍ନାଥଙ୍କୁ ଦୁର୍ଗାମାଧବ ସ୍ୱରୂପରେ ଉପଲବ୍ଧି କରିବା ପାଇଁ ବିମଳାଙ୍କ ମନ୍ଦିରରେ ଦୁର୍ଗାମାଧବଙ୍କ ସମ୍ମିଳିତ ଉପାସନାର ବ୍ୟବସ୍ଥା କରାଗଲା। ଭୋଇ ରାଜବଂଶର ପ୍ରତିଷ୍ଠାତା ରାମଚନ୍ଦ୍ର ଦେବ (ପ୍ରଥମ)ଙ୍କ ସମୟରେ ରାଜଗୁରୁ ବର୍ଦ୍ଧନ ମହାପାତ୍ର 'ଦୁର୍ଗୋତ୍ସବ ଚନ୍ଦ୍ରିକା' ରଚନା କରି ଶାରଦୀୟ ଦୁର୍ଗା ପୂଜାକୁ ସାରା ଓଡ଼ିଶାରେ ସାର୍ବଜନୀନ ରୂପେ ପାଳନ କରିବା ପାଇଁ ଉଦ୍ୟମ କରିଥିଲେ। ସୁତରାଂ ମା'ବିମଳାଙ୍କ ମନ୍ଦିରରେ ଦୁର୍ଗା ଓ ମାଧବଙ୍କର ଏକତ୍ର ପୂଜା ସହିତ ଓଡ଼ିଶାର ଗାଁ ଗହଳରେ ତଥା ସହରମାନଙ୍କରେ ମୃଣ୍ମୟୀ ଦୁର୍ଗା ପୂଜାର ବିଶେଷ ପ୍ରଚଳନ ହୋଇଥିଲା।

ଭାରତୀୟ ଶାକ୍ତ ପରମ୍ପରାରେ ବର୍ଷ ମଧ୍ୟରେ ମୁଖ୍ୟ ରୂପରେ ବାସନ୍ତିକ ଓ ଶାରଦୀୟ ଦୁଇଟି ଶକ୍ତି ଉପାସନା ଥିଲେ ମଧ୍ୟ ଶାରଦୀୟ ଶକ୍ତି ଉପାସନାର ପ୍ରାଧାନ୍ୟ ରହିଛି। 'ବୃହତ୍ ସାର ସିଦ୍ଧାନ୍ତ'ର ଉଲ୍ଲେଖ ପ୍ରକାରେ ଆଶ୍ୱିନ ଶୁକ୍ଳ ପକ୍ଷରେ ବିଶେଷ ଉତ୍ସବରେ ଶ୍ରୀ ଦୁର୍ଗା ଦେବୀଙ୍କର ସ୍ୱତନ୍ତ୍ର ପୂଜା ବା ଉପାସନା ଧର୍ମ, ଅର୍ଥ, କାମ ତଥା ମୋକ୍ଷ- ଏହି ଚାରି ଫଳ ପ୍ରଦାୟକ। ଏପରିକି ଦେବୀ ପାର୍ବତୀ ଭଗବାନ ଶଙ୍କରଙ୍କୁ କହିଛନ୍ତି ଯେ, ଶରତକାଳୀନ ଉପାସନା କଲେ ସେ ପ୍ରସନ୍ନ ହୋଇ ଧନ, ଜନ, ଆରୋଗ୍ୟ ଓ ସର୍ବବିଧ ଉନ୍ନତି ପ୍ରଦାନ କରନ୍ତି।

ପ୍ରତିବର୍ଷ ଶ୍ରୀମନ୍ଦିରରେ ଆଶ୍ୱିନ କୃଷ୍ଣପକ୍ଷ ଅଷ୍ଟମୀ ଠାରୁ ଶୁକ୍ଳ ପକ୍ଷ ନବମୀ ପର୍ଯ୍ୟନ୍ତ ଷୋହଳ ପୂଜା ଅନୁଷ୍ଠିତ ହୋଇଥାଏ। ଏହି ସମୟରେ ଦୁର୍ଗା ଓ ମାଧବ ଇନ୍ଦ୍ରାସନରେ ଉପବିଷ୍ଟ ପୂର୍ବକ ଏକତ୍ର ରୁନ୍ଧା ହୋଇଥାନ୍ତି। ଅର୍ଥାତ୍ ପରସ୍ପର ମିଳିତ ହୋଇଥାନ୍ତି। ପରମ୍ପରା ଅନୁଯାୟୀ ପ୍ରଥମ ଆଠଦିନ ଧରି ଦୁର୍ଗା ମାଧବ ବିମଳାଙ୍କ ମନ୍ଦିରକୁ ବିଜେ କରନ୍ତି। ଏଠାରେ ବନ୍ଦାପନା, ଶୀତଳ ଭୋଗ ଇତ୍ୟାଦି ଅନୁଷ୍ଠିତ ହୋଇଥାଏ। ଏହାପରେ ପରବର୍ତ୍ତୀ ଆଠଦିନ ପାଇଁ ରଥାକୃତି ବିମାନରେ ଉଭୟ ଦୁର୍ଗା ଓ ମାଧବ ଶ୍ରୀମନ୍ଦିରରୁ ଦୋଳମଣ୍ଡପ ସାହିସ୍ଥ ନାରାୟଣୀଙ୍କ ମନ୍ଦିରକୁ ଏକ କାଷ୍ଠନିର୍ମିତ ସିଂହାସନରେ ଉପବିଷ୍ଟ ହୋଇଥାଆନ୍ତି। ସେଠାରେ ମଧ୍ୟ ବନ୍ଦାପନା, ଶୀତଳ ଭୋଗ, ମାଣ୍ଡୁଅ ଭୋଗ ଇତ୍ୟାଦି ଉଭୟ ଦୁର୍ଗାମାଧବଙ୍କୁ ସମର୍ପିତ ହୋଇଥାଏ।

ଶାରଦୀୟ ଦୁର୍ଗୋତ୍ସବ ଶ୍ରୀମନ୍ଦିର ବେଢ଼ାସ୍ଥିତ ଦେବୀ ବିମଳାଙ୍କ ସମେତ, ଭୁବନେଶ୍ୱରୀ, ଉତ୍ତରାୟଣୀ, ବଟ ମଙ୍ଗଳା ଇତ୍ୟାଦି ମନ୍ଦିରରେ ଯଥାରୀତି ପାଳିତ ହୁଏ। ଏତଦ୍‌ବ୍ୟତୀତ ଶ୍ରୀକ୍ଷେତ୍ର ସ୍ଥିତ ବିଭିନ୍ନ ସାହିମାନଙ୍କ ମଧ୍ୟରେ ମା' ହରଚଣ୍ଡୀ, ବାସେଳୀ, ଚର୍ଚ୍ଚିକା, ମର୍ଚ୍ଚିକା, ଦକ୍ଷିଣକାଳିକା, ଶ୍ୟାମାକାଳୀ, ବାରାହୀ, ବିଶ୍ୱେଶ୍ୱରୀ, ଆଲାମଚଣ୍ଡୀ, ବାଟମଙ୍ଗଳା, ରାମଚଣ୍ଡୀ ଇତ୍ୟାଦି ଶାକ୍ତ ପୀଠମାନଙ୍କରେ ମହାଆଡ଼ମ୍ବର ସହକାରେ ଷୋଡ଼ଶ ଦିନାତ୍ମକ ଶାରଦୀୟ ପୂଜା ପାଳିତ ହୋଇଥାଏ। ଗଜପତି ମହାରାଜାଙ୍କ ପକ୍ଷରୁ ବରଣୀୟ ଶ୍ରୋତ୍ରିୟ ବ୍ରାହ୍ମଣମାନେ ଶକ୍ତିପୀଠମାନଙ୍କରେ ଚଣ୍ଡୀ ପାଠ, ବିଷ୍ଣୁ ସହସ୍ରନାମ ଇତ୍ୟାଦି ପଠନ କରିଥାନ୍ତି।

ଶାରଦୀୟ ପୂଜା ଉପଲକ୍ଷ୍ୟେ ଶ୍ରୀମନ୍ଦିରରେ ଅନୁଷ୍ଠିତ ବିଧିବିଧାନ ଅନୁଯାୟୀ ଚଳନ୍ତି ପ୍ରତିମା ଶ୍ରୀ ଦୁର୍ଗାଦେବୀଙ୍କର ସହସ୍ର କୁମ୍ଭାଭିଷେକ ବିଧି ଅନୁଷ୍ଠିତ ହୋଇଥାଏ। ଏହି ସହସ୍ର କୁମ୍ଭାଭିଷେକ ଅବସରରେ ଶ୍ରୀମନ୍ଦିରରେ ଦୈନନ୍ଦିନ ନୀତି ଭଳି ସକାଳ ଧୂପ ସମାପନ ପରେ ଭଣ୍ଡାରଘରୁ ଦୁର୍ଗା ରତ୍ନ ସିଂହାସନାଧିଷ୍ଠିତ ଦେବୀ ସୁଭଦ୍ରାଙ୍କ ଠାରୁ ଆଜ୍ଞାମାଳ ପାଇ ପତିମହାପାତ୍ରଙ୍କ ହସ୍ତରେ ମାଜଣା ମଣ୍ଡପ ଖଟ ଉପରେ ବିଜେ ହୁଅନ୍ତି। ସେଠାରେ ପୂଜାପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ଦୁର୍ଗାଦେବୀଙ୍କୁ ସହସ୍ର କୁମ୍ଭ ଜଳ ଲାଗି କଲା ପରେ ଶ୍ରୀଅଙ୍ଗ ପୋଛା ପୂର୍ବକ ନୂତନ ବସ୍ତ୍ର ଲାଗି ହୋଇ ବେଶ, ଶୀତଳ ଭୋଗ, ବନ୍ଦାପନା ନୀତି ଅନୁଷ୍ଠିତ ହୋଇଥାଏ। ତତ୍‌ପରେ ଦେବୀ ଦୁର୍ଗାଙ୍କୁ ଭଣ୍ଡାର ଘର ଦ୍ୱାର ଠାରେ ବିଜେ କରାଯିବା ପରେ ଶ୍ରୀମାଧବ ଆଜ୍ଞାମାଳ ପ୍ରାପ୍ତ ହୋଇ ସେଠାରେ ଉପସ୍ଥିତ ପୂର୍ବକ ଦୁହେଁ ଏକତ୍ର ରୁନ୍ଧା ହୋଇ ଝୁଲଣ ମଣ୍ଡପ ତଳେ ଥିବା ପାଲିଙ୍କିରେ ବିଜେ କରନ୍ତି। ଏହା ପୂର୍ବରୁ ଦେବୀ ବିମଳାଙ୍କ ସହସ୍ର କୁମ୍ଭ ପୂଜା, ଚଣ୍ଡୀ ପାଠ, ଜପ, ହୋମ, ଷୋଡ଼ଶ ଉପଚାରରେ ଭୋଗ, କର୍ପୂର ଆଳତି, ବନ୍ଦାପନାଦି ନୀତି ହୋଇଥାଏ। ଏ ସବୁ ନୀତି ସମାପନ ପରେ ଶ୍ରୀ ଦୁର୍ଗାମାଧବ ଏକତ୍ର ବିମଳା ମନ୍ଦିରର ଜଗମୋହନସ୍ଥିତ ଏକ କାଷ୍ଠନିର୍ମିତ ଖଟ ଉପରେ ପୂର୍ବାଭିମୁଖ ହୋଇ ବିଜେ କରିଥାନ୍ତି। ଆଠଦିନ ଏହିପରି ବିଧି ପାଳିତ ହେବା ପରେ ନବମ ଦିନ ଠାରୁ ପରବର୍ତ୍ତୀ ଆଠଦିନ ଦୋଳମଣ୍ଡପ ସାହିସ୍ଥ ନାରାୟଣୀଙ୍କ ମନ୍ଦିରକୁ ରଥାକାର ବିମାନରେ ଯାତ୍ରା କରିଥାନ୍ତି। ଏହାକୁ 'ଶାକ୍ତ ଗୁଣ୍ଡିଚା' ମଧ୍ୟ କୁହାଯାଏ।

ଶ୍ରୀ ବିମଳା ଦେବୀଙ୍କ ନିକଟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅନୁଷ୍ଠିତ କୋଠ ଭୋଗ ମଧ୍ୟରେ ଶାରଦୀୟ ମହାପୂଜାର ରୋଷରେ ନିର୍ମିତ ହେଉଥିବା ସ୍ୱତନ୍ତ୍ର ବିମଳେଇ ପିଠା, ଗଜା ମଣ୍ଡା, ମୁଆଁ ଓ ଥାଳି ଖେଚେଡ଼ି ମଣୋହିରେ ବଢ଼ା ଯାଇ ଷୋଡ଼ଶ ଉପଚାରରେ ରଥ ସାମନ୍ତ (ଶ୍ରୋତ୍ରିୟ ବ୍ରାହ୍ମଣ)ଙ୍କ ପୂଜା କରାଯାଏ। ଦେବୀ ବିମଳାଙ୍କ ତିନିଧୂପ ଓ ରାତ୍ର ଚନ୍ଦନ ଲାଗି ନୀତି ପରେ ଦୁର୍ଗାମାଧବଙ୍କୁ ଭଣ୍ଡାର ଘରେ ବିଜେ କରାଯାଏ। ଏହି ଦିନମାନଙ୍କରେ ଶ୍ରୀ ବିଗ୍ରହମାନଙ୍କ ତିନି ବାଡ଼ରେ ଯାହା ଭୋଗ ଲାଗେ, ସବୁ ଦେବୀ ବିମଳାଙ୍କ ପାଖକୁ ଆସି ବେଲପତ୍ର ପଡ଼ି ପୁନଃ ନୈବେଦ୍ୟ ହୋଇଥାଏ। ଏହି ଦିନ ମାନଙ୍କରେ ଅଧିକ ଭୋଗର ତାଲିକା ନିମ୍ନରେ ପ୍ରଦତ୍ତ କରାଗଲା।

ସକାଳଧୂପ: କାନ୍ତି ୧ ସରା, ଖେଚେଡ଼ି ଫାଳେ

ମଧ୍ୟାହ୍ନ ଧୂପ: କାକରା ୫ ଗୋଟି, ମାଠ ପୁଳି ୨ ଗୋଟି, ସାନ ଆରିସା - ୧, ବଡ଼ ଆରିସା- ୧

ସନ୍ଧ୍ୟା ଧୂପ: ପାରିଜାତକ ୯ ଗୋଟି, ଅମାଲୁ- ୨

ବଡ଼ସିଂହାର ଭୋଗ: କ୍ଷୀରି- ୧, ଟାକୁଆ- ୧

ଶୀତଳ ଭୋଗ: ସକାଳ ଧୂପ ପାଇଁ ଖଇ ପାଞ୍ଚ ଓଳି, ମୁଆଁ ୫ଟି, ମଧ୍ୟାହ୍ନ ଧୂପ ପୂଜା ପାଇଁ ୨୮ଟି କୋରା, କଦଳୀ- ୭ଟି। ସନ୍ଧ୍ୟା ଧୂପ ନିମନ୍ତେ କୋରା ୨୦ଟି, ପେଡ଼ା- ୭ଟି।

ଏତଦ୍‌ବ୍ୟତୀତ ଶେଷ ତିନିଦିନ ଅର୍ଥାତ୍ ମହାସପ୍ତମୀ, ମହାଅଷ୍ଟମୀ ଓ ମହାନବମୀରେ ବିମଳା ଦେବୀଙ୍କ ମନ୍ଦିର ଠାରେ ଅସ୍ଥାୟୀ ଭାବେ ରୋଷ ଘର ନିର୍ମିତ ହୋଇ ଶଙ୍ଖୁଡ଼ି ଭୋଗ ପ୍ରସ୍ତୁତ ପୂର୍ବକ ନୈବେଦ୍ୟ ହୋଇଥାଏ। ଉକ୍ତ ଦିନ ମାନଙ୍କରେ ଖେଚେଡ଼ି ୩ ହାଣ୍ଡି, କ୍ଷୀରି ୨ହାଣ୍ଡି, ପଖାଳ ୧ ହାଣ୍ଡି, ଭଜା ଏକ ତାଡ଼ ଓ ମାଛ ବେସର ଦେବୀ ବିମଳାଙ୍କୁ ନୈବେଦ୍ୟ ହୋଇଥାଏ। ଉଲ୍ଲେଖଯୋଗ୍ୟ ଯେ ଏହି ଭୋଗ ନୈବେଦ୍ୟ ବିମଳା ମନ୍ଦିରର ପୂଜକ ବା ସେବକଙ୍କ ଦ୍ୱାରା ସମାହିତ ହୋଇଥାଏ।

ରତ୍ନସିଂହାସନାଧିଷ୍ଠିତ ଶ୍ରୀ ବିଗ୍ରହ ମାନଙ୍କ ପହୁଡ଼ ନୀତି ଶେଷ ହେବା ପରେ ଏବଂ ବିମଳା ମନ୍ଦିରରେ ସନ୍ଧ୍ୟା ଧୂପ ନୀତି ପରେ ବିମଳା ଦେବୀଙ୍କ ପାଳିଆ ସେବକଙ୍କ ଦ୍ୱାରା ଭୋଗ ଲାଗିଥାଏ। ଏହି ପ୍ରସାଦକୁ କେତେକ ସେବକ ତଥା ବ୍ୟକ୍ତି ବିଶେଷଙ୍କୁ ଖେଇ ସ୍ୱରୂପ ପାଇଥାନ୍ତି। ଏତଦ୍‌ବ୍ୟତୀତ ଷୋହଳ ପୂଜା ପ୍ରଥମ ଦିନରେ ୧ଟି ନୂତନ ବାର ଲାଗି ଶାଢ଼ି ଏବଂ ସ୍ୱର୍ଣ୍ଣ ଅଳଙ୍କାର ମଧ୍ୟରେ ସୁନା ପଦକ ମାଳି, କୁରୁଜାତକ ମାଳି, ଚମ୍ପାକଢ଼ି ମାଳି, ମୁଣ୍ଡ ମାଳ ମାଳି, ସୁନା କମର, ସୁନା ଝୋବା କଣ୍ଠି ଇତ୍ୟାଦି କେତେକ ପ୍ରକାର ସ୍ୱର୍ଣ୍ଣ ଅଳଙ୍କାର ବିଭିନ୍ନ ବେଶ ସମୟରେ ଲାଗି ହୋଇଥାଏ। ଷୋହଳ ପୂଜା ଅବସରରେ ମା' ବିମଳା ଦେବୀଙ୍କର ୧୧ଟି ବେଲ ପାଳିଆ ସେବକ, ବଦାନ୍ୟ ବ୍ୟକ୍ତି ଓ ମଠାନୁଷ୍ଠାନମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥାଏ। ମା'ଙ୍କ ଏହି ବେଶ ସେହି ଦିନର ପାଳିଆ ସେବକଙ୍କ ଦ୍ୱାରା ପୂଜା ସମ୍ପାଦିତ ହୋଇଥାଏ। ବେଶ ଗୁଡ଼ିକ ମଧ୍ୟରେ ୧. ବନଦୁର୍ଗା ବେଶ, ୨. ଭୁବନେଶ୍ୱରୀ ବେଶ, ୩. ନାରାୟଣୀ ବେଶ, ୪. ଶ୍ରୀ ବଗଳା ବେଶ, ୫. ଜୟଦୁର୍ଗା ବେଶ, ୬. ଉଗ୍ରତାରା ବେଶ, ୭. ମାତଙ୍ଗିନୀ ବେଶ, ୮. ଦଶଭୂଜା ବେଶ, ୯. ରାଜରାଜେଶ୍ୱରୀ ବେଶ, ୧୦. ହରଚଣ୍ଡୀ ବେଶ, ୧୧. ସିଂହବାହିନୀ ବେଶ।

ଉଲ୍ଲେଖଯୋଗ୍ୟ ଯେ, ସିଂହବାହିନୀ ବେଶ ଷଷ୍ଠୀ ତିଥିରେ ଅନୁଷ୍ଠିତ ହୋଇ ନବମୀ ପର୍ଯ୍ୟନ୍ତ ରହିଥାଏ। ଉପରିଲିଖିତ ବେଶମାନଙ୍କ ମଧ୍ୟରେ ଏକ ବେଶକୁ ମା' ବିମଳା ମନ୍ଦିରର ପାଳିଆ ସେବକଙ୍କ ବକ୍ତବ୍ୟ ଅନୁଯାୟୀ 'ନୀଳ ସରସ୍ୱତୀ ବେଶ' ନାମରେ କଥିତ।

ଶାରଦୀୟ ପୂଜା ଅବସରରେ ଆଶ୍ୱିନ ଶୁକ୍ଳ ଦଶମୀରେ ରାମ, କୃଷ୍ଣ, ମଦନମୋହନ, ଶ୍ରୀ ଦୁର୍ଗା ମାଧବଙ୍କ ଆଜ୍ଞାମାଳ ପ୍ରାପ୍ତ ହୋଇ ପାଲିଙ୍କି, ବିମାନ ଓ ରଥାକାର ବିମାନରେ ବଡ଼ଦାଣ୍ଡସ୍ଥିତ ଜଗନ୍ନାଥବଲ୍ଲଭ ମଠକୁ ବିଜେ ହୋଇଥାନ୍ତି। ସେଠାରେ ପ୍ରସାଦ ଲାଗି, ଶୀତଳ ଭୋଗ ଓ ବନ୍ଦାପନା ନୀତି ଅନୁଷ୍ଠିତ ହେବା ପରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ ହୋଇଥାଏ। ଅତୀତରେ ଦଶହରା ବା ବିଜୟା ଦଶମୀ ଦିନ ଉତ୍କଳର ଗଜପତି ମହାରାଜା ନିଜ ପାତ୍ର ମନ୍ତ୍ରୀଙ୍କ ସହ ସମର କୌଶଳ ପ୍ରଦର୍ଶନ ପାଇଁ ଅସ୍ତ୍ରଶସ୍ତ୍ର ପୂଜା କରୁଥିଲେ। ଏବେ ବି ଶ୍ରୀମନ୍ଦିରରେ ଦଶହରା ଉତ୍ସବ ଅବସରରେ ମହାପ୍ରଭୁମାନଙ୍କ ଆୟୁଧ ପୂଜା ଅନୁଷ୍ଠିତ ହୋଇ ଆସୁଅଛି। ଏପରିକି ମା' ବିମଳାଙ୍କୁ ରାଷ୍ଟ୍ର ଦେବୀ ରୂପେ ପ୍ରଚ୍ଛନ୍ନ ଭାବରେ ସ୍ୱୀକାର କରି ଓଡ଼ିଶାର ଗଜପତିମାନେ ବିମଳାଙ୍କୁ ସ୍ମରଣ କରି ଯାତ୍ରା କରୁଥିଲେ।

ଶ୍ରୀମନ୍ଦିରରେ ପାଳିତ ଶାରଦୀୟ ପୂଜା ଉତ୍ସବରେ ଶତାଧିକ ସେବକ, ଶ୍ରୋତ୍ରିୟ ବ୍ରାହ୍ମଣ, ବୀରନରସିଂହପୁର ବ୍ରାହ୍ମଣ ଶାସନର ରଥ ସାମନ୍ତ, ଦେଉଳ ପୁରୋହିତ, ରାଜଗୁରୁ ପ୍ରମୁଖ ସଂଶ୍ଳିଷ୍ଟ ହୋଇଥାନ୍ତି। ଷୋଡ଼ଶ ଦିନାତ୍ମକ ଏହି ପୂଜାରେ ମଧ୍ୟ କେତେକ ତାନ୍ତ୍ରିକ ବିଧିବିଧାନ ଗୋପନୀୟ ଭାବେ ବିମଳା ମନ୍ଦିରରେ ପାଳିତ ହୋଇଥାଏ।



**ପ୍ରାକ୍ତନ ଉପ-ପ୍ରଶାସକ,**
**ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ, ପୁରୀ**

# ପୂଜା ଛୁଟି



**ପ୍ରଣତି ପାତ୍ର**



**"ଘର ଝରକା ଦେଇ ଝରଣା, ପାହାଡ଼ର ଦୃଶ୍ୟ ତାକୁ ପୂର୍ବ ପରି ବିମୋହିତ କରିପାରୁ ନାହିଁ। ଆଇର ଗାଁକୁ ବସ୍‌ରେ ଯିବା ବେଳେ ସେ ରାସ୍ତା କଡ଼ର ପର୍ବତମାଳା, ଝରଣା, କାଶତଣ୍ଡୀ ଫୁଲର ପସରା ଦେଖି ମନ୍ତ୍ରମୁଗ୍ଧ ହୋଇ ଯାଉଥିଲା।**

ଏ ବର୍ଷ ବହୁତ ଲମ୍ବା ପୂଜା ଛୁଟି ମିଳିବ। ପୁରା ଦଶ ଦିନ। ବର୍ଷ ସାରା ଏମିତି ଏକ ଅବସର ପାଇଁ ସମସ୍ତେ ଅପେକ୍ଷା କରିଥାନ୍ତି। ଛୁଟିକୁ କେମିତି ବିତେଇବେ, ଏହାର ଏକ ମଧୁର ସ୍ୱପ୍ନ ସମସ୍ତେ ଦେଖିଥାନ୍ତି। ଆଉ ଦୁଇ ଦିନ ଗଲେ ପୂଜା ଛୁଟି ଆରମ୍ଭ ହେବ।

କେଶବ କହିଲେ,- କରୋନା ଯୋଗୁଁ ଦୁଇ ବର୍ଷ ହେଲା ଗାଆଁକୁ ଯାଇ ହେଲା ନାହିଁ। ଚାଲ, ଏଥର ପୂଜା ଛୁଟିରେ ବାପା ମା'ଙ୍କ ପାଖକୁ ଟିକେ ବୁଲିକି ଆସିବା।

ରାଧା ନାହିଁ କରି ଦେବ ଭାବୁଥିଲା। କାରଣ ସେ ଏହି ପୂଜା ଛୁଟି ନିମନ୍ତେ ଅନେକ ଯୋଜନା କରିଛି। ସାଙ୍ଗମାନଙ୍କ ସହିତ ମାନାଲୀ ଯିବା ପାଇଁ ସ୍ଥିର କରିଛି। ଆଜିକାଲି ଗୃହିଣୀମାନଙ୍କୁ ବର୍ଷ ସାରା ଘରର ଦାୟୀତ୍ୱରୁ କ୍ୱଚିତ୍ ଫୁରସତ୍ ମିଳୁଛି। ଅନ୍ୟମାନଙ୍କ ସେବା କରୁ କରୁ ନିଜ ଜୀବନକୁ ଅବହେଳା କରିଚାଲିଛନ୍ତି। ରାଧାର ବାନ୍ଧବୀ ସୁରଭୀ ଏକୁଟିଆ 'ସୋଲୋ' ଟ୍ରିପରେ ଭାରତ ସାରା ଭ୍ରମଣ କରୁଛି। ତା'ର ପିଲାମାନେ ବଡ଼ ହୋଇ ଗଲେଣି ଓ ସ୍ୱାମୀ ସ୍ୱାଧୀନଚେତା। ରାଧାର ଏକୁଟିଆ କୌଣସି ସ୍ଥାନକୁ ଯିବାକୁ ସାହାସ ଯୁଟେ ନାହିଁ। ତେଣୁ ଅନେକ ଦିନ ଥିଲା ହିଁ ନାହିଁ ଭିତରେ ସ୍ଥିର ନିଶ୍ଚୟ କରିଛି, ସାଙ୍ଗମାନଙ୍କ ସହିତ ଏଥର ପୂଜା ଛୁଟିରେ ନିଜ ପାଇଁ କିଛି କରିବ।

ଯିବା ତ! କାହିଁ କିଛି କହିଲ ନାହିଁ? କେଶବର ପ୍ରଶ୍ନରେ ରାଧାର ଧ୍ୟାନଭଙ୍ଗ ହେଲା। ହଁ ଯିବା- ଏତକ କହି ରାଧା ଶାଶୁ ଘରର ସେହି ପରିବେଶକୁ ମନେ ପକାଇବାକୁ ଲାଗିଲା, ଗାଆଁକୁ ଗଲେ ପ୍ରତି ଦିନ ଶାଢ଼ୀ ପିନ୍ଧି ଓଢ଼ଣା ଦେଇ ରହିବାକୁ ହୁଏ। ତା'ର ଅର୍ଦ୍ଧଶିକ୍ଷିତ ଯାଆ ବିବାହ ପରଠାରୁ ସେମିତି କରି ଆସିଛନ୍ତି। ଗାଆଁ ଘରେ ବିଭିନ୍ନ ନୀତି ନିୟମ ପାଳନ କରି କରି ତାକୁ ଅଣନିଶ୍ୱାସୀ ଲାଗେ। ତା'ଛଡ଼ା ସାହି ପଡ଼ିଶାର ସ୍ତ୍ରୀ ଲୋକଙ୍କୁ ସେ ସାମନା କରି ପାରେ ନାହିଁ। ଅଜବ ପ୍ରକାର ଚାହାଣୀ ଓ ପ୍ରଶ୍ନବାଣରେ ସେ ଭାରି ଅସହଜ ଅନୁଭବ କରେ। ଦେଢ଼ଶୁର ଶଶୁରଙ୍କ ଜମିବାଡ଼ି କଥା ବୁଝନ୍ତି ଓ ଗାଁ ସ୍କୁଲରେ ଶିକ୍ଷକତା କରନ୍ତି। ଶାଶୁ ଶଶୁରଙ୍କୁ ସହର ଜୀବନ ଜମା ଭଲ ଲାଗେ ନାହିଁ। କେଉଁ ଚାରି ପାଞ୍ଚ ବର୍ଷରେ ଥରେ କଟକ ଆସିଲେ ଦୁଇ ତିନି ଦିନ ହୋଇଗଲେ, ଗାଆଁକୁ ଫେରିଯିବାକୁ ଚାହାନ୍ତି।

ଡ୍ରଇଂ ରୁମରୁ ରାଧା ପାଟିକଲା- 'ସିପୁନ୍, ତୋର ଜିନିଷପତ୍ର ପ୍ୟାକ୍ କର। ଛୁଟିରେ ଗାଁକୁ ଯିବା। ସିପୁନ୍ କଲେଜରେ +୨ ପଢୁଛି। ଦୁଇ ବର୍ଷ ତଳେ ତା' ମମି-ପାପା ସହିତ ଗାଆଁକୁ ଯାଇଥିଲା। ଗାଆଁରେ କୌଣସି ସୁବିଧା ନାହିଁ। କେମିତି ରୁହନ୍ତି ଲୋକ ଗୁଡ଼ାକ କେଜାଣି! ଗାଆଁକୁ ଯିବା କଥା ଶୁଣି ସିପୁନ୍ ଦୌଡି ଆସିଲା, କହିଲା- ମମି, ମୋର ଆଗକୁ ସେମିଷ୍ଟାର୍ ପରୀକ୍ଷା ଅଛି। ଗାଆଁରେ ନେଟ୍‌ୱାର୍କ ନାହିଁ। ମୁଁ ପୁରା ବୋର୍ ହୋଇଯିବି। ମୁଁ ଗାଆଁକୁ ଯିବି ନାହିଁ। ତୁମେମାନେ ଯାଅ। ମୁଁ ଏବେ ବଡ଼ ହୋଇଗଲେଣି, ଏକୁଟିଆ ଘରେ ରହିଯିବି।

ବହୁତ ବୁଝେଇବା ପରେ ମଧ୍ୟ ସିପୁନ୍ ନିଜ କଥାରେ ଅଟଳ ରହିଲା। ରାଧା କହିଲା- ହେଲେ, ତୋ ଖାଇବା କଥା କିଏ ବୁଝିବ। ସିପୁନ କହିଲା- ମମି, ସେ କଥା ଚିନ୍ତା କରନାହିଁ। ମୁଁ ପ୍ରଭାସ ଘରେ ଖାଇଦେବି। ଆଉ ଏଠି ତ ସିକ୍ୟୁରିଟି ଅଛି। ମୁଁ ଏକୁଟିଆ ରହିଲେ କିଛି ଅସୁବିଧା ହେବ ନାହିଁ।

ବାଧ୍ୟ ହୋଇ ମାତ୍ର ଚାରି ଦିନ ପାଇଁ ରାଧା ଓ କେଶବ ଗାଁକୁ ଗଲେ। ରାଧାକୁ ତା'ର ପିଲା ଦିନର କଥା ମନେ ପଡିଗଲା। ପ୍ରତିବର୍ଷ ପୂଜା ଛୁଟିରେ ସେ ଆଈଙ୍କ ଘରକୁ ଯାଉଥିଲା। ଆଈର ଗାଆଁରେ ତା'ର ଅନେକ ସାଙ୍ଗ ଥିଲେ। ସମସ୍ତେ ଏକାଠି ପୋଖରୀକୁ ଗାଧେଇବା ପାଇଁ ଯାଉଥିଲେ, ମାଛ ଧରୁଥିଲେ, ତାସ୍ ଖେଳୁଥିଲା, ହାତରେ ମହେନ୍ଦୀ ଲଗାଉଥିଲେ। କେମିତି ମଉଜ ମଜଲିସ୍‌ରେ ପୂଜା ଛୁଟିଟା ବିତିଯାଉଥିଲା ଜଣା ପଡୁନଥିଲା। ଆଈର ସେ ହାତ ରନ୍ଧା ଖାଦ୍ୟ ପଡ଼ିଶା ଘର ମାଇଁଙ୍କ ମଜା କଥା ଆଉ ପ୍ରହଲ୍ଲାଦ ନାଟକ ତାକୁ ଭାରି ମନେ ପଡ଼େ। ଆଜି କାଲି କିନ୍ତୁ ଗାଆଁର ପରିବେଶରେ ଅନେକ ପରିବର୍ତ୍ତନ ଆସିଯାଇଛି। ଗାଆଁ ଲୋକେ ସହର ଚାଲି ଚଳନକୁ ଅନୁସରଣ କରିବା ଆରମ୍ଭ କରିଦେଲେଣି।

ଘର ଝରକା ଦେଇ ଝରଣା, ପାହାଡ଼ର ଦୃଶ୍ୟ ତାକୁ ପୂର୍ବ ପରି ବିମୋହିତ କରିପାରୁ ନାହିଁ। ଆଈର ଗାଁକୁ ବସ୍‌ରେ ଯିବା ବେଳେ ସେ ରାସ୍ତା କଡ଼ର ପର୍ବତମାଳା, ଝରଣା, କାଶତଣ୍ଡୀ ଫୁଲର ପସରା ଦେଖି ମନ୍ତ୍ରମୁଗ୍ଧ ହୋଇ ଯାଉଥିଲା।

କ'ଣ ଭାବୁଛ? ପୁରା ଚୁପ୍‌ଚାପ୍ ହୋଇଯାଇଛ? ରାଧା ପଚାରିଲା। କେଶବ କହିଲା- 'ଭାବୁଛି, ଆମ ଜୀବନରେ କେତେ ପରିବର୍ତ୍ତନ ହୋଇ ଯାଇଛି ସତେ! ଗାଆଁକୁ ଯିବା ବେଳେ ପୂର୍ବରୁ ଯେଉଁ ଉତ୍ସାହ ଅନୁଭବ କରୁଥିଲି ତାହା କାହିଁକି ହଜିଯାଇଛି। ପିଲା ଦିନର ପୂଜା ଛୁଟି ଆଉ ଆଜିର ପୂଜାଛୁଟି ଭିତରେ କେତେ ତଫାତ୍ ସତେ! ସହର ଜୀବନର ବ୍ୟସ୍ତତା ଭିତରେ ସତେ ଯେମିତି ଆମେ ହଜି ଯାଇଛେ। ଗାଁରେ ବାପା ମା'ଙ୍କ ପାଖରେ ରହିବା ନିଷ୍ପତ୍ତି ନେଇ ବଡ଼ ଭାଇ ଖୁବ୍ ଭଲ କରିଛନ୍ତି। ଗାଆଁର ସେଇ ଶାନ୍ତ ପରିବେଶରେ ସହର ଜୀବନର ପ୍ରତିଦ୍ୱନ୍ଦ୍ୱିତା, ଅର୍ଥ ଉପାର୍ଜନ ନିମନ୍ତେ ନିଶା ଆଉ ଅଶାନ୍ତିରୁ ସେ ଦୂରରେ ଅଛନ୍ତି।'

'କିନ୍ତୁ ପିଲାମାନଙ୍କୁ ଭଲ ଶିକ୍ଷାର ସୁବିଧା ଆଉ ଭଲ ହସ୍ପିଟାଲ ତ ସେଠାରେ ମିଳେ ନାହିଁ'- ରାଧା କହିଲା।

ମୁଁ କିନ୍ତୁ ଭାବୁଥିଲି ଏ ସବୁ ବଦଳରେ ଆମେ ଯେଉଁ ଜୀବନ ବଞ୍ଚୁଛୁ, ତାହା କେତେ ସଘର୍ଷମୟ। ଭାବୁଛି, ଏଥର ବାପାଙ୍କୁ କହି ସମ୍ପତ୍ତିରୁ କିଛି ବିକ୍ରି କରି କଟକରେ ଘରଟିଏ କିଣିଦେବି। ବାପାଙ୍କ ଦେହ ଭଲ ରହୁନାହିଁ। କେତେବେଳେ କ'ଣ ହେବ, କିଏ କହିବ? ଏଥର ସମ୍ପତ୍ତି ବିଷୟରେ ବାପା ଓ ବଡ଼ ଭାଇ ସହ ଖୋଲା ଖୋଲି କଥା ହେବି ବୋଲି ଭାବୁଛି। ସିପୁନ୍‌ର ଆଗାମୀ ଦିନରେ ପାଠପଢ଼ା ପାଇଁ ବହୁତ ଟଙ୍କା ଦରକାର ପଡିବ। ତା' ଭବିଷ୍ୟତ ବିଷୟ ଏବେ ଠାରୁ ଯୋଜନା କରିବାକୁ ପଡିବ।

ସଂଜ ନଇଁ ଆସୁଥାଏ। ଗାଆଁ ଆଡେ ଗାଡ଼ି ଅଗ୍ରସର ହେଉଥାଏ। ଏପଟେ ସିପୁନ୍ ନିଜ ସାଙ୍ଗମାନଙ୍କୁ ହ୍ୱାଟ୍‌ସଆପ୍ ଗ୍ରୁପ୍‌ରେ ବ୍ରେକିଂ ନ୍ୟୁଜ୍ ଦେଲା- 'ଗୋଟେ ଧମାକେଦାର୍ ଖବର ଶୁଣ। ଚାରି ଦିନ ପାଇଁ ପାପା ମମି ଗାଆଁକୁ ଯାଇଛନ୍ତି। ଏବେ ପ୍ରତି ଦିନ ହେବ ଆମ ଘରେ ପାର୍ଟି। ନିଜ ନିଜ ପକେଟ୍ ମନି ବାହାର କର। ପୂଜା ଛୁଟି ଏନ୍‌ଜଏ କରିବା'।

**ମୋ- ୯୪୩୭୧୩୪୮୮୮**

### ହାରି ଯାଇନାହାନ୍ତି ହରି ମାଉସୀ

# ୯୪ ବର୍ଷରେ ବି ଚଳାଉଛନ୍ତି ପରିବାର

ବାଲେଶ୍ୱର : ବୟସ ୯୪। ଚମ ଧୁଡୁଧୁଡୁ। ହେଲେ ଏ ପର୍ଯ୍ୟନ୍ତ ଦାନ୍ତ ରହିଛି ମଜଭୁତ। ଏ ବୟସରେ ବି ସେ ଖୁବ୍ ଚଳଚଞ୍ଚଳ। ରାସ୍ତା ପାର୍ଶ୍ୱରେ ଏକ ଛୋଟିଆ ପାନ ଦୋକାନ କରି ପୂରା ପରିବାରର ହାନିଲାଭ ବୁଝନ୍ତି। ପୁଅମାନଙ୍କ ପରେ ନାତୁଣୀମାନଙ୍କର ମଧ୍ୟ ବିବାହ ଖର୍ଚ୍ଚ ତୁଲାଇଛନ୍ତି। ସମସ୍ତଙ୍କ ନିମନ୍ତେ ପ୍ରେରଣା ସାଜିଥିବା ଏହି ବୃଦ୍ଧା ଜଣକ ବାଲେଶ୍ୱର ସହର ମାଣିଖମ୍ବର ହରିପ୍ରିୟା ଦେ। ହରି ମାଉସୀ ଭାବେ ସେ ବେଶ ଜଣାଶୁଣା। ତାଙ୍କ କହିବା ମୁତାବକ, ହାତଗୋଡ଼ ସହିସଲାମତ ଥିବା ପର୍ଯ୍ୟନ୍ତ ସେ କାହା ଉପରେ ବୋଝ ହେବେନି। ପୁଅ, ବୋହୂ, ନାତୁଣୀମାନଙ୍କୁ ଆବଶ୍ୟକ ସାହାଯ୍ୟ କରି ଚାଲିଥିବେ।

ହରିପ୍ରିୟା ଜୀବନର ସଂଘର୍ଷ କାହାଣୀ ଯେତିକି ହୃଦୟସ୍ପର୍ଶୀ, ସେତିକି ଦୁଃଖଦ। ଖୁବ୍ କମ୍ ବୟସରେ ବାହା ହୋଇଥିଲେ। ୩ଟି ପୁଅ ହେବା ପରେ ହଠାତ୍ ସ୍ୱାମୀଙ୍କ ବିୟୋଗ ହେଲା। ଯାହା ଆଜକୁ ପ୍ରାୟ ୫୦ ବର୍ଷ ତଳେ ଘଟିଥିଲା। କୋଳରେ ଥିବା ତିନି ପୁଅଙ୍କ ଲାଳନପାଳନ ଦାୟିତ୍ୱ ତାଙ୍କ ଉପରେ ପଡ଼ିଥିଲା। ତେଣୁ ସେ ଏଣେତେଣେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ଅଭାବୀ ଦୁନିଆରେ ଚଳିବା ସମ୍ଭବ ନ ହେବାରୁ ଦୁଇ ପୁଅଙ୍କୁ ବାଳାଶ୍ରମରେ ଛାଡ଼ିଥିଲେ। ହେଲେ ସାନ ରହିଲା, ମଝିଆ ଘରକୁ ଚାଲି ଆସିଲା। ପୁଅମାନେ ଏବେ ବଡ଼ ହୋଇ ଛୋଟମୋଟ କାମଧନ୍ଦା କରୁଛନ୍ତି। ବାହାତୋଳା ହୋଇଛନ୍ତି। ହେଲେ ଦୁଃଖ ତଥାପି ଯାଇନି। ତିନି ପୁଅ ଭିତରୁ ବଡପୁଅ ଜଣେ କିଡ୍‌ନୀ ରୋଗୀ। ଦୁର୍ଘଟଣାରେ ବଡ ବୋହୂର ହାତଗୋଡ଼ ଭାଙ୍ଗିଯିବାପରେ ସେ ଏକ ପ୍ରକାର ଅଚଳ। ମଝିଆ ପୁଅ ମ୍ୟୁନିସିପାଲିଟି ଅଫିସ୍‌ରେ ସିକ୍ୟୁରିଟି କାମ କରେ ଓ ଆଉ ସାନ ପୁଅ ଛୋଟିଆ ଫୁଲ ଦୋକାନ ଟିଏ କରି ଚଳୁଛି। ସେମାନଙ୍କୁ କୌଣସି ବେଳେ ନିଅଣ୍ଟ ପଡ଼ିଲେ ହରିପ୍ରିୟା ସାହାରା ହୋଇ ଠିଆ ହୋଇଯାଆନ୍ତି। ଯଥାସାଧ୍ୟ ଆର୍ଥିକ ସାହାଯ୍ୟ ଯୋଗାଇ ଦିଅନ୍ତି।



ବାଲେଶ୍ୱର ସହରର ଟାଉନ ହଲ ପାଖରେ ଆଜକୁ ୩୮ ବର୍ଷ ହେବ ଛୋଟିଆ ପାନ ଦୋକାନଟିଏ ସେ କରିଛନ୍ତି। ଏଠାରୁ କେଉଁ ଦିନ ୫୦ ଟଙ୍କା ତ କେଉଁଦିନ ୧୦୦ ରୋଜଗାର ହୁଏ। ସେଥିରେ ପରିବାର ଚଳିବା ନିମନ୍ତେ ସଉଦା କିଣି ନେଇଥାନ୍ତି। ଅଳ୍ପ କିଛିକିଛି ସଞ୍ଚୟ କରି ଅସୁବିଧା ବେଳେ ତିନି ପୁଅଙ୍କୁ ସାହାଯ୍ୟ କରନ୍ତି। ନିକଟରେ ସାନ ପୁଅ ଦୁଇ ଝିଅଙ୍କ ବିବାହ ହୋଇଥିଲା। ସେ ଏଥିରେ ନିଜର ଆର୍ଥିକ ସହଯୋଗ ଯୋଗାଇ ଦେଇଥିଲେ। ସବୁଠାରୁ ବିଡମ୍ବନାର ବିଷୟ ତିନି ପୁଅଙ୍କୁ ଭାଗରେ ପଡିଥିବା ଘର ଯଥେଷ୍ଟ ନହେବାରୁ ସେ ଏକ ଜରି କୁଡ଼ିଆ କରି ରହୁଥିଲେ। ତାଙ୍କ ସମ୍ପର୍କରେ ଗଣମାଧ୍ୟମରେ ଚର୍ଚ୍ଚା ହେବାପରେ ସ୍ଥାନୀୟ ବିଧାୟକ ଓ କଂଗ୍ରେସର ଜଣେ ନେତା ତାଙ୍କୁ ସାହାଯ୍ୟର ହାତ ବଢାଇଥିଲେ। ବିଧାୟକ ତାଙ୍କୁ ଆବାସ ଯୋଜନାରେ ଘର ଖଣ୍ଡେ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି। ହେଲେ ତାହା ଏପର୍ଯ୍ୟନ୍ତ ଛାତ ପଡିପାରୁନି।

ଏହି ଦୁଃଖ ଭିତରେ ପ୍ରତିଦିନ ସେ ବଡ଼ି ଭୋରୁ ଉଠି ନିଜପାଇଁ ଭାତ, ତରକାରୀ ରାନ୍ଧି ଖାଇବା ପରେ ଦୋକାନକୁ ବାହାରି ଆସନ୍ତି। ଘର ଠାରୁ ଗୋଟାଏ କିଲୋମିଟର ଦୂର ଦୋକାନରେ ଚାଲିଚାଲି ପହଞ୍ଚିବା ପରେ ବ୍ୟବସାୟରେ ଲାଗି ପଡ଼ନ୍ତି। ରାତି ହେଲେ ଘରକୁ ଫେରିଆସି ପୁଣି ପରିବାର ଲୋକଙ୍କ ଭଲମନ୍ଦ ବୁଝିଥାନ୍ତି। ଆସିବା ବେଳେ ସାଙ୍ଗରେ ଆଣିଥିବା ଛେନା ଓ କ୍ଷୀରକୁ ପୁଅ, ବୋହୂଙ୍କୁ ବାଣ୍ଟି ନିଜେ ଖାଆନ୍ତି। ଯେଉଁ ବୟସରେ ପୁଅ ବୋହୂମାନେ ତାଙ୍କର ସେବା କରିବା କଥା, ସେହି ବୟସରେ ସେ ପୂରା ପରିବାର ସେବା କରିଚାଲିଛନ୍ତି। ତାଙ୍କ ମତରେ ବୋହୂ ନୁହେଁ ଝିଅ। ପୁଅ ଓ ନାତୁଣୀମାନଙ୍କ ଦୁଃଖ ବେଳାରେ ସେ ଯଦି ସାହାଯ୍ୟ ନ କରିବେ, ତେବେ ଆଉ କିଏବା କାହିଁକି କରିବ।

ଏନେଇ ବିଧାୟକ ସ୍ୱରୂପ କୁମାର ଦାସ କହିଛନ୍ତି, ଯେଉଁମାନେ ଦୁଃଖ ସମୟରେ ଭାଙ୍ଗି ପଡୁଛନ୍ତି, ସେମାନେ ହରି ମାଉସୀଙ୍କ ଠାରୁ ଶିକ୍ଷା ନେବା ଉଚିତ। ଜୀବନରେ କେବେବି ଭାଙ୍ଗି ନ ପଡ଼ି ଜୀବନ ଯାତ୍ରାରେ ଆଗକୁ ବିବା ନିମନ୍ତେ କାମ କରିବା ଉଚିତ୍। ତେବେ ହିଁ ସମସ୍ତଙ୍କ ସହାଯ୍ୟ, ସହାନୁଭୂତି ସହ ଭଗବାନଙ୍କ ଆଶୀର୍ବାଦ ମିଳିବୟ ହରି ମାଉସୀଙ୍କ ନିମନ୍ତେ ପକ୍କାଘର କାମ ଚାଲିଛି। ଖୁବ୍‌ଶୀଘ୍ର ଘର କାମ ସରିବା ପରେ, ଏଠାରେ ସେ ରହିବେ ବୋଲି ଶ୍ରୀ ଦାସ କହିଛନ୍ତି।

### ୫ ମାସ ହେଲା ମିଳିନି ଭତ୍ତା

# ଭୁଲ୍ କାହାର, ବ୍ୟାଙ୍କ ନା ବ୍ଲକ ପ୍ରଶାସନର

ଆନନ୍ଦପୁର: ଅଣ୍ଟାରେ ବଳନାହିଁ। ଚାଲି ପାରୁ ନାହାନ୍ତି। ସେଥିପାଇଁ କିଏ ନିଜ ପତ୍ନୀଙ୍କୁ ଆଶ୍ରା ବାଡ଼ି କରିଛନ୍ତି ତ ଆଉ କିଏ ବାଡ଼ିର ସାହାରା ନେଇଛନ୍ତି। ଆଉ କିଏ ଦିବ୍ୟାଙ୍ଗ ଯନ୍ତ୍ରଣାରେ ଜର୍ଜରିତ ହୋଇ ହାମୁଡ଼ାଇ ହାମୁଡ଼ାଇ ବ୍ଲକ୍ ଅଫିସ୍ ଆସିଛନ୍ତି। ହେଲେ ବାବୁ ମହାଶୟ ଅଧା କଥା ଶୁଣି ବ୍ୟାଙ୍କରେ ଭତ୍ତା ଟଙ୍କା ଜମା ହୋଇଛି କହି ବୃଦ୍ଧା, ବୃଦ୍ଧ ଓ ଦିବ୍ୟାଙ୍ଗମାନଙ୍କୁ ଫେରାଇ ଦେଇଥିବା ଅଭିଯୋଗ ହୋଇଛି। ୫ ମାସ ଧରି ଭତ୍ତା ଟଙ୍କା ନପାଇ ହିତାଧିକାରୀମାନେ ନାନା ଅସୁବିଧାରେ ପଡୁଛନ୍ତି। ଏପରି ଖବର ଆସିଛି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଞ୍ଚଳରୁ। ହାଟଡ଼ିହି ବ୍ଲକ୍ ସମଣା ପଞ୍ଚାୟତରେ ୫୨ ଜଣ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। କିଏ ୫ ମାସ ତ ଆଉ ୬ ମାସ ହେଲା ଭତ୍ତା ପାଇନାହାନ୍ତି। ହିତାଧିକାରୀମାନେ ଭତ୍ତା ଟଙ୍କା ଉଠାଇବା ପାଇଁ ଗଲେ, ବ୍ୟାଙ୍କ କହୁଛି ଟଙ୍କା ଆସିନି। ବ୍ଲକ୍ ଅଫିସ୍ ଗଲେ, ସେଠାରେ କୁହାଯାଉଛି ଆକାଉଣ୍ଟରେ ଜମା ହୋଇଯାଇଛି ଟଙ୍କା। ଭତ୍ତା ଟଙ୍କା ନ ପାଇ ବ୍ୟାଙ୍କ, ପଞ୍ଚାୟତ ଓ ବ୍ଲକ୍ ଅଫିସ୍ ଦୌଡ଼ି ନୟାନ୍ତ ହେଉଛନ୍ତି ହିତାଧିକାରୀ।

ଅନ୍ୟପକ୍ଷରେ ଭତ୍ତା ଟଙ୍କା ମିଳୁନଥିବାରୁ ବୃଦ୍ଧ, ବୃଦ୍ଧା ଓ ଦିବ୍ୟାଙ୍ଗମାନେ ଆର୍ଥିକ ସଙ୍କଟ ଭିତରେ ଗତି କରୁଛନ୍ତି। କିଏ ମେଡିସିନ୍ କିଣି ପାରୁନାହାନ୍ତି ତ ଆଉ କିଏ ଡାଲି ଚାଉଳ କିଣିପାରୁନାହାନ୍ତି। ନାନା ଅସୁବିଧା ଭିତରେ ଗତି କରିବାକୁ ପଡ଼ୁଛି। ଅଭିଯୋଗ ନେଇ ବ୍ଲକ ଅଫିସ୍ ଗଲେ ବିଡିଓ ଧରାଛୁଆଁ ଦେଉନଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି।

ଭତ୍ତା ପାଇ ନ ଥିବା ୫୨ ଜଣଙ୍କ ମଧ୍ୟରେ ୪୧ ଜଣ ଭିନ୍ନକ୍ଷମ ଥିବା ବେଳେ ଅନ୍ୟମାନେ ବିଧବା ଅଛନ୍ତି। ଏହି ହିତାଧିକାରୀମାନେ ପୂର୍ବରୁ ଠିକ୍ ସମୟରେ ଭତ୍ତା ଟଙ୍କା ପାଉଥିଲେ। ହେଲେ ଅନ୍‌ଲାଇନ୍‌ରେ ଟଙ୍କା ଟ୍ରାନ୍ସଫର ବ୍ୟବସ୍ଥା ହେବା ପରଠାରୁ ନାନା ଅବ୍ୟବସ୍ଥା ଲାଗି ରହିଥିଲା। ଟଙ୍କା ଉଠାଇ ପାଇଁ ବ୍ୟାଙ୍କକୁ ଯିବାକୁ ପଡ଼ୁଛି। ଆଉ ବ୍ୟାଙ୍କ ଗାଁରୁ ୭ରୁ ୮ କିମି ଦୂରରେ ଥିବାରୁ ଅଟୋ ଭଡ଼ା କରି ଯିବାକୁ ପଡ଼ୁଛି। ସେଥିପାଇଁ ଅଟୋ ନେଉଛି ୨୦୦ ଟଙ୍କାୟ ବାକି ୩୦୦ ଟଙ୍କାରେ କେମିତି ଚଳିବୁ ବୋଲି କହିଛନ୍ତି ଜଣେ ହିତାଧିକାରୀ। ସେପରି ସ୍ଥିତିରେ ଗତ ୫ରୁ ୬ ମାସ ହେଲା ଭତ୍ତା ଟଙ୍କା ମିଳିନି। ଏବେ ଆମେ କେମିତି ଅଛୁ? ଆମ କଥା କେହି ବୁଝୁନାହାନ୍ତି।

ଭତ୍ତା ଟଙ୍କା ନପାଇବାକୁ ନେଇ ଜଣେ ହିତାଧିକାରୀ ଭଗବାନ ସାହୁ କହିଛନ୍ତି, ୫ ମାସ ହେଲା ଭତ୍ତା ପାଉନାହିଁ। ବହୁତ ଅସୁବିଧାରେ ରହୁଛି। ମେଡିସିନ୍ ଖାଇବାକୁ ପାଇସା ପାଉନାହିଁ। ଭତ୍ତା ଟଙ୍କା ଉଠାଇବା ପାଇଁ ୩ ଥର ବ୍ୟାଙ୍କ ଗଲି। ହେଲେ ଟଙ୍କା ଆସିନଥିବା କହି ଫେରାଇଦେଲେ ବୋଲି କହିଛନ୍ତି ଭଗବାନ।

ଆଉ ଜଣେ ହିତାଧିକାରୀ ଇନ୍ଦୁମତି ସାହୁ କହିଛନ୍ତି, ଭତ୍ତା ଟଙ୍କା ନପାଇ ବ୍ଲକକୁ ଯାଇଥିଲୁ। ସେଠାରେ କୁହାଯାଉଛି ତୁମ ବହିରେ ଟଙ୍କା ଛଡ଼ା ଯାଇଛି। ଦିନ ସାରା ବ୍ୟାଙ୍କରେ ଲାଇନ୍‌ରେ ଛିଡ଼ା ହେବା ପରେ ଜାଣିବାକୁ ପାଉଛୁ ଭତ୍ତା ଟଙ୍କା ଆସିନି। କ'ଣ ଅସୁବିଧା ହେଉଛି ଜାଣିପାରୁ ନାହୁଁ ବୋଲି ଇନ୍ଦୁମତି କହିଛନ୍ତି। ଆଉ ଜଣେ ହିତାଧିକାରୀ ଗଙ୍ଗାଧର ସାହୁ କହିଛନ୍ତି, ୫ ମାସ ହେଲା ଭତ୍ତା ଟଙ୍କା ପାଇନୁୟ କଣ କରିବୁ? ଜୁଆଡ଼େ ଗଲେ କହୁଛନ୍ତି, ଭତ୍ତା ଟଙ୍କା ନାହିଁ ବୋଲି ଗଙ୍ଗାଧର କହିଛନ୍ତି।



୫ ମାସ ହେଲା କ'ଣ ପାଇଁ ହିତାଧିକାରୀଙ୍କୁ ମିଳୁନି ଭତ୍ତା ? ଏହାର ଉତ୍ତର କାହା ପାଖରେ ନଥିବା ବେଳେ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ତେବେ ଏନେଇ ଆନନ୍ଦପୁର ଉପଜିଲ୍ଲାପାଳ ଅନୀଲ କୁମାର ସେଠୀ କହିଛନ୍ତି, ଲୋକମାନେ ଯେପରି ହଇରାଣ ନହେବେ, ସେଥିପ୍ରତି ଧ୍ୟାନ ଦେବାକୁ ବ୍ୟାଙ୍କରଙ୍କୁ କୁହାଯାଇଥିଲା। ପେମେଣ୍ଟ ବ୍ୟାଙ୍କିଂ ସିଷ୍ଟମ ମାଧ୍ୟମରେ ଘରକୁ ଘର ଯାଇ ଭତ୍ତା ଟଙ୍କା ଦେବାକୁ କୁହାଯାଇଥିଲା। ହେଲେ କ'ଣ ପାଇଁ ହିତାଧିକାରୀଙ୍କ ଆକାଉଣ୍ଟରେ ଟଙ୍କା ଯାଉନାହିଁ? ତାହା ଉପରେ ତର୍ଜମା କରାଯିବ। ୧୫ ଦିନ ଭିତରେ ହିତାଧିକାରୀଙ୍କ ସମସ୍ୟା ସମାଧାନ ହୋଇଯିବ ବୋଲି ଉପଜିଲ୍ଲାପାଳ କହିଥିଲେ।

### ଉଚ୍ଚ ଶିକ୍ଷିତା ବୈଶାଖୀ:

## ଚାକିରି ଛାଡ଼ି ତିଆରି କରୁଛନ୍ତି ସାନିଟାରୀ ନାପକିନ୍



ଯାଜପୁର : ଉଚ୍ଚ ଶିକ୍ଷିତା ଝିଅ ବୈଶାଖୀ ଜେନା। ହାଇଫାଇ ଚାକିରି ଓ ଚକାଚକ୍ ଲାଇଫ୍‌ଷ୍ଟାଇଲ୍‌କୁ ଛାଡ଼ି ଫେରି ଆସିଛନ୍ତି ଗାଁକୁ। ଆଉ ଗ୍ରାମାଞ୍ଚଳରେ ବାସ କରୁଥିବା ମହିଳାଙ୍କ ପାଇଁ ତିଆରି କରୁଛନ୍ତି ସାନିଟାରୀ ନାପକିନ୍। ପାଲଟିଛନ୍ତି ମହିଳା ଉଦ୍ୟୋଗୀ। ଋତୁସ୍ରାବକୁ ନେଇ ମହିଳା ଓ ଯୁବତୀଙ୍କ ମନରେ ଲଜ୍ୟା ଦୂର କରିବାରେ ଲାଗି ପଡ଼ିଛନ୍ତି। ସାନିଟାରୀ ନାପକିନ୍ ବ୍ୟବହାର କଲେ କ'ଣ ଫାଇଦା ରହିଛି, ତାହା ଉପରେ ସଚେତନ କରୁଛନ୍ତି। ଯାଜପୁର ଜିଲ୍ଲା ଚଣ୍ଡିଖୋଲ ଅଞ୍ଚଳର ଝିଅ ବୈଶାଖୀ ଜେନା। କ୍ରୀଡା ଶିକ୍ଷକ ବାସୁଦେବ ଜେନା ଓ ବିଜୟଲକ୍ଷ୍ମୀ ଜେନାଙ୍କ ଏକମାତ୍ର ଝିଅ ହେଉଛନ୍ତି ବୈଶାଖୀ। ଗାଁ ସ୍କୁଲରେ ପାଠ ପଢ଼ା ସରିବା ପରେ ବେଙ୍ଗାଲୁରୁ ଚାଲିଯାଇଥିଲେ। ସେଠାରେ ଭେଲୋର୍ ବିଶ୍ୱବିଦ୍ୟାଳୟରୁ ବାୟୋଟେକରେ ଏମ୍‌ଏସ୍‌ସି ପାସ କରିଥିଲେ। ପରେ ବାଙ୍ଗାଲୁରୁରେ ଏକ କମ୍ପାନୀରେ ଚାକିରି କରୁଥିଲେ। ଭଲ ଦରମାରେ ତିନି ବର୍ଷ ଧରି ଚାକିରି କରିଥିଲେ। କିନ୍ତୁ ଚାକିରିରେ ତାଙ୍କର ମନ ଲାଗୁନଥିଲା। ନିଜେ କେମିତି ଆତ୍ମନିର୍ଭରଶୀଳ ହୋଇପାରିବେ, ତାହା ଉପରେ ଅନବରତ ଚିନ୍ତା କରୁଥିଲେ। ତେବେ ହଠାତ୍ ମହାମାରୀ କରୋନା ଗ୍ରାସ କଲା। ଆଉ ତା'ପରେ ଘରକୁ ଫେରିଥିଲେ ବୈଶାଖୀ। ଘରେ ରହିଲା ଭିତରେ ଭବିଷ୍ୟତକୁ ଅନେକ ଚିନ୍ତା କରିଥିଲେ। ଆଗକୁ କ'ଣ କରିବେ ? ସାଙ୍ଗ ସାଥୀ ଓ ପରିଜନଙ୍କ ସହିତ ଘନଘନ ଆଲୋଚନା କଲେ। ବହୁ ବିଚାରବିମର୍ଶ ପରେ ସାନିଟାରୀ ନାପକିନ୍ ବ୍ୟବସାୟ କରିବା ପାଇଁ ନିଷ୍ପତ୍ତି ନେଲେ। ଗ୍ରାମାଞ୍ଚଳରେ ବସବାସ କରୁଥିବା ମହିଳାମାନଙ୍କୁ କମ୍ ଦରରେ ସାନିଟାରୀ ନାପକିନ୍ ଯୋଗାଇବା ଉଦ୍ଦେଶ୍ୟରେ ପ୍ରତିଷ୍ଠା କରିଥିଲେ ବୈଶାଖୀ। ଏହାଛଡ଼ା ସାନିଟାରୀ ନାପକିନ୍ ବ୍ୟବହାର ଓ ଏହାର ଫାଇଦା ବିଷୟରେ ମହିଳାମାନଙ୍କୁ ସଚେତନତା ସୃଷ୍ଟି କରୁଛନ୍ତି। ବୈଶାଖୀଙ୍କ ଏଭଳି ପ୍ରୟାସକୁ ପରିବାର ଲୋକେ ପ୍ରଶଂସା କରିବା ସହ ଆଗକୁ ଯିବା ପାଇଁ ପ୍ରେରଣା ଯୋଗାଉଛନ୍ତି।

# ରାଜ୍ୟର ଅଧିକାଂଶ ନଦୀର ପାଣି ବିଷାକ୍ତ



ଭୁବନେଶ୍ୱର: ରାଜ୍ୟର ଅଧିକାଂଶ ନଦୀର ପାଣି ଏବେ ବିଷାକ୍ତ। ଭୁବନେଶ୍ୱରର ଗଙ୍ଗୁଆଠାରୁ ଆରମ୍ଭ କରି କଟକର କାଠଯୋଡ଼ି ପର୍ଯ୍ୟନ୍ତ ପ୍ରାୟ ସବୁ ନଦୀର ପାଣି ପ୍ରଦୂଷିତ। କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ରିପୋର୍ଟରୁ ଏହା ଜଣାପଡ଼ିଛି।

ତେବେ ଗଙ୍ଗୁଆ ନାଳର ପାଣି ସର୍ବାଧିକ ମାତ୍ରାରେ ପ୍ରଦୂଷିତ। ଗଙ୍ଗୁଆ ନାଳର ପ୍ରତି ୧ ଲିଟର ପାଣିରେ ୧୯.୯ ମିଲିଗ୍ରାମର ବାୟୋକେମିକାଲ ଅକ୍ସିଜେନ୍ ଡିମାଣ୍ଡ ବା ବିଓଡି ରହିଛି। ସେହିପରି ବ୍ରାହ୍ମଣୀ ନଦୀ ମଧ୍ୟ ପ୍ରଦୂଷିତ। ରାଉରକେଲାରୁ ବିରିତୋଳ ମଧ୍ୟରେ ବ୍ରାହ୍ମଣୀ ନଦୀର ପାଣି ସର୍ବାଧିକ ପ୍ରଦୂଷିତ ବୋଲି ଜଣାପଡ଼ିଛି। ଏଠାରେ ବ୍ରାହ୍ମଣୀ ନଦୀର ବିଓଡି ରହିଛି ୬.୩ ମିଲିଗ୍ରାମ। ରାଉରକେଲାର ଗୁରୁଡିହ ନାଳ, ଭୁବନେଶ୍ୱର ଉପକଣ୍ଠରେ ପ୍ରବାହିତ ଦୟା ଓ କାଠଯୋଡ଼ି ନଦୀ ସମେତ ପୁରୀର ମଙ୍ଗଳା ନଦୀ ପ୍ରଦୂଷିତ। ସେହିପରି ତାଳଚେରର ନନ୍ଦିରାଝୋର, ବାଙ୍ଗୁରୁନାଳ, କୁସୁମୀ, ସମ୍ବଲପୁରରୁ ବାହାରିଥିବା ମହାନଦୀ ସମେତ ପୁରୀ କଣାସ ଲୁଣା ନଦୀ, ରତ୍ନଚିରା ନଦୀ, ରାୟଗଡ଼ାର ନାଗାବଳି, ବାରିପଦାର ବୁଢ଼ାବଳଙ୍ଗ, ଗାମର ଋଷିକୂଲ୍ୟା ମଧ୍ୟ ପ୍ରଦୂଷିତ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲଙ୍କ ନିକଟରେ ଦାଖଲ କରାଯାଇଥିବା ରିପୋର୍ଟରେ ଏହା ଦର୍ଶାଯାଇଛି। ପାର୍ବଣ ପୂର୍ବରୁ ନଦୀର ଏ ସ୍ଥିତି ଥିବାବେଳେ ପାର୍ବଣ ପରେ ସ୍ଥିତି ଅଣାୟତ୍ତ ହୋଇଛି। ଏବେ କିପରି ଏହାର ସମାଧାନ ହେବ ପରିବେଶବିତ୍‌ମାନେ ଚିନ୍ତାରେ ପଡିଯାଇଛନ୍ତି।

ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ଏକ ମାମଲାର ଶୁଣାଣି ବେଳେ କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ପକ୍ଷରୁ ଏହି ରିପୋର୍ଟ ଦାଖଲ କରାଯାଇଛି।

### ରେଢ଼ାଖୋଲ ଡାକ୍ତରଖାନାକୁ ଶନିଦଶା

# ଘଣ୍ଟାଘଣ୍ଟା ଠିଆ ହେବା ପରେ ମିଳୁନି ଚିକିତ୍ସା

ରେଢ଼ାଖୋଲ : ରୋଗିଣା ହୋଇଯାଇଛି ସରକାରୀ ଡାକ୍ତରଖାନାର ସ୍ୱାସ୍ଥ୍ୟ ବ୍ୟବସ୍ଥା। ଯେଉଁ ଡାକ୍ତରଖାନାରେ ୧୮ ଜଣ ଡାକ୍ତର ରହିବା କଥା, ସେଠାରେ ଅଛନ୍ତି ମାତ୍ର ୬ ଡାକ୍ତର। ବିଶେଷଜ୍ଞ ଡାକ୍ତର ନ ଥିବାରୁ ଡାକ୍ତରଖାନାର ବିଭିନ୍ନ ବିଭାଗ ଅଚଳ ହୋଇପଡ଼ିଛି। ଫଳରେ ରୋଗୀମାନଙ୍କୁ ଏଠାରେ ଆବଶ୍ୟକ ସ୍ୱାସ୍ଥ୍ୟ ସେବା ମିଳୁନି। ରେଢାଖୋଲ ଉପଖଣ୍ଡ ଡାକ୍ତରଖାନାର ଏଭଳି ସ୍ଥିତିକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାର ପ୍ରତିବାଦରେ ରେଢାଖୋଲ ଜନକଲ୍ୟାଣ ସମିତି ପକ୍ଷରୁ ସ୍ଥାନୀୟ ଭୀମଭୋଇ ଛକରେ ଆଜି ଠାରୁ ଗଣଧାରଣା ଆରମ୍ଭ ହୋଇଛି।

ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି ଯେ, ହାତଟିଏ ଭାଙ୍ଗିଗଲେ ଏହି ଡାକ୍ତରଖାନାରେ ଚିକିତ୍ସା ମିଳୁନି। ରୋଗୀଙ୍କୁ ବୁର୍ଲା ରେଫର କରାଯାଉଛି। ସାମାନ୍ୟ ଜ୍ୱର, ଝାଡ଼ା, ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କୁ ଏଠାରେ ଡାକ୍ତରୀ ସେବା ମିଳୁନି। ଏହା ରେଫରାଲ ହସ୍ପିଟାଲରେ ପରିଣତ ହୋଇଛି। ମେଡିସିନ୍ ସ୍ପେଶାଲିଷ୍ଟ ସମେତ ବିଭିନ୍ନ ବିଭାଗର ଡାକ୍ତର ନ ଥିବାରୁ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଅସୁସ୍ଥ ରୋଗୀମାନେ ପ୍ରତିଦିନ ଲମ୍ବା ଧାଡ଼ିରେ ଘଣ୍ଟାଘଣ୍ଟା ଠିଆ ହେବା ପରେ ସେମାନଙ୍କୁ ଡାକ୍ତରୀ ପରାମର୍ଶ ମିଳୁଛି। ୨୪ ଘଣ୍ଟିଆ ନିରାମୟ କେନ୍ଦ୍ର ଖୋଲା ରହୁ ନ ଥିବାରୁ ଗରିବ ରୋଗୀଙ୍କୁ ଆବଶ୍ୟକ ମାଗଣା ଔଷଧ ମିଳିପାରୁନି। ଫଳରେ ସେମାନେ ଖର୍ଚ୍ଚାନ୍ତ ହେଉଛନ୍ତି। ସମ୍ବଲପୁର ଜିଲ୍ଲାରୁ ୨୨ ବର୍ଷ ଭିତରେ ୩ ଜଣ ସ୍ୱାସ୍ଥ୍ୟମନ୍ତ୍ରୀ ହୋଇଛନ୍ତି। ତାହା ବି ରେଢ଼ାଖୋଲ ନିର୍ବାଚନ ମଣ୍ଡଳିରୁ। ହେଲେ ଦୁର୍ଭାଗ୍ୟର ବିଷୟ ଆଜି ବି ଏଠାରେ ଡାକ୍ତର ନାହାନ୍ତି। ଛୋଟ ରୋଗଟିଏ ହେଲେ ରୋଗୀକୁ ଏଠାରୁ ଅନ୍ୟ ସ୍ଥାନକୁ ରେଫର କରି ଦିଆଯାଉଛି। ଏହି ହସ୍ପିଟାଲ ଉପରେ ୬ଟା ଜିଲ୍ଲାର ଲୋକେ ନିର୍ଭର କରନ୍ତି। ଦାନ୍ତ ଡାକ୍ତର ୨ ବର୍ଷ ହେଲା ଛୁଟିରେ



ଅଛନ୍ତି। ଏଠାରେ ଡାକ୍ତର ନ ଥିବାରୁ ରୋଗୀ ଅନ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର ହେବା ବାଟରେ ମୃତ୍ୟୁ ମୁଖରେ ପଡୁଛି। ଏଠାରେ ଗର୍ଭବତୀମାନଙ୍କୁ ଉଚିତ୍ ଚିକିତ୍ସା ଦିଆ ନ ଯାଇ ନିକଟସ୍ଥ ନର୍ସିଂ ହୋମ୍‌କୁ ପଠାଇ ଦିଆଯାଉଛି। ଏହା ପଛରେ ଏକ ଷଡ଼ଯନ୍ତ୍ର କାମ କରୁଛି। ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯାଉନି। ରେଢାଖୋଲ ଉପଖଣ୍ଡ ଡାକ୍ତରଖାନାକୁ ଏକ ପ୍ରକାର ଶନିଦଶା ପଡ଼ିଛି। ତେବେ ସମସ୍ୟା ସମାଧାନ ନ ହେଲେ ଆଗକୁ ବଡ଼ ଅନ୍ଦୋଳନ କରାଯିବ ବୋଲି ଧାରଣକାରୀ ପ୍ରକାଶ କରିଛନ୍ତି।

ସୂଚନା ମୁତାବକ, ଏହି ଡାକ୍ତରଖାନା ବହୁ ସମସ୍ୟା ଭିତରେ ଚାଲିଛି। ରୋଗୀ ହନ୍ତସନ୍ତ ହେଉଛନ୍ତି। ମେଡିକାଲର ଏସଡିଏମଓଙ୍କ ସମେତ ୫ ଜଣ ଡାକ୍ତର ଲମ୍ବା ଛୁଟିରେ ରହିଛନ୍ତି। ମେଡିସିନି ବିଶେଷଜ୍ଞ ପୋଷ୍ଟ ଆଜିକୁ ୧୪ବର୍ଷ ହେଲାଣି ଖାଲି ପଡିଛି। ରୋଗୀ କଲ୍ୟାଣ କମିଟି ବୈଠକ ଗତ ଦୁଇ ବର୍ଷ ହେଲାଣି ବସିପାରିନି। ଏନେଇ ସ୍ଥାନୀୟ ବିଧାୟକ ଓ ଅନ୍ୟ ଜନପ୍ରତିନିଧି ରହସ୍ୟଜନକ ଭାବେ ଚୁପ୍ ରହିଛନ୍ତି। ରେଡକ୍ରସରୁ ଡ୍ରାଇଭରଙ୍କୁ ଦରମା ନ ମିଳିବାରୁ ଆଜିକୁ ଦେଢ ମାସ ହେଲାଣି ମହାପ୍ରୟାଣ ଆମ୍ବୁଲାନ୍ସ ଗାଡି ବନ୍ଦ ହୋଇ ପଡିଛି। ନୂତନ ଶବ ବ୍ୟବଚ୍ଛେଦ ଗୃହର ବ୍ୟବସ୍ଥା ହୋଇପାରିନି। ମେଡିକାଲର ପରିଚାଳନା ବ୍ୟବସ୍ଥା କେବଳ ନାମକୁମାତ୍ର ଖାତାପତ୍ରରେ ଚାଲିଛି। ଯାହାକୁ ନେଇ ଜନଅସନ୍ତୋଷ ବଢ଼ି ଚାଲିଛି। ରେଢ଼ାଖୋଲ ଡାକ୍ତରଖାନାର ସମସ୍ୟା ସମାଧାନ ଦାବିରେ ସ୍ଥାନୀୟ ଲୋକଙ୍କ ଧାରଣା। ଏ ସବୁ ସମସ୍ୟାର ସମାଧାନ ଦାବି ନେଇ ରେଢାଖୋଲ ଜନକଲ୍ୟାଣ ସମିତି ପକ୍ଷରୁ ଭୀମଭୋଇ ଛକରେ ଗଣଧାରଣା ଆରମ୍ଭ ହୋଇଛି। ତେବେ ଏନେଇ ଡାକ୍ତରଖାନା କର୍ତ୍ତୃପକ୍ଷ କିମ୍ବା ଜନପ୍ରତିନିଧିମାନଙ୍କ ପ୍ରତିକ୍ରିୟା ମିଳିପାରିନି।

### ଇଏ ଆଉ ଜଣେ ଦ୍ରୌପଦୀ

# ମୁଣ୍ଡରେ ୪ ଭାଇ ଭଉଣୀଙ୍କ ବୋଝ



ତେଲକୋଇ : ଇଏ ଆଉ ଜଣେ ଦ୍ରୌପଦୀ। ବୟସ୍ ମାତ୍ର ୧୪ ବର୍ଷ। ପରିବାର ବୋଝ କ'ଣ ଜାଣିନାହାନ୍ତି। ବାପା-ମାଆଙ୍କ ଦେହାନ୍ତ ପରେ କୁନିକୁନି ୪ ଭାଇ ଭଉଣୀଙ୍କ ବୋଝ ମୁଣ୍ଡାଇଛନ୍ତି। ସେମାନଙ୍କ ମୁହଁରେ ଦାନା ଦେବା ପାଇଁ ଦ୍ରୌପଦୀ ଘରୁ ଗୋଡ଼ କାଢ଼ିଛନ୍ତି। ମୂଲମଜୁରି ଲାଗୁଛନ୍ତି। ଆଜି ଏପରି ଚିତ୍ର ଆସିଛି କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଟଣ ପଞ୍ଚାୟତ ଇରିଡା ଗାଁରୁ।

ଇରିଡା ଗାଁର ମହାଜନ ଦେହୁରୀ ଜଣେ ଦିନ ମଜୁରିଆ। ତାଙ୍କର ପରିବାର କହିଲେ ପତ୍ନୀ ମାଗୁଲି ଦେହୁରୀ, ବଡଝିଅ ଦ୍ରୌପଦୀ, ଗୁର, ରାଧା, କାନ୍ଦରୀ ଓ ସାନ ପୁଅ ଜୟ ଦେହୁରୀ। କାମଦାମ କରି ଯାହା ଉପାର୍ଜନ କରନ୍ତି, ସେଥିରେ ଚଳୁଥିଲେ ପୂରା ପରିବାର। ଏଥିସହ ନିଜର ଦୁଇ ଏକର ଜଙ୍ଗଲ ଜମିକୁ ମଧ୍ୟ ଚାଷ କରୁଥିଲେ ମହାଜନ। ୩ ବର୍ଷ ତଳେ ହଠାତ ମହାଜନ ଜ୍ୱରରେ ପୀଡ଼ିତ ହେଲେ। ଡାକ୍ତର ଓ ବୈଦ ସମସ୍ତଙ୍କୁ ଦେଖାଇଲେ। ହେଲେ ଜ୍ୱର ଭଲ ହେଲା ନାହିଁ। ଶେଷରେ ରକ୍ତ ବାନ୍ତି କରି ଆରପାରିକୁ ଚାଲିଗଲେ ମହାଜନ। ସ୍ୱାମୀଙ୍କ ମୃତ୍ୟୁ ପରେ ଭାଙ୍ଗି ପଡ଼ିଥିଲେ ସ୍ତ୍ରୀ ମାଗୁଲି। କିନ୍ତୁ ହାର ମାନିନଥିଲେ। ପିଲାମାନଙ୍କୁ ମଣିଷ କରିବା ପାଇଁ ଲାଗି ପଡ଼ିଥିଲେ। କଷ୍ଟେମଷ୍ଟେ ଚଳୁଥିଲେ। ହଠାତ୍ ସେ ମଧ୍ୟ ଅସୁସ୍ଥ ହୋଇପଡ଼ିଲେ। ସ୍ୱାମୀଙ୍କ ପଛେ ପଛେ ସେ ମଧ୍ୟ ଚାଲିଗଲେ ଅଫେରା ରାସ୍ତାରେ।

ବାପା-ମାଆଙ୍କ ମୃତ୍ୟୁ ପରେ ୫ ଭାଇ ଓ ଭଉଣୀ କ'ଣ କରିବେ? କେମିତି ଚଳିବେ? ପ୍ରତିଦିନ ଖାଇବେ କ'ଣ? ଏମିତି କେତେକଣ ଚିନ୍ତା ଭିତରେ ଘାଣ୍ଟି ହେଲେ ବଡ଼ ଝିଅ ଦ୍ରୌପଦୀୟ ତାଙ୍କର ବା ବୟସ କେତେ? ମାତ୍ର ୧୪ ବର୍ଷୟ ଯେଉଁ ବୟସରେ ଖେଳିବା ଓ ପିବା କଥା, ସେହି ବୟସରେ ୪ ଭାଇ ଓ ଭଉଣୀଙ୍କ ବୋଝ ନିଜ ମୁଣ୍ଡରେ ଲଦିଲେ ଦ୍ରୌପଦୀ। ମିଳୁଥିବା ପିଡିଏସ୍ ଚାଉଳ କିନ୍ତୁ ଯଥେଷ୍ଟ ହେଉନାହିଁ। ତେଣୁ ଭାଇ-ଭଉଣୀଙ୍କୁ ଅଜା ଗୋପାଳ ଦେହୁରୀ ଓ ଆଇଙ୍କ ପାଖରେ ଛାଡ଼ି ଘରୁ ପାଦ କାଢ଼ିଲେ ଦ୍ରୌପଦୀ। ସାହିଭାଇଙ୍କ ସହାୟତାରେ ବାପାଙ୍କର ଥିବା ଦୁଇ ଏକର ଜଙ୍ଗଲ ଜମିକୁ ଚାଷ କଲେ। ଏହାଛଡ଼ା ମୂଲମଜୁରୀ ଲାଗିଲେ। ଗାଁରେ ଯିଏ ଡାକିଲା, ତାଙ୍କର କାମ କରିବାକୁ ଗଲେ ଦ୍ରୌପଦୀୟ ଯାହା ମଜୁରୀ ମିଳିଥିଲା, ସେଥିରେ ଚଳୁଛନ୍ତି। ଏବେ କିନ୍ତୁ ଦ୍ରୌପଦୀଙ୍କ ଦୁଃଖ ବି ଯାଇଛି। ଅଜା ଓ ଆଇ ବାର୍ଦ୍ଧକ୍ୟରେ ପଦାର୍ପଣ କଲେଣି। ରୋଷେଇବାସ କରିପାରୁନାହାନ୍ତି। ତେଣୁ ଅଜା-ଆଇ ଓ ଛୋଟ ଛୋଟ ୪ ଭାଇ-ଭଉଣୀଙ୍କ ମୁହଁରେ ଦାନା ଯୋଗାଇବା ପାଇଁ ଦ୍ରୌପଦୀ କାମରୁ ଆସି ରୋଷେଇ କରି ଖାଇବାକୁ ଦେଉଛନ୍ତି।



## ପୁଣି ଖଟିଆରେ ବୁହା ହେଲେ ଗର୍ଭବତୀ



ମୋହନା: ରାସ୍ତାକୁ ଦେଖିଲେ ଭୟ ଲାଗିଛି! ବର୍ଷା ଯୋଗୁ ପାହାଡ଼ିଆ ଘାଟି ରାସ୍ତାରେ ଭୂ-ସ୍ଖଳନ ହୋଇଛି। ରାସ୍ତା ଧୋଇ ହୋଇଯାଇଛି। ବଡ଼ ବଡ଼ ପଥର ବାହାରିଛି। ସେହି ରାସ୍ତାରେ ଚାଲି ଚାଲି ଯିବା କଷ୍ଟକର। ସେପରି ସ୍ଥିତିରେ ସେହି ରାସ୍ତାରେ କେମିତି ଆସିବ ଆମ୍ବୁଲାନ୍ସ? ପାଦେ ପାଦେ ବିପଦ ଥିବା ସତ୍ତ୍ୱେ ଜଣେ ଗର୍ଭ ଯନ୍ତ୍ରଣାରେ ଜର୍ଜରୀତ ମହିଳାଙ୍କୁ ୫ କିମି ଖଟିଆରେ ବୋହିବାକୁ ବାଧ ହୋଇଥିଲେ ପରିବାର ଲୋକ। ରାଜ୍ୟ ସରକାରଙ୍କ ଏପରି ବିକଳାଙ୍ଗ ଚିତ୍ର ଆସିଛି ଆସିବାସୀ ଅଧ୍ୟୁଷିତ ଗଜପତି ଜିଲ୍ଲାରୁ।

ମୋହନା ବ୍ଲକ୍ ବିରିକୋଟ ପଞ୍ଚାୟତ ପିଲିକା ଗାଁର ସୁକାନ୍ତ ମଣ୍ଡଳଙ୍କ ପତ୍ନୀ ପ୍ରମିଳା ଆଜି ସକାଳେ ଗର୍ଭ ଯନ୍ତ୍ରଣା ପାଇଥିଲେ। ତାଙ୍କୁ ମେଡ଼ିକାଲ୍ ନେବା ପାଇଁ ପରିବାର ଲୋକେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଫୋନ୍ କଲ ପାଇ ଆମ୍ବୁଲାନ୍ସ ଆସିଲା। ହେଲେ ରାସ୍ତା ଖରାପ ଯୋଗୁ ଗାଁକୁ ଯାଇପାରିଲା ନାହିଁ। ପିଲିକା ଗାଁଠାରୁ ୫ କିମି ଦୂରରେ ଅଟକିଲା ଆମ୍ବୁଲାନ୍ସ।

ପରିବାର ଲୋକେ ଆଶା ଦିଦିଙ୍କ ସହାୟତା ଗର୍ଭବତୀଙ୍କୁ ପିଲିକା ଗାଁରୁ ପୁଇପାଣି ଚକ ଯାଏଁ ୫ କିମି ଘାଟି ରାସ୍ତା ଖଟିଆରେ ବୋହି ନେଇଥିଲେ। ଘାଟି ରାସ୍ତାରେ ପାଦେ ପାଦେ ବିପଦ ରହିଛି। ଟିକେ ଅନ୍ୟମନସ୍କ ହେଲେ ଘାଟି ରାସ୍ତାରେ ଗଳି ପଡ଼ିବାର ଭୟ ରହିଛି। ଏହା ସତ୍ତ୍ୱେ ଜୀବନକୁ ବାଜି ଲଗାଇ ମହିଳାଙ୍କୁ ଖଟିଆରେ ବୋହି ନେଇଥିଲେ। ପରେ ମହିଳା ବିରିକୋଟ ମେଡ଼ିକାଲରେ ଭର୍ତ୍ତି କରିଥିଲେ।

ସୂଚନାରୁ ପ୍ରକାଶ, ରାଜ୍ୟ ସରକାର ବିକାଶ ବଡ଼ବଡ଼ କଥା କହୁଛନ୍ତି। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା ଖଞ୍ଜି ଦେଇଥିବା ଶାସକ ଦଳର ନେତାମାନେ କହି ବଲୁଛନ୍ତି। ହେଲେ ସେମାନଙ୍କ ଆଖିରେ କ'ଣ ପଡୁନି ପିଲିକା ଗାଁକୁ ଯାଇଥିବା ରାସ୍ତାର ବିକଳ ଚିତ୍ର? ଏ ରାସ୍ତାର ଚିତ୍ର କେବେ ବଦଳିବ? କେତେଦିନ ପର୍ଯ୍ୟନ୍ତ ଖଟିଆରେ ବୁହାହେବେ ଗର୍ଭବତୀ? ନା ସାରା ଜୀବନ ଏମିତି ଯନ୍ତ୍ରଣାଦାୟକ ଜୀବନ ବିତାଇବେ ଗାଁ ଲୋକେ।

## ମନ କିଣି ପାରୁନି ପର୍ଯ୍ୟଟକ ସ୍ଥଳି



ଭୁବନେଶ୍ୱର: ଦେଶୀ ହୁଅନ୍ତୁ କି ବିଦେଶୀ, ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରୁନି ଓଡ଼ିଶା। ଅନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ସେପ୍ଟେମ୍ବର ୨୭ ବିଶ୍ୱ ପର୍ଯ୍ୟଟନ ଦିବସରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରାଳୟ ପକ୍ଷରୁ ପ୍ରକାଶିତ ଇଣ୍ଡିଆ ଟୁରିଜିମ୍ ଷ୍ଟାଟିଷ୍ଟିକ୍ସ ବା ଭାରତ ପର୍ଯ୍ୟଟନ ପରିସଂଖ୍ୟାନ-୨୦୨୨ରୁ ଏହା ସ୍ପଷ୍ଟ ହୋଇଛି। ଗତବର୍ଷ ସର୍ବାଧିକ ପର୍ଯ୍ୟଟକ ଆସିଥିବା ଟପ୍ ଟେନ୍ ରାଜ୍ୟ ଭିତରେ ଓଡ଼ିଶାର ସ୍ଥାନ ନାହିଁ। ଗୋଟିଏ ପଟେ ଓଡ଼ିଶା ପର୍ଯ୍ୟଟନର ବିକାଶ ହେଉଥିବା ନେଇ ରାଜ୍ୟ ସରକାର ଡିଣ୍ଡିମ ପିଟୁଥିବା ବେଳେ, ଅନ୍ୟପଟେ ଏହା ଭିତରୁ ଯେ କେତେ ଫମ୍ପା ଶବ୍ଦ ବାହାରୁଛି, ତାହା ସ୍ପଷ୍ଟ କରିଛି କେନ୍ଦ୍ରର ରିପୋର୍ଟ। କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରାଳୟର ଇଣ୍ଡିଆ ଟୁରିଜିମ୍ ଷ୍ଟାଟିଷ୍ଟିକ୍ସ ରିପୋର୍ଟ ମୁତାବକ, ୨୦୨୧ରେ ଉଭୟ ଭାରତୀୟ ଓ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ଦୃଷ୍ଟିରୁ, ଶ୍ରେଷ୍ଠ ୧୦ ରାଜ୍ୟ ତାଲିକାରେ ସ୍ଥାନ ପାଇନି ଓଡ଼ିଶା। ଡୋମେଷ୍ଟିକ୍ ଟୁରିଷ୍ଟ୍ ରାଙ୍କିଙ୍ଗରେ ୧୮ ଓ ଫରେନ୍ ଟୁରିଷ୍ଟ୍ ରାଙ୍କିଙ୍ଗର ୨୦ତମ ସ୍ଥାନରେ ରହିଛି ଆମ ରାଜ୍ୟ। ଏଠାକୁ ଗତବର୍ଷ ୩୭ ଲକ୍ଷ ୪୨ ହଜାର ୨୨୧ ଭାରତୀୟ ପର୍ଯ୍ୟଟକ ଓଡ଼ିଶା ଆସିଥିବା ବେଳେ ବିଦେଶରୁ ଆସିଥିଲେ ମାତ୍ର ୨ହଜାର ୨୬୯ ଜଣ। ୨୦୨୦ରେ ଏହାଠୁ ଅଧିକ ଟୁରିଷ୍ଟ୍ ଆସିଥିଲେ। ମୋଟାମୋଟି କହିବାକୁ ଗଲେ, ଗତବର୍ଷ ଦେଶରେ ବୁଲାବୁଲି କରିଥିବା ମୋଟ ପର୍ଯ୍ୟଟକଙ୍କ ମଧ୍ୟରୁ ଶତକଡ଼ା ୧ ଭାଗ ବି ଓଡ଼ିଶା ଆସିନାହାନ୍ତି।

କେବଳ ଏତିକି ନୁହେଁ, ଏଏସ୍ଆଇ ଟିକେଟେଡ୍ ମନ୍ୟୁମେଣ୍ଟ ବା ଐତିହ୍ୟସ୍ଥଳ ବର୍ଗରେ ବି ଓଡ଼ିଶା ପଛରେ ପଡ଼ିଛି। ବିଦେଶୀ ପର୍ଯ୍ୟଟକ ବୁଲିଥିବା ଟପ୍ ଟେନ୍ ମନ୍ୟୁମେଣ୍ଟ ଭିତରେ ଓଡ଼ିଶାରୁ ଗୋଟିଏ ବି ନଥିବା ବେଳେ ଭାରତୀୟ ପର୍ଯ୍ୟଟକ ବୁଲିଥିବା ଟପ୍ ଟେନ୍ ମନ୍ୟୁମେଣ୍ଟ୍ ଭିତରେ କେବଳ କୋଣାର୍କ ସୂର୍ଯ୍ୟ ମନ୍ଦିର ରହିଛି। ତାହା ବି ୭ ନମ୍ବରରେ।

## ୩ ବର୍ଷର ବିଲ୍ ଦେଇ ବିଜୁଳି କାଟି ଦେଲେ, ଅନ୍ଧାରରେ ୪ ଗାଁ

କଲ୍ୟାଣସିଂହପୁର : ମାସକୁ ମାସ ବିଦ୍ୟୁତ ବିଲ୍ ଆଦାୟ କଲେନି। ଏକାଥରେ ୩ ବର୍ଷର ବିଲ୍ ଧରାଇ ଦେଇଦେଲା ବିଦ୍ୟୁତ ଯୋଗାଣକାରୀ ସଂସ୍ଥା ସାଉଥ୍କୋ। ଗାଁ ଲୋକେ ବିଲ୍ ଦେବାକୁ ଅସମର୍ଥ ହେବାରୁ ବିଜୁଳି କାଟି ଦେଇଥିଲା ସାଉଥ୍କୋ। ଯେଉଁଥିପାଇଁ ବର୍ଷେରୁ ଅଧିକ ସମୟ ଧରି ୪ଟି ଗାଁ ଅନ୍ଧକାରରେ ରହିଛି। ଏପରି ଚିତ୍ର ଦେଖିବାକୁ ମିଳିଛି ଆଦିବାସୀ ଅଧ୍ୟୁଷିତ ରାୟଗଡ଼ ସଦର ବ୍ଲକରେ।



ନାକିଟି ପଞ୍ଚାୟତର ୪ ଗ୍ରାମ ଟୁଡୁଲେଲେରୀ, ପାଙ୍ଗାଲେଲେରୀ, ପରମଝୋଲା ଓ କାଲୁଗାଁରେ ୧୦୦ରୁ ଅଧିକ ପରିବାର ବାସ କରୁଛନ୍ତି। ୩ ବର୍ଷ ତଳେ ଏହି ଗାଁ ଗୁଡ଼ିକୁ ବିଦ୍ୟୁତ ସଂଯୋଗ ଦିଆଯାଇଥିଲା। 'ଉପଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା'ରେ ବିଦ୍ୟୁତ ବିତରଣ କମ୍ପାନୀ ସାଉଥ୍କୋ ୨୦୧୯ ମସିହାରେ ଗାଁକୁ ବିଜୁଳି ସଂଯୋଗ ଦେଇଥିଲା। ବିଦ୍ୟୁତ ସଂଯୋଗ ପୂର୍ବରୁ ଖୁଣ୍ଟ ପୋତା, ଗାତ ଖୋଳିବା ଓ ଅନ୍ୟାନ୍ୟ କାମ ସାଉଥ୍କୋ କିମ୍ବା କମ୍ପାନୀ ଦ୍ୱାରା ନିଯୁକ୍ତ ଠିକାଦାର ଶ୍ରମିକ ଲଗାଇ କରିବା କଥାୟ ହେଲେ କମ୍ପାନୀ ମଧୁର ମଧୁର କଥା କହି ସେହି କାମରେ ଗାଁ ଲୋକଙ୍କୁ ନିୟୋଜିତ କରିଥିଲା। ଏଥିପାଇଁ ଦେ ଲକ୍ଷ ଟଙ୍କାର ପାରିଶ୍ରମିକ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲା। କମ୍ପାନୀ କଥାକୁ ବିଶ୍ୱାସ କରି ଗାଁ ଲୋକେ କାମ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ସାଉଥ୍କୋ ଗାଁ ଲୋକଙ୍କୁ ଠକିଦେଇଥିବା ଅଭିଯୋଗ ହୋଇଛି। ମଜୁରି ବାବଦକୁ ଦେ ଲକ୍ଷ ଟଙ୍କା ନଦେଇ ବିଜୁଳି ସଂଯୋଗ ଦେଇ ପଳାଇ ଆସିଲା ସାଉଥ୍କୋ। ହେଲେ ମାସକୁ ମାସ ବିଜୁଳି ବିଲ୍ ଆଦାୟ କରିବାକୁ ଭୁଲି ଯାଇଥିଲା ସାଉଥ୍କୋ। ତିନି ବର୍ଷ ପରେ ମନେ ପଡ଼ିଥିଲା ବିଜୁଳି ବିଲ୍ କଥା। ହଠାତ୍ ଗାଁ ଲୋକଙ୍କ ପାଖକୁ ଆସିଲା ବିଦ୍ୟୁତ ବିଲ୍। ଗାଁ ଲୋକେ ବିଲ୍ ଦେଖି ଚମକି ପଡ଼ିଥିଲେ। ୩ ବର୍ଷରେ ଜଣାକା ୪ରୁ ୫ ହଜାର ଟଙ୍କାର ବିଲ୍ ଆସିଥିବା ଦେଖିବାକୁ ପାଇଥିଲେ।

କାମଦାମ କରି ଚଳୁଥିବା ଜଣେ ଗରିବ ଆଦିବାସୀ ଲୋକ ଏତେ ଟଙ୍କା କେମିତି ଦେବେ? ତେଣୁ ବିଲ୍ ଦେବାକୁ ଅସମର୍ଥ ହେଲେ ଗାଁ ଲୋକ। ଯେଉଁଥିପାଇଁ ବିଦ୍ୟୁତ ସଂଯୋଗ କାଟି ଦେଇଥିଲା ସାଉଥ୍କୋ। ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ୪ଟି ଗାଁ ଲୋକ ଅନ୍ଧକାରରେ ରହୁଛନ୍ତି। ଅନ୍ଧକାର ଭିତରେ ଗାଁର ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଛି ବିଦ୍ୟୁତ ଖୁଣ୍ଟ। ଯାହାକୁ ନେଇ ଗାଁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କିଛି ଦିନ ତଳେ ରାୟଗଡ଼ା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମୀ ନାରାୟଣ ସାବତ ଅନ୍ଧାରରେ ଥିବା ଗାଁ ଟୁଡୁଲେଲେରୀକୁ ଯାଇଥିଲେ। ସେହି ସମୟରେ ଗାଁ ଲୋକେ ତାଙ୍କ ପାଖରେ ଅଭିଯୋଗ କରିଥିଲେ। ବିଦ୍ୟୁତ ସଂଯୋଗର ୩ ବର୍ଷ ପରେ ସାଉଥ୍କୋ ୪ରୁ ୫ ହଜାର ଟଙ୍କାର ବିଲ୍ ପଠାଇଥିବା କହିଥିଲେ। ବିଡିଓ ସବୁ କଥା ଶୁଣିବା ପରେ ବିଦ୍ୟୁତ ବିଭାଗ ସହିତ କଥା ହେବେ ବୋଲି ଗାଁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସତରେ କ'ଣ ଅନ୍ଧକାରରେ ଥିବା ୪ ଗାଁରେ ପୁଣି ଥରେ ଜଳିପାରିବ ବିଦ୍ୟୁତ? ଗାଁ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି କ'ଣ ବିଡିଓ ପୂରଣ କରିବେ? ସାଉଥ୍କୋ ପାଇଁ କାମ କରିଥିବା ଗାଁ ଲୋକଙ୍କୁ ମିଳିବ ତ ବକେୟା ମଜୁରୀ? ବର୍ତ୍ତମାନ ଏମିତି ଅସମାହୀତ ପ୍ରଶ୍ନବାଚୀ ଭିତରେ ଛନ୍ଦି ହୋଇପଡ଼ିଛି ୪ ଗାଁର ଭାଗ୍ୟ। ତଥାପି ଗାଁ ଲୋକଙ୍କ ମନରେ ବିଶ୍ୱାସ ରହିଛି ପୁଣି ଥରେ ଗାଁରେ ଜଳିବ ବିଦ୍ୟୁତ୍।

## ପୈତୃକ ସମ୍ପତ୍ତିରେ ଉତ୍ତରାଧିକାରୀଙ୍କୁ ହକ୍ ଦେବାକୁ ରାଜସ୍ୱ ବିଭାଗର ନୂଆ ନିର୍ଦ୍ଦେଶନାମା

ଭୁବନେଶ୍ୱର : ଦୀର୍ଘଦିନ ଧରି ପଡ଼ି ରହିଥିବା ଜମିଜମା ବିବାଦର ସମାଧାନ ହେବ କି? ସହଜ ହେବ କି ଉତ୍ତରାଧିକାରୀଙ୍କୁ ସତ୍ତ୍ୱ ହସ୍ତାନ୍ତରଣ ? ଏସବୁ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ଆଣୁଛନ୍ତି ନୂଆ ନିୟମ। ପୈତୃକ ସଂପତ୍ତିରେ ଉତ୍ତରାଧିକାରୀଙ୍କୁ ହକ୍ ଦେବା ପାଇଁ ରାଜସ୍ୱ ବିଭାଗର ନୂଆ ନିର୍ଦ୍ଦେଶନାମା ଜାରି କରିଛି।

ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଜାରି ହୋଇଥିବା ନିର୍ଦ୍ଦେଶନାମା ଅନୁସାରେ ୧୯୯୦ ମସିହା ଅର୍ଥାତ ଦୀର୍ଘ ୩୨ ବର୍ଷ ଭିତରେ ଆଉ ସେଟେଲ୍ମେଣ୍ଟ୍ ହୋଇନାହିଁ। ଯାହା ଫଳରେ ପୈତୃକ ସ୍ୱତ୍ତ୍ୱାଧିକାର ସେମାନଙ୍କ ଉତ୍ତରାଧିକାରୀଙ୍କ ପାଖକୁ ହସ୍ତାନ୍ତରଣରେ ସମସ୍ୟା ଉପୁଜିଛି। ପିଏମ୍ କିଷାନ ଭଳି ସରକାରୀ ଯୋଜନା, ଯେଉଁଥିରେ ଚାଷୀଙ୍କ ନାଁରେ ସ୍ୱତ୍ତ୍ୱ ବା ଜମିପଟା ଥିବାର ସର୍ତ୍ତାବଳି ରହୁଛି, ସେ କ୍ଷେତ୍ରରେ ଏସବୁ ଯୋଜନାରେ ସାମିଲ ହେବାରୁ ବଞ୍ଚିତ ହେଉଛନ୍ତି ହିତାଧିକାରୀ। ସେହିପରି ଚାଷୀଙ୍କୁ ଇନ୍ପୁଟ୍ ସବ୍ସିଡି ଓ ବ୍ୟାଙ୍କରୁ ଋଣ ନେବାରେ ସମସ୍ୟା ହେଉଛି। ଉକ୍ତ ସଂପତ୍ତିର ରାଜସ୍ୱ ମଧ୍ୟ ଠିକଣା ଭାବେ ମିଳିପାରୁ ନାହିଁ। ଏହାକୁ ଦୃଷ୍ଟିରେ ରଖି ଜମିର ମାଲିକାନା ପରିବର୍ତ୍ତନ ବେଳେ ରାଜସ୍ୱ ନିରୀକ୍ଷକମାନେ ସଂପୂର୍ଣ୍ଣ ରାଜସ୍ୱ ସଂଗ୍ରହ କରି ଠିକଣା ସ୍ୱତ୍ତ୍ୱ ପ୍ରଦାନ କରିବା ଦିଗରେ କାର୍ଯ୍ୟ କରିବେ ବୋଲି ଚିଠିରେ ଲେଖାଯାଇଛି।

ନିର୍ଦ୍ଦେଶନାମାରେ ଆହୁରି ମଧ୍ୟ ଦର୍ଶାଯାଇଛି ଯେ ରାଜସ୍ୱ ବିଭାଗର ଭୂ-ସଂସ୍କାର ଆଇନ୍ ୧୯୬୦ ଅନୁଯାୟୀ ଜମି ବଣ୍ଟନ ବେଳେ ସବୁ ଅଂଶୀଦାରମାନେ ସ୍ୱାକ୍ଷର ଦେଲେ, ଏହାର ବଣ୍ଟନ ହୋଇପାରିବ। ସେହି ଅନୁଯାୟୀ ପ୍ରଶାସନିକ ଅଧିକାରୀମାନେ ପୈତୃକ ସଂପତ୍ତିର ମାଲିକାନା ପରିବର୍ତ୍ତନ ଦିଗରେ ପଦକ୍ଷେପ ସ୍ୱତନ୍ତ୍ର ଅଭିଯାନ କରିବେ। ଏଥିଲାଗି ତହସିଲଦାର ଓ ଅତିରିକ୍ତ ତହସିଲଦାରମାନେ ସ୍ୱତନ୍ତ୍ର କ୍ୟାମ୍ପକୋର୍ଟ ଜରିଆରେ ସତ୍ତ୍ୱ ଅଧିକାରକୁ ନେଇ ଥିବା ବିବାଦର ଅନ୍ତ କରି ପ୍ରକୃତ ହିତାଧିକାରୀଙ୍କୁ ହସ୍ତାନ୍ତରଣ ଦିଗରେ ପଦକ୍ଷେପ ଦେବେ ବୋଲି କୁହାଯାଇଛି। ଏପରିକି ରାଜସ୍ୱ ରଥ ଜରିଆରେ ଲୋକଙ୍କୁ ସଚେତନ କରି ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଏବଂ ଜରୁରୀକାଳୀନ ଭିତ୍ତିରେ ଏ ସମସ୍ତ ବିବାଦର ସମାଧାନ ଦିଗରେ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଓ ଉପ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେବାକୁ ଚିଠିରେ ଉଲ୍ଲେଖ ରହିଛି।

# ୭୬ ବର୍ଷ ପରେ ବି ରାସ୍ତାର ଭାଗ୍ୟ ବଦଳୁନି

ବାସୁଦେବପୁର : ନିର୍ବାଚନ ପରେ ନିର୍ବାଚନ ଯାଉଛି। ନେତା ବଦଳୁଛନ୍ତି। ହେଲେ ଗାଁ ରାସ୍ତାର ଭାଗ୍ୟ ବଦଳୁନି। ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ବିନୋବାଭାବେ ନଗର ପଞ୍ଚାୟତରୁ ଏଭଳି ଦୟନୀୟ ସ୍ଥିତିର ଚିତ୍ର ସାମ୍ନାକୁ ଆସିଛି, ଯାହା ରାଜ୍ୟ ସରକାରଙ୍କ ବିକାଶ ନାରାକୁ ଉପହାସ କରୁଛି। ଦେଶ ସ୍ୱାଧୀନତା ପୂର୍ବରୁ ଏହି ଅଞ୍ଚଳବାସୀ ଯେପରି ଦହଗଞ୍ଜ ହେଉଥିଲେ, ଆଜି ବି ସେହିପରି ଅବସ୍ଥାରେ ଅଛନ୍ତି। ମାଟିକାଦୁଅ ରାସ୍ତାଟି ପକ୍କା କିମ୍ବା ପିଚୁ ରାସ୍ତାରେ ପରିଣତ ହୋଇପାରୁନି। ଫଳରେ ସେମାନଙ୍କର ଆର୍ଥିକ ଉନ୍ନତି ହୋଇପାରୁନି। ଲୋକଙ୍କ ମନରେ ଗୋଟିଏ ପ୍ରଶ୍ନ ଆଉ କେବେ ସେମାନଙ୍କ ନିମନ୍ତେ 'ଅଛେ ଦିନ୍' ଆସିବ? ଗାଁଗୁଡ଼ିକୁ ରାସ୍ତା ସଂଯୋଗ କରିବାକୁ ଅନେକ ଯୋଜନା ରହିଛି। ହେଲେ ସେସବୁ ବିନୋବାଭାବେ ନଗର ପଞ୍ଚାୟତ ପାଇଁ ମୂଲ୍ୟହୀନ ପ୍ରମାଣିତ ହୋଇଛି। ଭଲ ରାସ୍ତାଟିଏ ନ ଥିବାରୁ ଆମ୍ବୁଲନ୍ସ ବା ଦମକଳ ଗାଡ଼ିଟିଏ ଗାଁକୁ ଆବଶ୍ୟକ ସମୟରେ ପହଞ୍ଚି ପାରୁନି। ଆମ୍ବୁଲାନ୍ସ ଆସିପାରୁ ନ ଥିବାରୁ ବର୍ଷ ବର୍ଷ ଧରି ଯନ୍ତ୍ରଣା ଭୋଗୁଛନ୍ତି ଗ୍ରାମର ଗର୍ଭବତୀ, ବୃଦ୍ଧବୃଦ୍ଧା ଓ ସାଧାରଣ ଲୋକ।



ଏଠାରେ କେହି ଗର୍ଭ ଯନ୍ତ୍ରଣାରେ ପଡ଼ିଲେ ବହୁ କଷ୍ଟରେ ତାଙ୍କୁ ଡାକ୍ତରଖାନା ନେବାକୁ ପଡୁଛି। ବର୍ଷାଦିନେ ଲୋକେ ସବୁଠାରୁ ବେଶୀ ହିନସ୍ତା ହେଉଛନ୍ତି

ସୂଚନା ମୁତାବକ, ବାସୁଦେବପୁର-ଧାମରା ରାସ୍ତାର କଣ୍ଟିଆନାଳୀ ଛକ ଠାରୁ ଏହି ରାସ୍ତା ବିନୋବାଭାବେ ନଗର ପଞ୍ଚାୟତ ଦେଇ ସମୁଦ୍ର ଲୁଣାବନ୍ଧ ପର୍ଯ୍ୟନ୍ତ ତିନି କିଲୋମିଟର ଲମ୍ବିଛି। ଏହି ରାସ୍ତା ଉପରେ ପ୍ରାୟ ୪ ହଜାରରୁ ଅଧିକ ଲୋକ ନିର୍ଭର କରିଥାନ୍ତି। କେବଳ ବିନୋବାଭାବେ ନଗର ପଞ୍ଚାୟତ ନୁହଁ, ପଡୋଶୀ ଗୋପବନ୍ଧୁ ନଗର ପଞ୍ଚାୟତର ଲୋକ ମଧ୍ୟ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଖରାଦିନରେ ଯାହି ଯେମିତି ଲୋକେ ଏହି ରାସ୍ତା ଉପରେ ଯାତାୟାତ କରିଥାନ୍ତି, ହେଲେ ବର୍ଷା ଦିନ ଆସିଲେ ଦୁର୍ଦ୍ଦଶା ବଢ଼ିଯାଏ। ଘରୁ ପାଦ କାଢ଼ିଲେ କାଦୁଅ ଲଟପଟ ରାସ୍ତାରେ ହିନସ୍ତା ହୋଇ ଲୋକେ ଗନ୍ତବ୍ୟ ସ୍ଥଳରେ ପହଞ୍ଚୁଛନ୍ତି।

ଏହି ରାସ୍ତା ଦେଇ ଗାଡି ମୋଟର ନେଇ ଯିବା ତ' ଦୂରର କଥା, ସାଇକେଲ ଖଣ୍ଡେ ଧରି ବାହାରିଲେ ଏହାକୁ କାନ୍ଧରେ ବୋହି ଯିବାକୁ ପଡୁଛି। ରାସ୍ତା ଖରାପ ଥିବା ଯୋଗୁ ଦମକଳ ହେଉ ଅବା ଆମ୍ବୁଲାନ୍ସ ଗାଁ ଭିତରକୁ ପଶି ନପାରି ତିନି କିଲୋମିଟର ଦୂରରେ ଛିଡ଼ା ହେଉଛନ୍ତି। ରାସ୍ତା ସମସ୍ୟା ନେଇ ଗ୍ରାମବାସୀ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବିଡିଓ ଓ ବିଧାୟକଙ୍କୁ ମଧ୍ୟ ଅବଗତ କରିଛନ୍ତି। ହେଲେ ଆଜିଯାଏଁ ସମସ୍ୟା ସମାଧାନ ହୋଇପାରିଲାନାହିଁ।

ସୂଚନା ଥାଉକି, ଗାଁରୁ ସହରର ଦୂରତା କମିବ। ଗାଁର ଲୋକ ସହଜ ଆଉ ସୁବିଧାରେ ସହରକୁ ପହଞ୍ଚି ପାରିବେ। ଗାଁରୁ ସହର ମଧ୍ୟରେ ଏହି ଦୂରତା କମାଇବା ପାଇଁ ସରକାର ସବୁବେଳେ ଯତ୍ନବାନ। ଲୋକମାନଙ୍କ ମୌଳିକ ସୁବିଧାକୁ ଗୁରୁତ୍ୱ ଦେବାପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଥିପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ଗାଁର ଚିତ୍ରକୁ ବଦଳା ଯାଉଛି। ହେଲେ ଏହି ପଞ୍ଚାୟତରେ ସବୁ ବ୍ୟତିକ୍ରମ ଦେଖିବାକୁ ମିଳିଛି। କାରଣ ପଞ୍ଚାୟତର ମୁଖ୍ୟ ରାସ୍ତାର ସ୍ଥିତି ବର୍ଷ ବର୍ଷ ଧରି ସୁଧୁରି ପାରୁନି। ପିଚୁ କଂକ୍ରିଟ ତ ଦୂରର କଥା, ରାସ୍ତାରେ ମୋରମ ମୁଠେ ବି ପଡିପାରୁନାହିଁ।

# ୩ ବର୍ଷରେ ରାଜ୍ୟରେ ବନ୍ଦ ହୋଇଛି ୧୨୦ ଅଣୁଶିଳ୍ପ !



ଭୁବନେଶ୍ୱର : ଗତ ୩ ବର୍ଷରେ ଓଡ଼ିଶାରେ ବନ୍ଦ ହୋଇଛି ୧ କୋଟିରୁ କମ ପୁଂଜିରେ ଚାଲୁଥିବା ୧୨୦ଟି ଅଣୁ ଶିଳ୍ପ। ତେବେ ଏହି ସମୟରେ ୭,୬୫୦ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପରୁ କିଛି ବନ୍ଦ ହୋଇନାହିଁ। ଅଣୁ ଶିଳ୍ପ ବନ୍ଦ କାରଣରୁ ୩ ବର୍ଷରେ ଚାକିରି ହରାଇଛନ୍ତି ୨୯୧୫ଜଣ। ରାଜ୍ୟରେ ପଂଜୀକୃତ ହୋଇଛନ୍ତି ୧.୯୧ ଲକ୍ଷ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ।

କରୋନା ଓ ପୁଂଜି ଅଭାବରୁ ଗତ ତିନି ବର୍ଷରେ ଓଡ଼ିଶାରେ କେତେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବନ୍ଦ ହୋଇଛି ? ଲୋକସଭାରୁ ଏ ନେଇ ମିଳିଛି ଉତ୍ତର। ନିକଟରେ ଅର୍ଥାତ୍ ଜୁଲାଇ ୨୧ ତାରିଖରେ ସଂସଦରେ ଉତ୍ତର ଦେଇଛନ୍ତି କେନ୍ଦ୍ର ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ରାଷ୍ଟ୍ର ମନ୍ତ୍ରୀ ଭାନୁପ୍ରତାପ ସିଂହ ବର୍ମା। ଫଉଦ୍ୟମ ରେଜିଷ୍ଟ୍ରେସନ୍' ବା ଉଦ୍ୟୋଗ ଆଧାର ରେଜିଷ୍ଟ୍ରେସନ୍ ନମ୍ବରରୁ ଏହା ଜଣାପଡ଼ିଛି। ଏହି ତଥ୍ୟ ଅନୁସାରେ ରାଜ୍ୟରେ ଏବେ ୭,୧୦୫ଟି କ୍ଷୁଦ୍ର ଓ ୫୪୫ଟି ମଧ୍ୟମ ଉଦ୍ୟୋଗ କାର୍ଯ୍ୟ କରୁଛି। ଅର୍ଥାତ୍ ମୋଟ ୭,୬୫୦ଟି କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କାର୍ଯ୍ୟ କରୁଛି। କରୋନା ବେଳେ ପୁଂଜି ଅଭାବ ଭଳି କିଛି ବଡ଼ ସମସ୍ୟା ଦେଖାଦେଇଥିଲେ ସୁଦ୍ଧା ଏଥିରୁ ଗୋଟିଏ ବି ଶିଳ୍ପ ବନ୍ଦ ହୋଇନାହିଁ।

ଶିଳ୍ପୋଦ୍ୟୋଗୀ ସଂଜୀବ ମହାପାତ୍ର କୁହନ୍ତି- ବ୍ୟାଙ୍କର ସହଯୋଗ ଓ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ଅଭାବରୁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଭଲ ସ୍ଥିତିରେ ନାହିଁ। ବଡ଼ ଶିଳ୍ପ ସହ ପ୍ରତିଯୋଗିତା କରିବା କଷ୍ଟକର ହୋଇପଡୁଛି।

ସେହିଭଳି ଶିଳ୍ପୋଦ୍ୟୋଗୀ ତପନ ସ୍ୱାଇଁ କୁହନ୍ତି- ପୂର୍ବ ତୁଳନାରେ ଏମଏମଏମଇରେ ବ୍ୟବସାୟ କରିବା କାଠିକର ପାଠ ହୋଇଛି। ଗତ ତିନି ବର୍ଷରେ ୧ କୋଟି ଟଙ୍କାରୁ କମ୍ ପୁଂଜିନିବେଶରେ କିମ୍ବା ବର୍ଷକୁ ୫ କୋଟି ଟଙ୍କାରୁ କମ୍ କାରବାର କରୁଥିବା କିଛି ଅଣୁ ବା ସୂକ୍ଷ୍ମ ଶିଳ୍ପ ବନ୍ଦ ହୋଇଯାଇଥିବା ଦେଖାଯାଇଛି ଆଉ କିଛି କର୍ମଚାରୀ ଚାକିରି ହରାଇବା ଦେଖାଯାଇଛି। ତିନି ବର୍ଷରେ ୧,୮୩,୯୫୪ ଅଣୁ ଶିଳ୍ପରୁ ୧୨୦ଟି ଅଣୁ ଶିଳ୍ପ ବନ୍ଦ ହୋଇଛି ଓ ୨,୯୧୫ ଜଣ ଚାକିରି ହରାଇଥିବା ଦେଖାଯାଇଛି। ଅନ୍ୟ ଅର୍ଥରେ କହିଲେ, ପ୍ରତି ୧ ହଜାର ଅଣୁ ଶିଳ୍ପରେ ୬ଟି ବନ୍ଦ ହୋଇଯାଇଛି। ଓଡ଼ିଶାରେ ବର୍ତମାନ ୧୨୦ଟି ଶିଳ୍ପାଂଚଳ ରହିଥିବା ବେଳେ ଏଥିରେ ୬,୩୩୩ଟି ଶିଳ୍ପ ସଂସ୍ଥା ଲିଜ ସୂତ୍ରରେ ଜମି ପାଇଛନ୍ତି। ତେବେ ଏମାନଙ୍କ ଭିତରୁ ମାତ୍ର ୩୦୯୦ଟି କାର୍ଯ୍ୟକ୍ଷମ ଅଛି ବୋଲି ଜୁଲାଇ ୨୯ ତାରିଖରେ ଉତ୍ତର ଦେଇଥିଲେ ରାଜ୍ୟ ଶିଳ୍ପ ମନ୍ତ୍ରୀ ପ୍ରତାପ ଦେବ। ଅନ୍ୟ ଅର୍ଥରେ କହିଲେ ଏବେ ଶିଳ୍ପାଂଚଳଗୁଡ଼ିକରେ କେବଳ ୪୯% ବା ଅଧା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଚାଲୁରହିଛି। ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟିରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ଅଧିକ ଗୁରୁତ୍ୱ ରହିଥିବା ବେଳେ ସରକାର ଅଚଳ ଶିଳ୍ପକୁ ଚଳାଇବା ଦିଗରେ ବିଶେଷ ପଦକ୍ଷେପ ନେଉନାହାନ୍ତି ବୋଲି ମତ ପ୍ରକାଶ ପାଉଛି।

# ନକଲି ବଜାରର ଆକାର ୨.୬ ଲକ୍ଷ କୋଟି ଟଙ୍କା





## ସରକାର ସହୁଛନ୍ତି କ୍ଷତି

ନୂଆଦିଲ୍ଲୀ: ଅବୈଧ ଓ ନକଲି ଜିନିଷ କାରବାର ହେଉଥିବା ମାର୍କେଟର ଆକାର ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଶେଷ କରି ୫ଟି କ୍ଷେତ୍ରରେ ଅବୈଧ ଜିନିଷର କାରବାର ଅଧିକ ରହିଛି। ଘର ସାଜମ, ବ୍ୟକ୍ତିଗତ ଜିନିଷ, ପ୍ୟାକେଜଡ ଖାଦ୍ୟ, ବିଭିନ୍ନ ପ୍ରକାରର ତମ୍ବାଖୁ, ନିଶାଦ୍ରବ୍ୟ ଓ ମୋବାଇଲ ଫୋନ ଭଳି ୫ଟି କ୍ଷେତ୍ରରେ ନକଲି ଜିନିଷ ଅଧିକ ପ୍ରଚଳିତ ରହିଛି। ୨୦୧୯-୨୦ରେ ନକଲି ବଜାରର ପରିମାଣ ୨,୬୦,୦୯୪ କୋଟି ଟଙ୍କା ରହିଥିବା ରିପୋର୍ଟ ପ୍ରକାଶ ପାଇଛି। ଏହାର ଅର୍ଥ ଏତେ ପରିମାଣ ନକଲି ଜନିଷ ଲୋକମାନେ କିଣିଥିଲେ।

ଏସବୁ କ୍ଷେତ୍ରରେ ନକଲି ଜିନିଷ ଯୋଗୁ ସରକାର ୨୦୧୯-୨୦ରେ ୫୮,୫୨୧ କୋଟି ଟଙ୍କାର ଟିକସ ହରାଇଛନ୍ତି। ଦୁଇ ପ୍ରମୁଖ ରେଗୁଲେଟଡ ଓ ଟିକସ ଶିଳ୍ପ ତମ୍ବାଖୁ ଓ ନିଶାଦ୍ରବ୍ୟରେ ସରକାର କେବଳ ୪୯% ଟିକସ ବାବଦ ଅର୍ଥ ହରାଇଥିବା ରିପୋର୍ଟ ପ୍ରକାଶ ପାଇଛି। ଏଫଆସିସିଆଇର କମିଟି ଏଗନେଷ୍ଟ ସ୍ମଗଲିଂ ଆଣ୍ଡ କାଉଣ୍ଟରଫିଟିଙ୍ଗ ଆକ୍ଟିଭିଟିଜ ଡେଷ୍ଟ୍ରୋଇଂ ଇକୋନୋମି ବା ସିଏଏସ୍‌ସିଏଡିଇ ପକ୍ଷରୁ କରାଯାଇଥିବା ସର୍ଭେ ବେଳେ ଏପରି ତଥ୍ୟ ସାମ୍ନାକୁ ଆସିଛି।

ଏହି ସର୍ଭେର ଟାଇଟଲ Illicit Markets: A Threat To Our National Interests ରହିଛି। ଏହାକୁ ଗୁରୁବାର ରିଲିଜ କରାଯାଇଥିଲା। ରିପୋର୍ଟ ଅନୁସାରେ ଅବୈଧ ପ୍ୟାକେଜ୍‌ଡ ଖାଦ୍ୟ ସାମଗ୍ରୀ ଶିଳ୍ପର ପରିମାଣର ୧,୪୨,୨୮୪ କୋଟି, ଘରୋଇ ସାମଗ୍ରୀ ଓ ବ୍ୟକ୍ତିଗତ ଦ୍ରବ୍ୟ ୫୫,୫୩୦ କୋଟି, ନିଶାଦ୍ରବ୍ୟ ୨୩,୪୬୬ କୋଟି, ତମ୍ବାଖୁ ୨୨,୯୩୦ କୋଟି ଓ ମୋବାଇଲ ଶିଳ୍ପର ପରିମାଣ ୧୫,୮୮୪ କୋଟି ରହିଛି। ଏତେ ପରିମାଣର ନକଲି ଜିନିଷ ଲୋକମାନେ କିଣି ଟିକସ ଫାଙ୍କିଛନ୍ତି।

ଆମେ ଯଦି ନକଲି ମାର୍କେଟର ପ୍ରତିଶତକୁ ବିଚାର କରିବା, ତା'ହେଲେ ୨୦୧୯ରେ ଘରୋଇ ସାମଗ୍ରୀ ଭାଗ ୩୪.୨୫% ରହିଛି। ଏହାପରେ ପ୍ୟାକେଜଡ ଖାଦ୍ୟ ସାମଗ୍ରୀର ଭାଗ ୨୫.୦୯%, ତମ୍ବାଖୁ ୨୦%, ନିଶାଦ୍ରବ୍ୟ ୧୯.୮୭% ଓ ମୋବାଇଲ ଫୋନର ଭାଗ ୭.୫୬% ରହିଛି।

ଏହି ୫ କ୍ଷେତ୍ରରେ ନକଲି ଦ୍ରବ୍ୟର କାରବାର ଯୋଗୁ କର୍ମଚାରୀ କ୍ଷତିର ପରିମାଣ ୧୫.୯୬ ଲକ୍ଷ। ଏହାର ପ୍ରଭାବ ମଧ୍ୟ ଅର୍ଥନୀତିରେ ଉପରେ ପଡୁଛି ଓ ଚାକିରି ସୁଯୋଗ ହ୍ରାସ ପାଉଛି।

ବଜାରରେ ନୂଆ

# ଜିଓର ୫ଜି ସେବା, ଅଛି ମାଗଣା ଅଫର




ମୁମ୍ବାଇ: ପବିତ୍ର ଦଶହରାରେ ରିଲାଏନ୍ସ ଜିଓ ତରଫରୁ ଦେଶରେ ଆରମ୍ଭ ହେବ ୫ଜି ମୋବାଇଲ ସେବା। ପ୍ରାଥମିକ ପର୍ଯ୍ୟାୟରେ କମ୍ପାନୀ ୪ଟି ସହରରେ ସେବା ଯୋଗାଇ ଦେବ। ଦିଲ୍ଲୀ, ମୁମ୍ବାଇ, କୋଲକାତା ଓ ବାରାଣସୀରେ ଲୋକମାନେ ୫ଜି ସେବାର ସୁବିଧା ପାଇପାରିବେ।

୫ଜି ସେବା ଲଞ୍ଚ କରିବା ପୂର୍ବରୁ ଆଜି ରିଲାଏନ୍ସ ପକ୍ଷରୁ ଜିଓ ୫ଜି ୱେଲକମ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର ଜରିଆରେ ଗ୍ରାହକମାନେ ଅନଲିମିଟେଡ ୫ଜି ଡାଟା, ତା' ପୁଣି ୧ଜିବିପିଏସ୍+ ସ୍ପିଡରେ ପାଇବେ। ବର୍ତ୍ତମାନ ଜିଓ ତା'ର ୫ଜି ସେବା ପାଇଁ ବେଟା ଟ୍ରାଏଲ୍ସ ବ୍ୟବସ୍ଥା କରିଛି। ଏହାର ଅର୍ଥ ସମସ୍ତେ ଜିଓ ୫ଜି ନେଟୱର୍କର ସୁବିଧା ପାଇପାରିବେ ନାହିଁ।

ବର୍ତ୍ତମାନ ସମୟରେ ଆପଣ ଯଦି ଉପରୋକ୍ତ ୪ ସହରରେ ରହୁଛନ୍ତି ଓ ଆପଣଙ୍କ ପାଖରେ ୫ଜି ସ୍ମାର୍ଟଫୋନ ରହିଛି, ତା'ହେଲେ ଆପଣଙ୍କୁ ଜିଓ ୫ଜି ୱେଲକମ ଅଫର ମିଳିପାରିବ। କମ୍ପାନୀ ଏଯାଏ କୌଣସି ୫ଜି ପ୍ଲାନ୍ସ ବା ସ୍ୱତନ୍ତ୍ର ପ୍ୟାକ୍ ସମ୍ପର୍କରେ ଘୋଷଣା କରିନାହିଁ। ତେଣୁ ପ୍ୟାକ୍ ଘୋଷଣା ହେବା ଯାଏ ୫ଜି ଫୋନ ରଖିଥିବାର ଜିଓ ବ୍ୟବହାରକାରୀ ମାଗଣାରେ ୫ଜି ନେଟୱର୍କର ଫାଇଦା ପାଇପାରିବେ। ୨୦୧୭ରେ ଜିଓ ୪ଜି ସେବା ଲଞ୍ଚ କରିଥିଲା। ଗ୍ରାହକମାନେ ୱେଲକମ ଅଫର ଜରିଆରେ ମାଗଣାରେ ୪ଜି ସେବାର ଫାଇଦା ଉଠାଇଥିଲେ। ତେଣୁ ଏଥର ମଧ୍ୟ ଜିଓ ସମାନ ରଣନୀତି ଆପଣାଇଛି। ୫ଜି ସେବାର ମାଗଣା ସୁବିଧା ଉଠାଇବା ପରେ କମ୍ପାନୀ ବିଭିନ୍ନ ପ୍ୟାକ୍ ସମ୍ପର୍କରେ ଘୋଷଣା କରିବ ବୋଲି କୁହାଯାଉଛି। ରିଲାଏନ୍ସ କମ୍ପାନୀ ଜିଓ ୫ଜି ୱେଲକମ ଅଫର ଜରିଆରେ ଗ୍ରାହକମାନଙ୍କୁ ଅନଲିମିଟେଡ ୫ଜି ଡାଟା ଯୋଗାଇ ଦେବ।

ଦିଲ୍ଲୀ, ମୁମ୍ବାଇ, କୋଲକାତା ଓ ବାରାଣସୀରେ ରହୁଥିବା ଲୋକମାନେ ୫ଜି ସ୍ମାର୍ଟଫୋନ ରଖିଥିଲେ ଆପେଆପେ ନେଟୱର୍କକୁ ଅପଗ୍ରେଡ କରି ଏହି ସେବା ପାଇପାରିବେ। କେବଳ ଅପଗ୍ରେଡ ପାଇଁ କିଛି ନିୟମ ଓ ନିର୍ଦ୍ଦେଶନାମାକୁ ପାଳନ କରିବାକୁ ପଡ଼ିବ। ଯଦି ଆପଣଙ୍କ ପାଖରେ ୫ଜି ସ୍ମାର୍ଟଫୋନ ରହିଛି, ତା'ହେଲେ ୫ଜି ସେବା ପାଇଁ ଆପଣଙ୍କୁ କୌଣସି ପ୍ରକାରର ନୂଆ ସିମ୍‌ର ଆବଶ୍ୟକ ନାହିଁ।

## ୧୭ରେ ହାଇଦ୍ରାବାଦରେ ହେବ 'ଓଡ଼ିଶା ଇନଭେଷ୍ଟସର ମିଟ୍'ରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ଆସନ୍ତା ନଭେମ୍ବର ୩୦ରୁ ଡିସେମ୍ବର ୪ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ 'ମେକ୍ ଇନ୍ ଓଡ଼ିଶା କନକ୍ଲେଭର ତୃତୀୟ ସଂସ୍କରଣ' ନିମନ୍ତେ ଚଳିତମାସ ୧୭ତାରିଖରେ ହାଇଦ୍ରାବାଦରେ 'ଓଡ଼ିଶା ଇନଭେଷ୍ଟସର ମିଟ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଫିକ୍କି ସହଯୋଗରେ ହେବାକୁ ଥିବା ଏହି ଇନଭେଷ୍ଟସର ମିଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେବେ ବୋଲି ଜଣାପଡ଼ିଛି । ଦୁବାଇ, ଦିଲ୍ଲୀ, ମୁମ୍ବାଇ, ବାଙ୍ଗାଲୁରୁ ପରେ ହାଇଦ୍ରାବାଦରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ମିଳିଥିବା ସୂଚନା ଅନୁସାରେ, ନିବେଶକଙ୍କ ସହ ୱାନ-ଟୁ-ୱାନ୍ ବୈଠକ ଓ ନିବେଶକ ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ସମ୍ବୋଧିତ କରିବେ । ସେଥିପାଇଁ ନିଜର ଜନ୍ମଦିନ ଅକ୍ଟୋବର ୧୬ତାରିଖରେ ରହିଥିଲେ ମଧ ମୁଖ୍ୟମନ୍ତ୍ରୀ ଶ୍ରୀ



ପଟ୍ଟନାୟକ ଏହି ଦିନ ହ୍ରାଇଦ୍ରାବାଦ ଅଭିମୁଖେ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ହାଇଦ୍ରାବାଦର ହୋଟେଲ ତାଜ୍ କ୍ରିଷ୍ଣାରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଅକ୍ଟୋବର ୧୭ତାରିଖରେ ନିବେଶକ, ଶିଳ୍ପପତି ଓ ବିଭିନ୍ନ ବ୍ୟବସାୟିକ କମ୍ପାନୀର ପ୍ରତିନିଧିମାନଙ୍କୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି। ମେକ୍ ଇନ୍ ଓଡ଼ିଶା କନକ୍ଲେଭରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଆମନ୍ତ୍ରଣ ମଧ୍ୟ କରିବେ।

ସୂଚନାଯୋଗ୍ୟ, ସେପ୍ଟେମ୍ବର ୨୮ତାରିଖରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ବାଙ୍ଗାଲୁରୁରେ ଇନଭେଷ୍ଟସର ମିଟ୍ କାର୍ଯ୍ୟକ୍ରମରେ ସାମିଲ ହୋଇ ଶିଳ୍ପପତିମାନଙ୍କୁ ଭେଟିବା ସହ ମେକ୍ ଓଡ଼ିଶା କନକ୍ଲେଭକୁ ଆମନ୍ତ୍ରଣ କରିଥିଲେ।

# ଶସ୍ତା ହେଲା ଏଲ୍‌ପିଜି ସିଲିଣ୍ଡର ଦର




ନୂଆଦିଲ୍ଲୀ: ନବରାତ୍ରୀ ବେଳେ ଗ୍ରାହକଙ୍କୁ ମିଳିଛି ବଡ ଆଶ୍ୱସ୍ତି। କମିଲା ଏଲ୍‌ପିଜି ସିଲିଣ୍ଡର ଦର। ଶସ୍ତା ହୋଇଛି କମର୍ସିଆଲ୍ ସିଲିଣ୍ଡରର ଦାମ୍। ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଅନୁଯାୟୀ ଆଜିଠାରୁ ଦିଲ୍ଲୀରେ ଏଲପିଜି ସିଲିଣ୍ଡର ୨୫.୫୦ ଟଙ୍କା, କୋଲକାତାରେ ୩୬.୫୦ ଟଙ୍କା ଏବଂ ମୁମ୍ବାଇରେ ୩୫.୫୦ ଟଙ୍କା ଶସ୍ତା ହୋଇଛି।

୧୯ କିଲୋଗ୍ରାମ କମର୍ସିଆଲ୍ ସିଲିଣ୍ଡର ଦାମ୍‌ରେ ଏହି ପରିବର୍ତ୍ତନ ଘଟିଛି। ସେପଟେ ଘରୋଇ ତଥା ୧୪.୨ ଏଲ୍‌ପିଜି ସିଲିଣ୍ଡର ଦରରେ କୌଣସି ପରିବର୍ତ୍ତନ ହୋଇନାହିଁ। ଜୁଲାଇ ୬ରେ ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟ ୫୦ ଟଙ୍କା ବୃଦ୍ଧି କରାଯାଇଥିଲା।

କ୍ରମାଗତ ଷଷ୍ଠ ମାସ ପାଇଁ ବ୍ୟବସାୟିକ ସିଲିଣ୍ଡରର ମୂଲ୍ୟ ହ୍ରାସ କରାଯାଇଛି। ମେ ମାସରେ ଏହାର ମୂଲ୍ୟ ୨୩୫୪ ଟଙ୍କାରେ ପହଞ୍ଚିଥିଲା, କିନ୍ତୁ ସେବେଠାରୁ ଏହା କ୍ରମାଗତ ଭାବେ ହ୍ରାସ ପାଇଚାଲିଛି। ସେପ୍ଟେମ୍ବରରେ ମଧ ୧୦୦ ଟଙ୍କା ଦର କମିଥିଲା।

ଇଣ୍ଡିଆନ୍ ଅଏଲ୍ ଅନୁଯାୟୀ, ୧୯ କିଲୋଗ୍ରାମ ଏଲପିଜି ସିଲିଣ୍ଡର ଦର ଆଜିଠାରୁ ଦିଲ୍ଲୀରେ ୧୮୯୫.୫୦ ଟଙ୍କା, କୋଲକାତାରେ ୧୯୫୯ ଟଙ୍କା, ମୁମ୍ବାଇରେ ୧୮୧୧.୫୦ ଟଙ୍କା ଏବଂ ଚେନ୍ନାଇରେ ୨୦୦୯.୫୦ ଟଙ୍କା ଉପଲବ୍ଧ ହେବ। ବ୍ୟବସାୟିକ ଗ୍ୟାସ ସିଲିଣ୍ଡରର ମୂଲ୍ୟ ହ୍ରାସ ହେବା ସହିତ ହୋଟେଲ, ରେଷ୍ଟୁରାଣ୍ଟ ଏବଂ ଢ଼ାବାରେ ଖାଇବା ପିଇବା ଶସ୍ତା ହୋଇପାରେ ବୋଲି ଆଶା କରାଯାଉଛି।

ସେପଟେ ପ୍ରାକୃତିକ ଗ୍ୟାସ ମୂଲ୍ୟ ୪୦ ପ୍ରତିଶତ ବୃଦ୍ଧି ପାଇ ରେକର୍ଡ ସ୍ତରରେ ପହଞ୍ଚିଛି। ବର୍ତ୍ତମାନ ପାଇପ୍ ମାଧ୍ୟମରେ ରୋଷେଇ ଘରେ ପହଞ୍ଚୁଥିବା ଉଘଏ ଏବଂ ଚଘଏ ଗ୍ୟାସର ମୂଲ୍ୟରେ ବୃଦ୍ଧି ହୋଇପାରେ ବୋଲି ସୂଚନା ରହିଛି।

# ପୃଥିବୀକୁ ବାହ୍ୟ ଆକ୍ରମଣରୁ ରକ୍ଷା ପାଇଁ ନାସାର ଫର୍ମୁଲା



ନୂଆଦିଲ୍ଲୀ: ପୃଥିବୀକୁ ବାହ୍ୟ ଆକ୍ରମଣରୁ ରକ୍ଷା କରିବାର ଡ୍ରାଏ ରନ୍ ପ୍ରକ୍ରିୟା ଆରମ୍ଭ ହୋଇଛି। ଯଦି ପୃଥିବୀ ଉପରେ ବାହାରୁ ଆକ୍ରମଣ ହେଲେ, କେମିତି ତାର ମୁକାବିଲା କରାଯାଇପାରିବ, ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ତରଫରୁ ଏହାର ଏକ ପରୀକ୍ଷାମୂଳକ ଉଦ୍ୟମ କରାଯାଇଛି। ଏହାକୁ କୁହାଯାଉଛି ଆନ୍ତଃଗ୍ରହ ପ୍ରତିରକ୍ଷା ବ୍ୟବସ୍ଥା । ପୃଥିବୀଠାରୁ ୧୧ ନିୟୁତ କିଲୋମିଟର ଦୂରରେ ଥିବା ଏକ ଗ୍ରହାଣୁ ଡିମୋରଫସ୍ ନିକଟରେ ପହଞ୍ଚିଛି । ନାସାର ମହାକାଶଯାନ ଡାର୍ଟ ଡିମୋରଫସ୍ର ଆକାର ଏକ ବଡ଼ ଫୁଟବଲ ପଡ଼ିଆ ପରି। ତାସହିତ ଧକ୍କା ହୋଇ ତାକୁ ନଷ୍ଟ କରିବ ସ୍ପେସ୍କ୍ରାଫ୍ଟ ଡାର୍ଟ । ଆସନ୍ତାକାଲି ଭୋର୍ ସମୟରେ ଏହି ଧକ୍କା ହେବ ବୋଲି ଆକଳନ କରଯାଇଛି। ଆମେରିକାରୁ ଏହାର ସିଧା ମନିଟରିଂ କରାଯାଉଛି । ୨୦୨୧ ନଭେମ୍ବରରେ ଡାର୍ଟକୁ ମହାକାଶକୁ ଛଡ଼ା ଯାଇଥିଲା। ଯଦି ଏହା ସଫଳ ହୁଏ ତେବେ, ପୃଥିବୀ ଆଡ଼କୁ ମାଡ଼ି ଆସୁଥିବା ଗ୍ରହାଣୁକୁ କିପରି ମହାକାଶରେ ଧ୍ୱଂସ କରାଯାଇ ପାରିବ ବା ତାର ଗତି ଓ ଦିଗ ବଦଳା ଯାଇ ପାରିବ, ସେ ନେଇ ମିଳିବ ଏକ ବଡ଼ ସଫଳତା । ମୋଟାମୋଟି ଭାବେ ପୃଥିବୀ ଉପରେ ବାହାରୁ ଆକ୍ରମଣ ହେଲେ, କିପରି ତାର ମୁକାବିଲା କରାଯାଇପାରିବ, ଏହା ତାର ଏକ ପରୀକ୍ଷାମୂଳକ ଉଦ୍ୟମ।

# ଫୁଁସକି ଗଲା ପୁଞ୍ଜି ବୋମା !



ଭୁବନେଶ୍ୱର : କାହିଁକି ପଡ଼ୋଶୀ ରାଜ୍ୟ ଭଳି ଓଡ଼ିଶାକୁ ଆସୁନି ପୁଞ୍ଜିନିବେଶ ? ତେଲେଙ୍ଗାନାକୁ ଆସୁଛି ଓଡ଼ିଶାର ପ୍ରାୟ ୫୦ ଗୁଣ, ପଶ୍ଚିମବଙ୍ଗକୁ ୨୦ଗୁଣ ବିଦେଶୀ ପୁଞ୍ଜି। ୩ ବର୍ଷରେ ଦେଶକୁ ପ୍ରାୟ ୧୨ ଲକ୍ଷ କୋଟି ଟଙ୍କାର ବିଦେଶୀ ପୁଞ୍ଜି ଆସିଛି। ହେଲେ ଓଡ଼ିଶାକୁ ଆସିନି ୧ ହଜାର କୋଟି ଟଙ୍କାର ବିଦେଶୀ ପୁଞ୍ଜି ! ଓଡ଼ିଶାରେ ୫ ବର୍ଷରେ ୩୨୯ ବଡ଼ ପ୍ରକଳ୍ପରୁ କାର୍ଯ୍ୟକ୍ଷମ ହୋଇଛି ୩୦ଟି ପ୍ରକଳ୍ପ। ଆଉ ୮.୧୧ ଲକ୍ଷ କୋଟି ଟଙ୍କା ସ୍ଥାନରେ ମାତ୍ର ୧୧ ହଜାର କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଛି। ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ଭଳି ପଡୋଶୀ ରାଜ୍ୟ ତୁଳନାରେ ଓଡ଼ିଶାକୁ ବିଶେଷ ବିଦେଶୀ ପୁଞ୍ଜି ଆସୁନି। ଦେଶକୁ ଆସୁଥିବା ବିଦେଶୀ ପୁଞ୍ଜିରୁ ଓଡ଼ିଶାକୁ ଖୁବ୍ ନଗଣ୍ୟ ଆସୁଛି। ସଂସଦରେ ରାଜ୍ୟର ସାଂସଦମାନଙ୍କ ପ୍ରଶ୍ନର ଉତ୍ତର ଦେବା ବେଳେ ବାରମ୍ବାର କେନ୍ଦ୍ର ସରକାର ଦେଉଥିବା ତଥ୍ୟରୁ ଏହି ବାସ୍ତବ ଚିତ୍ର ପଦାକୁ ଆସୁଛି। ୨୦୨୧ ମାର୍ଚ୍ଚ ୮ ତାରିଖରେ ବିଜେଡି ସାଂସଦ ମହେଶ ସାହୁଙ୍କ ପ୍ରଶ୍ନର ଉତ୍ତର ହେଉ, କିମ୍ବା ବିଜେଡି ସାଂସଦ ସସ୍ମିତ ପାତ୍ରଙ୍କୁ ନିକଟରେ ୨୦୨୨ ଜୁଲାଇ ୨୨ ତାରିଖରେ ମିଳିଥିବା ଉତ୍ତରରୁ ଏହା ସ୍ପଷ୍ଟ ହେଉଛି। ଭାରତକୁ ପ୍ରତି ବର୍ଷ ପ୍ରାୟ ୫/୬ ଲକ୍ଷ କୋଟିର ବିଦେଶୀ ପୁଂଜି ନିବେଶ ଆସୁଥିବା ବେଳେ ଗତ ତିନି ବର୍ଷରେ ଓଡ଼ିଶାକୁ ମାତ୍ର ୯୪୯.୯୯ କୋଟି ଟଙ୍କା ବିଦେଶୀ ପୁଞ୍ଜି ଆସିଥିବା ରାଜ୍ୟସଭାରେ କେନ୍ଦ୍ର ବାଣିଜ୍ୟ ରାଷ୍ଟ୍ର ମନ୍ତ୍ରୀ ସୋମ ପ୍ରକାଶ କହିଛନ୍ତି। ଆଉ ଏଥରୁ ୯୦ ଭାଗରୁ ଅଧିକ ବିଦେଶୀ ପୁଞ୍ଜି ଖଣିଜ ଶିଳ୍ପ ପାଇଁ ଆସିଛି।

ଉତ୍କଳ ଚାମ୍ବର ଅଫ୍ କମର୍ସ ସଭାପତି ବ୍ରହ୍ମା ମିଶ୍ର କହିଛନ୍ତି: ଗୋଟିଏ ଇସ୍ପାତ କାରଖାନା ବସାଇବା ପାଇଁ ନିହାତି ୫ ବର୍ଷ ଲାଗୁଛି। ଓଡ଼ିଶାରେ ଆଗକୁ ଯଥେଷ୍ଟ ଇସ୍ପାତ ଓ ଆଲୁମିନିୟମ ଶିଳ୍ପ ଆସୁଛି। ତେବେ ଡାଉନଷ୍ଟ୍ରିମ୍ ଇଣ୍ଡଷ୍ଟ୍ରି ଓ ଏମଏସଏମଇ ଶିଳ୍ପରେ ଓଡ଼ିଶା ଆଶାନୁରୂପ ଆଗେଇ ନାହିଁ।

ଗତ ୫ ବର୍ଷରେ ରାଜ୍ୟ ସରକାର ୩୨୯ଟି ବୃହତ୍ ଶିଳ୍ପକୁ ଏକକ-ବାତାୟନ ପ୍ରଣାଳୀରେ ମଂଜୁରୀ ଦେଇଥିଲେ। ଏହି ପ୍ରକଳ୍ପଗୁଡ଼ିକ ଜରିଆରେ ୮.୧୧ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ହେବ ବୋଲି ଆଶା ରଖିଥିଲେ। ହେଲେ ବାସ୍ତବ କ୍ଷେତ୍ରରେ ମାତ୍ର ୧୧,୨୫୮ କୋଟି ଟଙ୍କାର ପୁଞ୍ଜି ବ୍ୟୟରେ ୩୦ଟି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଛି ବୋଲି ରାଜ୍ୟ ସରକାର ଉତ୍ତର ଦେଇଛନ୍ତି। ତେବେ ୫ ବର୍ଷରେ ମାତ୍ର ୧୨,୦୩୬ କୋଟି ଟଙ୍କା ନିବେଶରେ ୨.୬୪ ଲକ୍ଷ ଲଘୁ ଓ ମଧ୍ୟମ ଉଦ୍ୟୋଗ ୟୁନିଟ୍ ପ୍ରତିଷ୍ଠା ହୋଇପାରିଛି ବୋଲି ରାଜ୍ୟ ସରକାର ସଂସଦ ଜରିଆରେ ଉତ୍ତର ଦେଇଛନ୍ତି। ଏହି ତଥ୍ୟକୁ ଦେଖିଲେ ଗତ ୫ ବର୍ଷରେ ୧୦ ପ୍ରତିଶତ ବୃହତ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରିନଥିବା ବେଳେ ୨% ପୁଂ ମଧ୍ୟ ଆସିନଥିବା ଦେଖାଯାଇଛି। ଏକକ-ବାତାୟନ ପ୍ରଣାଳୀରେ ରାଜ୍ୟ ସରକାରଙ୍କ ମଂଜୁରୀ ସହ ଲିଜରେ ଜମି ନେଉଥିବା ଅଧିକାଂଶ ସଂସ୍ଥା ଶିଳ୍ପ ପ୍ରତିଷ୍ଠା କରୁନଥିବା ଦେଖାଯାଉଛି।

ଚାର୍ଟାଡ ଏକାଉଣ୍ଟାଣ୍ଟ ପ୍ରଦୀପ ସାହୁ କହିଛନ୍ତି: ଯଥେଷ୍ଟ ଶିଳ୍ପ ପ୍ରତିଷ୍ଠା ନହେବା ପଛରେ କରୋନା ଏକ କାରଣ। ତା ସହ ଓଡ଼ିଶା ଅନ୍ୟ ରାଜ୍ୟ ଭଳି ବିଭିନ୍ନ ଟିକସ ଦେଇନପାରୁଥିବାରୁ ଶିଳ୍ପପତିମାନେ ଯଥେଷ୍ଟ ଆକୃଷ୍ଟ ହେଉନାହାନ୍ତି ଓ ସେଭଳି ବୈଦେଶିକ ପୁଞ୍ଜି (ଏଫଡିଆଇ) ବି ଆସିପାରୁନି।

# ଲୁହରେ ଭିଜିଲା ଝୁଲଣଙ୍କ ଶେଷ ମ୍ୟାଚ୍



ଲର୍ଡସ: ଦୀର୍ଘ ୨୦ ବର୍ଷର ଲମ୍ବା ଅନ୍ତର୍ଜାତୀୟ କ୍ରିକେଟ କ୍ୟାରିୟରର ଶେଷ ମ୍ୟାଚ୍ ଖେଳିବାକୁ ଭାରତୀୟ ମହିଳା ଦଳର ଝୁଲଣ ଗୋସ୍ୱାମୀ ଐତିହାସିକ ଲର୍ଡସ ପଡ଼ିଆକୁ ଓହ୍ଲାଇଛନ୍ତି। ଇଂଲଣ୍ଡ ବିପକ୍ଷରେ ସେ ଏହି ଶେଷ ମ୍ୟାଚ୍ ଖେଳିଛନ୍ତି। ମ୍ୟାଚ୍ ପୂର୍ବରୁ ଝୁଲଣ ଗୋସ୍ୱାମୀଙ୍କୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ସମ୍ବର୍ଦ୍ଧିତ କରାଯାଇଥିଲା।

ତେବେ ଝୁଲଣଙ୍କ ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ପୂର୍ବରୁ ଭାବବିହ୍ୱଳ ହୋଇଯାଇଥିଲେ ଭାରତୀୟ ମହିଳା ଦଳର ଅଧିନାୟକ ହରମନପ୍ରୀତ କୌର। ଏପରି କି ସେ କାନ୍ଦି ମଧ୍ୟ ପକାଇଥିଲେ। ଏହା ଦେଖି ତାଙ୍କ ପାଖରେ ଥିବା ଝୁଲଣ ଗୋସ୍ୱାମୀ ତାଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ଏହାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, କୌର ଅଧିନାୟକ ହୋଇଥିଲେ ମଧ୍ୟ ଝୁଲଣ ଗୋସ୍ୱାମୀଙ୍କୁ ସେ ଟସ୍ ବେଳେ କଲ୍ କରିବାକୁ କହିଥିଲେ। ମ୍ୟାଚ୍ ପୂର୍ବରୁ ୩୯ ବର୍ଷୀୟ ଝୁଲଣ ଗୋସ୍ୱାମୀଙ୍କୁ ସ୍ୱତନ୍ତ୍ର ମୋମେଣ୍ଟୋ ଦିଆଯାଇଥିଲା। ଏହାକୁ କ୍ୟାପ୍ଟେନ ହିସାବରେ ହରମନପ୍ରୀତ କୌର ତାଙ୍କୁ ଦେଇଥିଲେ। କୌର ଓ ଗୋସ୍ୱାମୀଙ୍କ ସମ୍ପର୍କ ବେଶ ପୁରୁଣା। ୩୩ ବର୍ଷୀୟ କୌର ଭାରତ ପାଇଁ ୨୦୦୯ରେ ଡେବ୍ୟୁ କରିବା ବେଳେ ଝୁଲଣ ଅଧିନାୟକ ରହିଥିଲେ। ଏବେ କୌରଙ୍କ କ୍ୟାପ୍ଟେନ୍ସି ସମୟରେ ଝୁଲଣ ଅବସର ନେଇଛନ୍ତି।

ଝୁଲଣ ଗୋସ୍ୱାମୀ ବିଶ୍ୱର ସର୍ବାଧିକ ୱିକେଟ ଦଖଲକାରୀ କ୍ରିକେଟର ଭାବେ ଆଜି ଅବସର ନେଉଛନ୍ତି। ସେ କ୍ରିକେଟର ୩ଟି ଯାକ ଫର୍ମାଟରେ ମୋଟ ୩୫୩ ୱିକେଟ ଦଖଲ କରିଛନ୍ତି। ବିଶ୍ୱକପରେ ମଧ୍ୟ ସର୍ବାଧିକ ୪୩ଟି ୱିକେଟ ନେବାର ରେକର୍ଡ ତାଙ୍କ ନାଁରେ ରହିଛି। ଅନ୍ତର୍ଜାତୀୟ କ୍ରିକେଟରେ ସେ ସବୁଠାରୁ ଅଧିକ ୨୨୬୦.୨ ଓଭର ଏଯାଏ ବୋଲିଂ କରିଛନ୍ତି।

ସେ ଭାରତ ପାଇଁ ୧୨ଟି ଟେଷ୍ଟ ମ୍ୟାଚ୍ ଖେଳି ୪୪ଟି ୱିକେଟ ନେଇଛନ୍ତି। ଝୁଲଣ ୨୦୪ଟି ଦିନିକିଆ ମ୍ୟାଚ ଖେଳିଛନ୍ତି। ଏହା ବିଶ୍ୱରେ ଦ୍ୱିତୀୟ ସର୍ବାଧିକ। ସେହିପରି ସେ ୨୦ ବର୍ଷ ୨୬୧ ଦିନ ଧରି କ୍ରିକେଟ ଖେଳିବାର ରେକର୍ଡ ମଧ୍ୟ କରିଛନ୍ତି। ୨୦୦୭ରେ ସେ ଆଇସିସି ଶ୍ରେଷ୍ଠ ମହିଳା କ୍ରିକେଟର ସମ୍ମାନ ପାଇଥିଲେ। ସେ ଭାରତ ପାଇଁ ୨୦୦୫ ଓ ୨୦୧୭ ବିଶ୍ୱକପ ଫାଇନାଲ ଖେଳିଥିଲେ ମଧ୍ୟ ଟ୍ରଫି ଜିତି ପାରି ନାହାନ୍ତି। କିନ୍ତୁ ଏସିଆ କପରେ ଭାରତ ୩ଥର ଚାମ୍ପିୟନ ହେବା ବେଳେ ଟିମ୍‌ରେ ଝୁଲଣ ରହିଥିଲେ।

ସେ ଦୀର୍ଘ ୨୦ ବର୍ଷ ହେଲା କ୍ରିକେଟ ଖେଳିଥିଲେ ମଧ୍ୟ ଭାରତ ବିଶ୍ୱକପ ଜିତି ନ ପାରିବା ସବୁଠାରୁ ପରିତାପର ବିଷୟ ବୋଲି ଝୁଲଣ କହିଛନ୍ତି। ନିଜ ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ପୂର୍ବରୁ ସେ କହିଛନ୍ତି, ମୁଁ ଦୁଇଟି ବିଶ୍ୱକପ ଫାଇନାଲ ଖେଳିଛି। ହେଲେ ଭାରତ ଟ୍ରଫି ଜିତିବାକୁ ସକ୍ଷମ ହୋଇନାହିଁ। ଏହା ହିଁ ମୋ ଜୀବନର ସବୁଠାରୁ ପରିତାପର ବିଷୟ। କାରଣ ଜଣେ ଖେଳାଳି ୪ ବର୍ଷ ଧରି ବିଶ୍ୱକପ ପାଇଁ ପ୍ରସ୍ତୁତ କରିଥାଏ। କଠିନ ପରିଶ୍ରମ ମଧ୍ୟ କରିବାକୁ ପଡ଼େ। ବିଶ୍ୱକପ ଟ୍ରଫି ଜିତିବା ପ୍ରତିଟି କ୍ରିକେଟରଙ୍କ ସ୍ୱପ୍ନ।ନ୍ତ ଭାରତ ପାଇଁ ଡେବ୍ୟୁ କରିବା ତାଙ୍କ କ୍ୟାରିୟରର ସବୁଠାରୁ ସ୍ମରଣୀୟ ମୁହୂର୍ତ୍ତ ବୋଲି ଝୁଲଣ କହିଛନ୍ତି।

ସେ କହିଛନ୍ତି, ଭାରତ ପାଇଁ ଖେଳିବାର ସୁଯୋଗ ପାଇବା ଓ ପ୍ରଥମ ଓଭର ବୋଲିଂ କରିବା ହିଁ ମୋ ପାଇଁ ସବୁଠାରୁ ବଡ଼ ମୁହୂର୍ତ୍ତ ଥିଲା। କାରଣ ଟ୍ରେନିଂ ପାଇଁ ମୁଁ ପ୍ରତିଦିନ ଲୋକାଲ ଟ୍ରେନରେ ଅଢ଼େଇ ଘଣ୍ଟା ଯାତ୍ରା କରେ। ୧୯୯୭ ମସିହାରେ ଇଡେନ ଗାର୍ଡେନରେ ମହିଳା ବିଶ୍ୱକପ ଫାଇନାଲ ଚାଲିଥିଲା। ଏହି ସମୟରେ ମୁଁ ବଲଗାର୍ଲ ଭାବେ ରହିଥିଲି। ପ୍ରଥମଥର ପାଇଁ ମୁଁ ମହିଳା ବିଶ୍ୱକପ ଫାଇନାଲ ଦେଖିଥିଲି। ଏଥିସହ ସେବେଠାରୁ ଭାରତ ପାଇଁ ଖେଳିବାର ସ୍ୱପ୍ନ ମୁଁ ଦେଖିବା ଆରମ୍ଭ କରିଥିଲି। ଯେଉଁଦିନ ଭାରତ ପାଇଁ ଡେବ୍ୟୁ କଲି ସେଦିନ ମୋ ସ୍ୱପ୍ନ ପୂରଣ ହୋଇଥିଲା।

ଝୁଲଣ ଗୋସ୍ୱାମୀ ଭାରତ ପାଇଁ ୨୦୦୨ ମସିହା ଜାନୁଆରୀ ୬ରେ ଡେବ୍ୟୁ କରିଥିଲେ। ଇତି ମଧ୍ୟରେ ସେ ଦେଶ ପାଇଁ ୧୨ଟି ଟେଷ୍ଟ, ୨୦୪ ଦିନିକିଆ ଓ ୬୮ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି।

୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡ଼ା

## କୁସ୍ତି ଆଉଟ, ଶୁଟିଂ ଇନ୍





ନୂଆଦିଲ୍ଲୀ: ଅଷ୍ଟ୍ରେଲିଆର ଭିକ୍ଟୋରିଆରେ ଅନୁଷ୍ଠିତ ହେବାକୁ ଥିବା ୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡ଼ାରୁ କୁସ୍ତି ବାଦ ପଡ଼ିଛି। ୨୦୨୨ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ କୁସ୍ତିଯୋଦ୍ଧାମାନେ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ହେଲେ ୨୦୨୬ରେ କୁସ୍ତିକୁ ଦେଖିବାକୁ ମିଳିବ ନାହିଁ।

ସେହିପରି ୨୦୨୨ ପରି ୨୦୨୬ରେ ମଧ୍ୟ ତୀରନ୍ଦାଜ ବା ଆର୍ଚେରୀକୁ ମଧ୍ୟ ସାମିଲ କରାଯାଇ ନାହିଁ। କିନ୍ତୁ ୨୦୨୨ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରୁ ବାଦ ପଡ଼ିଥିବା ଶୁଟିଂକୁ ୨୦୨୬ରେ ସାମିଲ କରାଯାଇଛି।

୧୯୬୬ରୁ ଶୁଟିଂ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସାମିଲ ରହିଥିଲା। ହେଲେ ପ୍ରଥମଥର ପାଇଁ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରୁ ଏହି ଇଭେଣ୍ଟକୁ ବାଦ ଦିଆଯାଇଥିଲା। ସେହିପରି ୧୯୩୦ ପରଠାରୁ କେବେ ହେଲେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରୁ ବାଦ ପଡ଼ି ନଥିବା କୁସ୍ତି ୨୦୨୬ରେ ଦେଖିବାକୁ ମିଳିବ ନାହିଁ। ଏହାବାଦ ୧୯୮୨ ଓ ୨୦୧୦ରେ ଦୁଇ ଥର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଆର୍ଚେରୀକୁ ସାମିଲ କରାଯାଇଥିଲା। ସବୁଥର ଭଳି ୨୦୨୬ରେ ମଧ୍ୟ ଏହି ଇଭେଣ୍ଟକୁ ରାଜ୍ୟଗୋଷ୍ଠୀ କ୍ରୀଡ଼ାରୁ ବାଦ ଦିଆଯାଇଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଶୁଟିଂ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସାମିଲ ହୋଇଥିବାରୁ ଭାରତ ଅଧିକ ପଦକ ଜିତିବାର ସମ୍ଭାବନା ସୃଷ୍ଟି ହୋଇଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ବିଶ୍ୱର ଦ୍ୱିତୀୟ ଦେଶ ଭାବେ ଏଯାଏ ଶୁଟିଂରେ ସବୁଠାରୁ ଅଧିକ ପଦକ ଜିତିଛି। ଭାରତ ୬୩ଟି ସ୍ୱର୍ଣ୍ଣ, ୪୪ଟି ରୌପ୍ୟ ଓ ୨୮ଟି ବ୍ରୋଞ୍ଜ ପଦକ ସହ ମୋଟ ୧୩୫ଟି ମେଡାଲ ହାତେଇଛି। ୧୭୧ ପଦକ ସହ ଅଷ୍ଟ୍ରେଲିଆ ୧ନଂ ସ୍ଥାନରେ ରହିଛି।

ଅନ୍ୟପକ୍ଷରେ ଭାରତ କୁସ୍ତିରେ ମଧ୍ୟ ଦ୍ୱିତୀୟ ସର୍ବାଧିକ ପଦକ ଜିତିଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ାର କୁସ୍ତି ଇଭେଣ୍ଟରେ ଭାରତ ଏଯାଏ କୁସ୍ତିରେ ମୋଟ ୧୧୪ଟି ପଦକ ହାସଲ କରିଛି। ଏହା ମଧ୍ୟରେ ୪୯ ସ୍ୱର୍ଣ୍ଣ, ୩୯ ରୌପ୍ୟ ଓ ୨୬ ବ୍ରୋ ପଦକ ରହିଛି। ୧୪୭ ପଦକ ସହ କୁସ୍ତି ଇଭେଣ୍ଟରେ କାନାଡା ୧ନଂ ସ୍ଥାନରେ ରହିଛି। ୨୦୨୨ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ ରେସଲରମାନେ ୬ ସ୍ୱର୍ଣ୍ଣ ସହ ୧୨ ପଦକ ଜିତିଥିଲେ।

୨୦୨୬ ଭିକ୍ଟୋରିଆ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଗଲ୍ଫ, ବିଏମଏକ୍ସ ଓ କୋଷ୍ଟାଲ ରୋଇଂ ଡେବ୍ୟୁ କରିବାକୁ ଯାଉଛନ୍ତି। ମୋଟ ୨୨ଟି କ୍ରୀଡ଼ାର ବିଭିନ୍ନ ବର୍ଗକୁ ୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସାମିଲ କରାଯାଇଛି। ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମହିଳା ଟି-୨୦ର ଡେବ୍ୟୁ ହୋଇଥିଲା।

୨୦୨୬ରେ ମଧ୍ୟ କ୍ରିକେଟର ମଜା ଉଠାଇବେ ଦର୍ଶକ। ଭିକ୍ଟୋରିଆରେ ୨୦୨୬ ମାର୍ଚ୍ଚ ୧୭ରୁ ମାର୍ଚ୍ଚ ୨୯ ଯାଏ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଅନୁଷ୍ଠିତ ହେବ। ତେବେ ଏହାର ଗ୍ରାଣ୍ଡ ଓପନିଂ ଇଭେଣ୍ଟ ମେଲବର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡରେ ହେବ।

## କାନ୍ଦିକାନ୍ଦି ଟେନିସକୁ ଅଲବିଦା କହିଲେ ଫେଡେରର

ନୂଆଦିଲ୍ଲୀ: ସରିଛି ରୋଜର ଫେଡରରଙ୍କ ଯୁଗ। ଟେନିସକୁ ଅଲିବଦା କହିଛନ୍ତି କିମ୍ବଦନ୍ତୀ ଫେଡେରର। ଲାଭେର କପ୍‌ରେ ଶେଷ ମ୍ୟାଚ୍ ଖେଳିବା ପରେ ସେ କାନ୍ଦିକାନ୍ଦି ନିଜର ୨୪ ବର୍ଷର ଟେନିସ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି। ଶେଷ ମ୍ୟାଚ୍‌ରେ ଫେଡେରରଙ୍କ ସାଥୀ ହୋଇଥିବା ସ୍ପେନ ତାରକା ରାଫେଲ ନାଡାଲ ମଧ୍ୟ ଭାବବିହ୍ୱଳ ହୋଇ କାନ୍ଦୁଥିବାର ଦୃଶ୍ୟ ସାମ୍ନାକୁ ଆସିଛି। ଅନେକ ମ୍ୟାଚ୍‌ରେ ଫେଡେରର ଓ ନାଡାଲଙ୍କ ମଧ୍ୟରେ କଡ଼ା ଟକ୍କର ଦର୍ଶକ ଦେଖିଥିଲେ। ଦୁଇ ଜଣ ପରସ୍ପରର ଚୀର ପ୍ରତିଦ୍ୱନ୍ଦ୍ୱୀ। ତଥାପି ଫେଡରରଙ୍କ ପାଇଁ ଥିବା ନାଡାଲଙ୍କ ସମ୍ମାନ ଆଜି ପୂରା ବିଶ୍ୱ ଦେଖିଛି।



ଲାଭେର କପ୍‌ରେ ନିଜର ଶେଷ ପ୍ରତିଯୋଗିତାମୂଳକ ମ୍ୟାଚ୍ ଖେଳୁଥିବା ଫେଡେରରଙ୍କ ପତ୍ନୀ ମିରକା, ୪ ପିଲା ଓ ବାପା ମା' ମଧ୍ୟ ଉପସ୍ଥିତ ରହିଥିଲେ। ୨୦ ଥରର ଗ୍ରାଣ୍ଡସ୍ଲାମ ଚାମ୍ପିୟନଙ୍କୁ ବିଦାୟ ଜଣାଇବା ବେଳେ ସମସ୍ତଙ୍କ ଆଖିରେ ଲୁହ ଚାଲି ଆସିଥିଲା। ସେହିପରି ସାଥୀ ଖେଳାଳିମାନେ ମ୍ୟାଚ୍ ପରେ ଫେଡେରରଙ୍କୁ କାନ୍ଦରେ ଉଠାଇଥିଲେ। ଟିମ୍ ୟୁରୋପ ଭାବେ ଫେଡେରର ଓ ନାଡାଲ ଲାଭେର କପରେ ଭାଗ ନେଇଥିଲେ। ଫେଡାଲ ନାମରେ ପରିଚିତ ଏହି ଯୋଡ଼ି ଟିମ୍ ୱାର୍ଲଡରେ ଥିବା ଜ୍ୟାକ ସକ ଓ ଫ୍ରାନ୍ସେସ ଟାଇଫେଙ୍କ ଠାରୁ ୬-୪, ୬(୨)-୭ ଓ ୯-୧୧ରେ ହାରି ଯାଇଛନ୍ତି। ମ୍ୟାଚ୍ ହାରିଥିଲେ ମଧ୍ୟ ଟିମ ୟୁରୋପ ଓ ଟିମ୍ ୱାର୍ଲଡ ଏକାଠି ଫେଡରରଙ୍କୁ ବିଦାୟ ଜଣାଇଥିଲେ। ଗତ ସପ୍ତାହରେ ନିଜର ଅବସର ସମ୍ପର୍କରେ ଘୋଷଣା କରିଥିବା ଫେଡେରର ତାଙ୍କ ପତ୍ନୀ ମିରକାଙ୍କୁ ସବୁ ପ୍ରକାରର ସମର୍ଥନ ପାଇଁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି, ମିରକା ଚାହିଁଥିଲେ ମୋତେ କେଉଁ ଦିନ ଠାରୁ ଟେନିକୁ ଖେଳିବାରୁ ବାରଣ କରିପାରି ଥାଆନ୍ତେ। କିନ୍ତୁ ସେ ସେମିତି କିଛି ବି କରି ନାହାନ୍ତି। ସେ ମୋ ସହ ଛିଡ଼ା ହୋଇଛନ୍ତି ଓ ମୋତେ ଖେଳିବାକୁ ଅନୁମତି ଦେଇଛନ୍ତି। ଏହା ମୋତେ ଆନନ୍ଦ ଦେଇଛି। ସେଥିପାଇଁ ତାଙ୍କୁ ଧନ୍ୟବାଦ। ଏଥିସହ ସେ ନିଜର ପରିବାର ଓ ମା'ଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ଫେଡେରର ୨୦ଥର ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିଛନ୍ତି। ସେ ୬ ଥର ଅଷ୍ଟ୍ରେଲିଆ ଓପନ ଟାଇଟଲ୍ସ, ଗୋଟିଏ ଥର ଫ୍ରେଞ୍ଚ ଓପନ ଟ୍ରଫି, ୮ଥର ୱିମ୍ବେଲଡନ ଟ୍ରଫି ଓ କ୍ରମାଗତ ୫ଥର ଆମେରିକା ଓପନ ଟାଇଟଲ ଜିତିବାର ରେକର୍ଡ କରିଛନ୍ତି। ନିଜର ଏଟିପି ଟୁର କ୍ୟାରିୟରରେ ସେ ୧୨୫୧ ଥର ଜିତିଛନ୍ତି। ଏହା ବିଶ୍ୱରେ ଦ୍ୱିତୀୟ ସର୍ବାଧିକ। ତାଙ୍କ ଉପରେ ୧୨୭୪ ଏଟିପି ବିଜୟ ସହ ଜିମ୍ମି କୋନର୍ସ ରହିଛନ୍ତି। ଫେଡେରର ୧୦୩ ଟୁର ଲେଭଲ ଟ୍ରଫି ଅର୍ଥାତ ଏଟିପି ଟାଇଟଲ ଜିତିଛନ୍ତି। ୧୯୯୮ରେ ନିଜର ପ୍ରଥମ ଏଟିପି ଟୁର ମ୍ୟାଚ୍ ଖେଳିଥିବା ଫେଡେରର ୩୧୦ ସପ୍ତାହ ଧରି ବିଶ୍ୱର ୧ନଂ ଟେନିସ ଖେଳାଳି ହୋଇ ରହିଥିଲେ। ଏହା ମଧ୍ୟରେ ରେକର୍ଡ କ୍ରମାଗତ ୨୩୭ ସପ୍ତାହ ରହିଛି। ମାତ୍ର ୨୧ ବର୍ଷ ବୟସରେ ଫେଡରର ୨୦୦୩ ୱିମ୍ବେଲଡନରେ ନିଜର ପ୍ରଥମ ବଡ଼ ଟ୍ରଫି ଜିତିଥିଲେ। ୨୦୦୩ରୁ ୨୦୦୯ ମଧ୍ୟରେ ସେ ୨୮ଟି ଟୁର୍ଣ୍ଣାମେଣ୍ଟରୁ ୨୧ଟିରେ ଫାଇନାଲ ମ୍ୟାଚ୍ ଖେଳିଥିଲେ।

୨୦୨୦ ଅଷ୍ଟ୍ରେଲିଆ ଓପନରେ ଫେଡେରର ଆହତ ହୋଇଥିଲେ। ଏହାପରେ ସେ ୨୦୨୧ରେ ୱିମ୍ବେଲଡନ ଖେଳିବାକୁ କୋଟକୁ ଓହ୍ଲାଇଥିଲେ। କିନ୍ତୁ କ୍ୱାର୍ଟର ଫାଇନାଲରେ ତାଙ୍କ ଆଣ୍ଠୁରେ ସମସ୍ୟା ଦେଖାଯିବାରୁ ସେ ମ୍ୟାଚ୍ ଖେଳି ନଥିଲେ। ସେବେଠାରୁ ଆଉ ତାଙ୍କୁ ଟେନିସ କୋଟରେ ଦେଖିବାକୁ ମିଳି ନଥିଲା। ଶେଷରେ ୨୦୨୨ ଜୁନ୍ ୧୩ରେ ପ୍ରଥମଥର ପାଇଁ ଫେଡେରର ଟପ୍ ୫୦ ଖେଳାଳିଙ୍କ ତାଲିକାରୁ ବାଦ ପଡ଼ିଥିଲେ। ୨୦୨୨ରେ ଲାଭେର କପ୍‌ରେ ସେ ଯୁଗଳ ମ୍ୟାଚ ଖେଳି ନିଜର ଅନ୍ତର୍ଜାତୀୟ ଟେନିସ କ୍ୟାରିୟରକୁ ଅଲବିଦା କହିଛନ୍ତି।

## ଦିଲୀପ ତିର୍କୀ ହକି ଇଣ୍ଡିଆ ସଭାପତି



ଭୁବନେଶ୍ୱର :ଦିଲୀପ ତିର୍କୀ ହକି ଇଣ୍ଡିଆର ସଭାପତି ନିର୍ବାଚିତ ହୋଇଛନ୍ତି। ନିର୍ଦ୍ୱନ୍ଦ୍ୱରେ ସେ ହକି ଇଣ୍ଡିଆର ସଭାପତି ନିର୍ବାଚିତ ହୋଇଛନ୍ତି। ହକି ଇଣ୍ଡିଆର ସଭାପତି ଭାବେ ନିର୍ବାଚିତ ହେବାରେ ସେ ହେଉଛନ୍ତି ପ୍ରଥମ ଓଡ଼ିଆ। ହକି ଇଣ୍ଡିଆ ସଭାପତି ପଦ ପାଇଁ ଆଉ ଦୁଇ ଜଣ ମଧ୍ୟ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସେମାନେ ହେଉଛନ୍ତି ଉତ୍ତର ପ୍ରଦେଶ ହକି ସଂଘ ମୁଖ୍ୟ ରାକେଶ କଟୟାଲ ଓ ଝାଡ଼ଖଣ୍ଡ ହକି ସଂଘ ମୁଖ୍ୟ ଭୋଳା ନାଥ ସିଂହ। ତେବେ ଦିଲ୍ଲୀପଙ୍କୁ ସମର୍ଥନ କରି ଉଭୟ ରାକେଶ ଓ ଭୋଳା ନାଥ ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନେଇଥିଲେ। ଦିଲ୍ଲୀପ ତିର୍କୀ ଦେଶ ପାଇଁ ୪୧୨ଟି ମ୍ୟାଚ୍ ଖେଳିଛନ୍ତି। ସେ ଭାରତୀୟ ହକି ଟିମ୍‌ର ଅଧିନାୟକ ମଧ୍ୟ ରହିଥିଲେ। ସେ ୧୯୯୫ରେ ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ। ସେ ତାଙ୍କ ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ଇଂଲଣ୍ଡ ବିପକ୍ଷରେ ଖେଳିଥିଲେ। ଦିଲ୍ଲୀପ ତିନିଟି ଅଲିମ୍ପିକ୍ସରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି। ସେ ୧୯୯୬ର ଆଟ୍ଲାଣ୍ଟା ଅଲିମ୍ପିକ୍ସ ସହିତ ୨୦୦୦ର ସିଡ୍‌ନୀ ଓ ୨୦୦୪ର ଏଥେନ୍ସ ଅଲିମ୍ପିକ୍ସ ଖେଳିଛନ୍ତି। ସେ ୨୦୧୦ରେ ଅନ୍ତଜାର୍ତୀୟ ହକିରୁ ଅବସର ନେଇଥିଲେ। ୨୦୧୨ରେ ଦିଲ୍ଲୀପ ବିଜୁ ଜନତା ଦଳ ଟିକେଟ୍‌ରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ।

## ଚାଲିଗଲେ ବଲିଉଡ୍‌ର ବର୍ଷୀୟାନ ଅଭିନେତା ଅରୁଣ ବାଲି



ମୁମ୍ବାଇ: ବଲିଉଡ ଜଗତର ବର୍ଷୀୟାନ ଅଭିନେତା ଅରୁଣ ବାଲିଙ୍କର ପରଲୋକ ଘଟିଛି। ହିନ୍ଦୀ ସିନେମା ଜଗତରେ ଅରୁଣ ଏକ ଜଣାଶୁଣା ନାଁ ଥିଲେ। ତାଙ୍କର ବଳିଷ୍ଠ ଅଭିନୟ ଦର୍ଶକଙ୍କଠାରୁ ଆରମ୍ଭ କରି ଅଭିନେତା ପର୍ଯ୍ୟନ୍ତ ସମସ୍ତଙ୍କୁ ପ୍ରଭାବିତ କରିପାରୁଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୭୯ ବର୍ଷ ହୋଇଥିତଲା। ମୁମ୍ବାଇରେ ସେ ଅନ୍ତିମ ନିଶ୍ୱାସ ତ୍ୟାଗ କରିଛନ୍ତି। ବୟସାଧିକ ଏବଂ ରୋଗବ୍ୟାଧି ହେତୁ ଅରୁଣ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ଅରୁଣ ବିରଳ ନ୍ୟୁରୋମସ୍କୁଲାର ଏବଂ ମାଇଷଥେନିଆ ଗ୍ରାଭିସ ରୋଗରେ ପୀଡିତ ଥିଲେ। ତାଙ୍କୁ ଚଳିତ ବର୍ଷ ଆରମ୍ଭରେ ମୁମ୍ବାଇର ହିରନନ୍ଦନୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାଇଷଥେନିଆ ଗ୍ରାଭିସ ହେଉଛି ଏକ ପ୍ରକାର ଅଟୋମ୍ୟୁମ୍ୟୁନ୍ ଡିସଅର୍ଡର। ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରି ଟିସୁ ପ୍ରଭାବିତ କରେ। ଅରୁଣଙ୍କ ଅଭିନୀତି ଫିଲ୍ମ ମଧ୍ୟରେ ଥ୍ରୀ ଇଡିଅଟ୍ସ, କେଦାରନାଥ, ପାନିପତ, ହେ ରାମ, ଦଣ୍ଡ ନାୟକ, ରେଡ୍ଡି, ଜାମିନ୍, ପୋଲିସୱାଲା ଗୁଣ୍ଡା, ଫୁଲ ଅର ଅଙ୍ଗାର, ଏବଂ ରାମ ଜାନେରେ ତାଙ୍କର ଦମଦାର ଅଭିନୟ ଦର୍ଶକଙ୍କ ପାଖରେ ଅଧିକ ପରିଚୟ କରିପାରିଛି।

ଅରୁଣ ବାଲିଙ୍କର ଦୁଇ ଝିଅ ଆମେରିକାରେ ଅବସ୍ଥାନ କରୁଛନ୍ତି। ଆସନ୍ତାକାଲି ସେମାନେ ଆସି ପହଞ୍ଚିବା ପରେ ବାଲିଙ୍କର ଶେଷକୃତ୍ୟ କରାଯିବ। ୧୯୯୧ ଐତିହାସିକ ସିରିଏଲ୍ ଚାଣକ୍ୟରେ ସେ ରାଜା ପୁରୁ, ଦୂରଦର୍ଶନ ସିରିଏଲ୍ ସ୍ୱାଭିମାନ ରେ କନ୍‌ୱାର ସିଂହ ଭୂମିକାରେ ଅଭିନୟ କରିଛନ୍ତି। ସେହିପରି ୨୦୦୦ ମସିହାର ଚଳଚ୍ଚିତ୍ର ହେ ରାମ୍ ରେ ସେ ଅବିଭକ୍ତ ବଙ୍ଗର ମୁଖ୍ୟମନ୍ତ୍ରୀ ହୁସେନ୍ ଶାହୀଦ ସୁରୱର୍ଦୀ ଭୂମିକାରେ ଅଭିନୟ କରିଥିଲେ। ଏହାଛଡ଼ା, କୁମ୍‌କୁମ୍ ରେ ହର୍ଷବର୍ଦ୍ଧନ ୱାଧୱା ଭଳି ଜେଜେବାପା ଭୂମିକାରେ ଅଭିନୟ କରି ସେ ୨୦୦୦ ମସିହାରେ ଲୋକପ୍ରିୟ ପୁରସ୍କାର ପାଇଥିଲେ। ତାଙ୍କ ମୃତ୍ୟୁରେ ବଲିଉଡ୍ ଜଗତରେ ଶୋକର ଛାୟା ଖେଳିଯାଇଛି।

## ଆଶା ପାରେଖଙ୍କୁ 'ଦାଦା ସାହେବ ଫାଲକେ' ପୁରସ୍କାର

ନୂଆଦିଲ୍ଲୀ: ବଲିଉଡ୍‌ର ଭେଟେରାନ୍ ଅଭିନେତ୍ରୀ ଆଶା ପାରେଖ ନୂଆଦିଲ୍ଲୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ଦାଦା ସାହେବ ଫାଲକେ ପୁରସ୍କାର ଗ୍ରହଣ କରିଛନ୍ତି। ୨୦୨୦ ବର୍ଷ ପାଇଁ ତାଙ୍କୁ ଚଳଚ୍ଚିତ୍ର ଜଗତର ଏହି ସର୍ବୋଚ୍ଚ ପୁରସ୍କାର ପ୍ରଦାନ କରାଯାଇଛି।

ଆଶା ପାରେଖଙ୍କୁ ଦାଦା ସାହେବ ଫାଲକେ ପୁରସ୍କାର ପ୍ରଦାନ ପୂର୍ବରୁ ତାଙ୍କ ଉପରେ ପ୍ରସ୍ତୁତ ଏକ ଛୋଟ ଫିଲ୍ମ ପ୍ରଦର୍ଶିତ କରାଯାଇଥିଲା। ଶିଶୁ କଳାକାର ଭାବେ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ ଆଶା ପାରେଖ। ୧୯୫୨ରେ ୧୦ ବର୍ଷ ବୟସରେ ବିମଳ ରୟଙ୍କ ଫିଲ୍ମ ମା'ରେ ସେ ପ୍ରଥମେ ଅଭିନୟ କରିଥିଲେ। ସେ ୫ରୁ ଅଧିକ ଫିଲ୍ମରେ ଶିଶୁ କଳାକାର ଭାବେ ଅଭିନୟ କରିଥିଲେ। ୧୯୫୯ରେ ରିଲିଜ୍ ହୋଇଥିଲା ଫିଲ୍ମ 'ଦିଲ୍ ଦେକେ ଦେଖୋ'। ସ୍ୱର୍ଗତ ପ୍ରଯୋଜକ ଓ ନିର୍ଦ୍ଦେଶକ ନାସିର ହୁସେନଙ୍କ ଏହି ଫିଲ୍ମରେ ଲିଡ୍ ରୋଲ୍‌ରେ ଆସିଥିଲେ ଆଶା। ଏହା ଥିଲା ତାଙ୍କ ଡେବ୍ୟୁ ଫିଲ୍ମ। ମାତ୍ର ୧୭ ବର୍ଷ ବୟସରେ ସେ ଏହି ଫିଲ୍ମ କରିଥିଲେ। ଆଉ ତା'ପରେ ସେ ପଛକୁ ଚାହିଁ ଦେଖି ନଥିଲେ।

ଦାଦା ସାହେବ ଫାଲକେ ପୁରସ୍କାର ଗ୍ରହଣ କରିବା ପରେ ଆଶା ପାରେଖ ଭାରତ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ସେ କହିଛନ୍ତି, ମୋର ୮୦ତମ ଜନ୍ମଦିନର ଗୋଟିଏ ଦିନ ପୂର୍ବରୁ ମୋତେ ଏହି ପୁରସ୍କାର ପ୍ରଦାନ କରାଯାଇଥିବାରୁ ମୁଁ କୃତଜ୍ଞ। ଭାରତ ସରକାରଙ୍କ ତରଫରୁ ଏହା ମୋ ପାଇଁ ଶ୍ରେଷ୍ଠ ସମ୍ମାନ। ଏଥିପାଇଁ ମୁଁ ଚୟନକର୍ତ୍ତାମାନଙ୍କୁ ଧନ୍ୟବାଦ ଜଣାଉଛି। ମୁଁ ଫିଲ୍ମ ଇଣ୍ଡଷ୍ଟ୍ରିରେ ୬୦ ବର୍ଷ ହେଲା ରହିଛି। ଏବେ ବି ମୁଁ ମୋ ଢଙ୍ଗରେ ଏହି ଇଣ୍ଡଷ୍ଟ୍ରୀ ସହିତ ଜଡ଼ିତ ରହିଛି।



ସେହିପରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରିଥିଲେ। ଅଜୟ ଦେବଗନ ଓ ସୁରିୟା ଶ୍ରେଷ୍ଠ ଅଭିନେତା ଭାବେ ରାଷ୍ଟ୍ରପତିଙ୍କ ଠାରୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଗ୍ରହଣ କରିଥିଲେ। ଅଜୟ ଦେବଗନ ଫିଲ୍ମ 'ତାନାଜୀ: ଦ ଅନ୍‌ସଙ୍ଗ ୱାରିୟର' ପାଇଁ ଏହି ପୁରସ୍କାର ପାଇଥିବା ବେଳେ ସୁରିୟାଙ୍କୁ 'ସୂରାରାଇ ପୋଟ୍ରୁ' ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। 'ସୂରାରାଇ ପୋଟ୍ରୁ' ପାଇଁ ଅପର୍ଣ୍ଣା ବାଲାମୁରଲୀଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି।

Printed, Published and Owned by Badri Narayan Moahanty, Pulished From: Sector-1/163 HIG Dupled, Niladri Vihar, Po- Sailashree Vihar, Bhubaneswar - 751021
Printed at Gayatri Industries, TS//193, Mancheswar Ind. Estate, Bhubaneswar - 751010
Mob: +91-9437073823, E-mail: odishasanket@gmail.com
ସଂପାଦକ : ବଦ୍ରି ନାରାୟଣ ମହାନ୍ତି
Editor : Badri Narayan Mohanty